

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୨ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 02 AUGUST 2021
Vol.No. 32 ■ No. 197 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆଜିଠାରୁ ଭାରତକୁ ମିଳିଲା ୟୁଏନଏସସିର ଅଧ୍ୟକ୍ଷତା



ନୂଆଦିଲ୍ଲୀ,୦୧/୦୮: ଆଜିଠାରୁ ଭାରତ ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦର ଅଧ୍ୟକ୍ଷତା ସମ୍ଭାଳିବାକୁ ଯାଉଛି । ଏହି କ୍ରମରେ ୨୦୨୧ ସୁରକ୍ଷା ପରିଷଦ ବୈଠକରେ ଭାରତ ଅଧ୍ୟକ୍ଷତା କରିବ । ସଂଯୁକ୍ତ ରାଷ୍ଟ୍ରରେ ଭାରତରୁ ପ୍ରତିନିଧିତ୍ୱ କରୁଥିବା ଟି.ଏସ୍ ତିରୁମୂର୍ତ୍ତି କହିଛନ୍ତି କି ଭାରତ ୩ ଟି ଉଚ୍ଚସ୍ତରୀୟ ବୈଠକ କରିବାକୁ ଯାଉଛି । ଯେଉଁଥିରେ ସମୁଦ୍ର ସୁରକ୍ଷା, ଶାନ୍ତି ସ୍ଥାପନା ଓ ଆତଙ୍କବାଦ ମୁକାବିଲା ଭଳି ପ୍ରସଙ୍ଗ ଉପରେ ଆଲୋଚନା ହେବ । ସେହିଭଳି ସଂଯୁକ୍ତ ରାଷ୍ଟ୍ରରେ ଭାରତର ପୂର୍ବତନ ସ୍ଥାୟୀ ପ୍ରତିନିଧି ସୟଦ ଅକବରୁଦ୍ଦିନ କହିଛନ୍ତି କି, ନରେନ୍ଦ୍ର ମୋଦୀ ହେଉଛନ୍ତି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଯିଏ କି ସୁରକ୍ଷା ପରିଷଦ ବୈଠକରେ ଅଧ୍ୟକ୍ଷତା କରିବେ । ଏହା ପୂର୍ବରୁ ୧୯୯୨ ମସିହାରେ ଭାରତର ପ୍ରଧାନମନ୍ତ୍ରୀ ନରସିଂମା ରାଓ ସୁରକ୍ଷା ପରିଷଦ ବୈଠକରେ ସାମିଲ ହୋଇଥିଲେ । ସେ ଆହୁରି କହିଛନ୍ତି କି ଏହି ବୈଠକ ଭର୍ଚୁଆଲ ମାଧ୍ୟମରେ ହେଉଥିଲେ ବି ଏହା ଭାରତ ପାଇଁ ଐତିହାସିକ ସଫଳତା । କହିରଖୁ କି ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦରେ ୧୫ ଟି ଦେଶ ସାମିଲ ଅଛନ୍ତି । ଯେଉଁଥିରେ ୫ ଟି ଦେଶ ସ୍ଥାୟୀ ଓ ୧୦ ଟି ଦେଶ ଅସ୍ଥାୟୀ ସଦସ୍ୟତା ପାଇଛନ୍ତି । ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟ ଥିବା ଦେଶଗୁଡିକ ହେଲେ ଚୀନ, ଫ୍ରାନ୍ସ, ଋଷ, ବ୍ରିଟେନ ଓ ଆମେରିକା । ଏହି ପରିଷଦରେ ଭାରତ ଅସ୍ଥାୟୀ ସଦସ୍ୟତା ପାଇଛି । ଅସ୍ଥାୟୀ ସଦସ୍ୟ ଭାବେ ଭାରତକୁ ୨ ବର୍ଷର କାର୍ଯ୍ୟକାଳ ମିଳିଛି । ଯାହାକି ଜାନୁଆରୀ ପହିଲା ୨୦୨୧ ରୁ ଆରମ୍ଭ ହୋଇଛି । ଅଗଷ୍ଟ ପହିଲାରୁ ଭାରତ ସୁରକ୍ଷା ପରିଷଦର ଅଧ୍ୟକ୍ଷ ଭାବେ କାର୍ଯ୍ୟକରିଛି । ଏହି ଅଧ୍ୟକ୍ଷତା ଗୋଟିଏ ମାସ ପାଇଁ ରହିବ । ପ୍ରତିମାସ ଇଂରାଜୀ ଅକ୍ଷର ଆଧାରରେ ଅଧ୍ୟକ୍ଷତା ବଦଳିବ । ଏହି କ୍ରମରେ ଡିସେମ୍ବର ୨୦୨୨ ରେ ଭାରତକୁ ପୁଣି ଅଧ୍ୟକ୍ଷତା କରିବାର ସୁଯୋଗ ମିଳିବ ।

## ସ୍କୁଲ ଖୋଲିବା ନିଷ୍ପତ୍ତି ନେବ ଗଣଶିକ୍ଷା ବିଭାଗ




ଭୁବନେଶ୍ୱର,୦୧/୦୮ (ନି.ପ୍ର): ଅଗଷ୍ଟରେ ସ୍କୁଲ ଖୋଲିବା ପାଇଁ ଗାଇଡଲାଇନ୍ ଜାରି କରିଛନ୍ତି ଏସଆରସି । ସ୍କୁଲ ଖୋଲିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତି ନେଇ ପାରିବ । ଦ୍ୱାଦଶ ଓ ଦଶମ ଶ୍ରେଣୀ ପାଇଁ ସ୍କୁଲ ଖୋଲା ସରିଛି । ଆସନ୍ତା ୧୬ ତାରିଖରୁ ନବମ ଶ୍ରେଣୀ ପାଠ ପଢା ଜାରି ରହିବ ବୋଲି କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ । ସେ ଆହୁରି କହିଛନ୍ତି ଯେ ଏକାଦଶ ନାମଲେଖା ହୋଇନାହିଁ, ତେଣୁ ପ୍ରଥମ ବର୍ଷ ଖୋଲିବା କଥା ଏବେ ନିଷ୍ପତି ହୋଇନାହିଁ । ପ୍ରଥମରୁ ଅଷ୍ଟମ ନେଇ ବିଭାଗ ତର୍ଜମା କରି ନିଷ୍ପତି ନେବ । ପିଲାମାନଙ୍କ ଭିତରେ ସ୍କୁଲ ଯିବାକୁ ଆଗ୍ରହ ଅଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆଲୋଚନା କରିବ ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ଦାଶ ।

# ଓଏସଏସସି ପରୀକ୍ଷାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଲେ ପରୀକ୍ଷାର୍ଥୀ



କନକ ବ୍ୟୁରୋ,୦୧/୦୮ (ନି.ପ୍ର): ଓଏସଏସସି ସଦସ୍ୟଙ୍କ ପିଏସ ବିରଞ୍ଚି ସାହୁଙ୍କ ଗିରଫ ପରେ ଓଡ଼ିଶା ଷ୍ଟାଫ ସିଲେକ୍ସନ ପରୀକ୍ଷାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଲେ ପରୀକ୍ଷାର୍ଥୀ । ଆସିଷ୍ଟାଣ୍ଟ କମରସିଆଲ ଟ୍ୟାକ୍ସେସ ଅଫିସର ପାଇଁ ଆବେଦନ କରିଥିବା ପରୀକ୍ଷାର୍ଥୀ ପ୍ରଶ୍ନ ଉଠାଇଛନ୍ତି । ସେମାନେ କେତେ ନମ୍ବର ରଖିଛନ୍ତି, ତାର ପେପର ଦେବାକୁ ଦାବି କରିଛନ୍ତି । ଅସାଧୁ ଉପାୟରେ ଚାକିରି କରିଥିବା ପିଲାଙ୍କ ଚାକିରୀ ବାତିଲ କରାଯିବା ସହ ଏହାର ତଦନ୍ତ ପାଇଁ ଦାବି ହୋଇଛି । ଏହାର ପ୍ରତିବାଦରେ ପିଲାମାନେ ଏମଏଲଏ ପାର୍କରେ ଖରାରେ ବସି ପାଠ ପଢି ପ୍ରତିବାଦ ଜଣାଇଛନ୍ତି । ୨୦୧୬ରେ ଆସିଷ୍ଟାଣ୍ଟ କମରସିଆଲ ଟ୍ୟାକ୍ସେସ ଅଫିସର ପାଇଁ ୧୧୫ଟି ପୋଷ୍ଟ ବାହାରିଥିଲା । ୬୦ ହଜାରରୁ ଅଧିକ ପିଲା ଆବେଦନ କରିଥିବା ବେଳେ ୫୧୩ ଜଣ ମେନ୍ ପରୀକ୍ଷା ପାଇଁ ଚୟନ ହୋଇଥିଲେ । ଏଥିରେ ବିଶ୍ୱନାଥ ପଣ୍ଡା ନାମକ ଛାତ୍ର ସିଲେକ୍ଟ ହୋଇଥିଲେ । ହେଲେ ଟଙ୍କା ଦେଇନଥିବାରୁ ତାଙ୍କୁ ଚାକିରି ମିଳିନଥିଲା । ଏପରି ଘଟଣା ଅନେକ ପିଲାଙ୍କ ସହ ଘଟିଥିବା ଅଭିଯୋଗ ହୋଇଛି ।

# ଅଗଷ୍ଟ ୫ ତାରିଖରେ ହେବ ପେଗାସସ ମାମଲାର ସୁପ୍ରିମ କୋର୍ଟରେ ଶୁଣାଣି



ନୂଆଦିଲ୍ଲୀ,୦୧/୦୮ (ନି.ପ୍ର): ସୁପ୍ରିମ କୋର୍ଟ ପେଗାସସ ଗୁଇନ୍ଦାଗିରି ମାମଲା ଉପରେ ପାଂଚ ଅଗଷ୍ଟରେ ଶୁଣାଣୀ କରିବ । ମୁଖ୍ୟ ବିଚାରପତି ଏନ୍‌ବି ରମନା ଏବଂ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ବେଂଚ ଏହି ଆବେଦନ ଉପରେ ଶୁଣାଣୀ କରିବ । ଏହି ମାମଲାରେ ସ୍ୱତନ୍ତ୍ର ଯାଂଚର ଦାବିକୁ ନେଇ ବରିଷ୍ଠ ସାମ୍ବାଦିକ ଏନ୍. ରାମ, ଶଶିକୁମାରଙ୍କ ବ୍ୟତୀତ ଓକିଲ ମନୋହର ଲାଲ ଶର୍ମା ଏବଂ ସିପିଏମ୍ ସାଂସଦ ଜନ୍ ବ୍ରିଟାସ ଆବେଦନ କରିଛନ୍ତି । ୩୦ ଜୁଲାଇ ଦିନ ଏହି ମାମଲାରେ ସୁପ୍ରିମ କୋର୍ଟର ଜଜ୍ ଯାଂଚର ଦାବି ଉପରେ ଶୁଣାଣୀ ପାଇଁ କୋର୍ଟ ପ୍ରସ୍ତୁତ ହୋଇଥିଲା । ବରିଷ୍ଠ ଓକିଲ କପିଲ ଶିବଲ ଚିଫ ଜଷ୍ଟିସ୍ ଏନ୍‌ବି ରମନାଙ୍କ ଅଧ୍ୟକ୍ଷତା ବେଂଚର ଜଲ୍‌ଦି ଶୁଣାଣୀ ପାଇଁ ମେଶନ କରିଥିଲେ । ପରେ କୋର୍ଟ ଅଗଷ୍ଟ ପ୍ରଥମ ସପ୍ତାହରେ ଶୁଣାଣୀ ଆଦେଶ ଦେଇଥିଲେ । ଆବେଦନରେ କୁହାଯାଇଛି ଯେ ପେଗାସସ୍ ଦ୍ୱାରା ସାମ୍ବାଦିକ, ଓକିଲ, ସରକାରଙ୍କ ମନ୍ତ୍ରୀମାନେ, ବିରୋଧୀ ଦଳର ନେତା ଏବଂ ସିଭିଲ୍ ସୋସାଇଟିର କାର୍ଯ୍ୟକର୍ତାଙ୍କ ଜାସୁସୀ କରାଯାଇଛି । ଆବେଦନରେ କୁହାଯାଇଛି ଯେ ଦୁନିଆର ▶▶ପୃଷ୍ଠା ୭

# ବ୍ୟାଡମିଣ୍ଟନରେ ବ୍ରୋଞ୍ଜ ପଦକ ଜିତିଲେ ପିଭି ସିନ୍ଧୁ




ନୂଆଦିଲ୍ଲୀ,୦୧/୦୮: ଟୋକିଓରେ ଭାରତର ଟେକ ରଖିଲେ ପିଭି ସିନ୍ଧୁ । ଦେଶ ପାଇଁ ଆଣିଲେ ବ୍ରୋଞ୍ଜ ପଦକ । ଅଲିମ୍ପିକ୍ସରୁ ଆଜି ଭାରତ ପାଇଁ ଆସିଛି ଖୁସି ଖବର । ବ୍ୟାଡମିଣ୍ଟନରେ ସଟଲର ପିଭି ସିନ୍ଧୁ ଜିତିଲେ ବ୍ରୋଞ୍ଜ ପଦକ । ଆଜି ଖେଳାଯାଇଥିବା ଦମଦାର ଟକ୍କରରେ ସିନ୍ଧୁ ଚାଇନାର ବିଙ୍ଗ୍ ଜିଆଓଙ୍କୁ ଦୁଇଟି ସେଟରେ ପରାସ୍ତ କରି ଦେଶ ପାଇଁ ଆଣିଛନ୍ତି ମେଡାଲ । ୨୧-୧୩ ଏବଂ ୨୧-୧୫ ଦୁଇଟି ସେଟରେ ବିଜୟୀ ହୋଇଛନ୍ତି ପିଭି ସିନ୍ଧୁ । ତେବେ ଗତକାଲି ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ବ୍ୟାଡମିଣ୍ଟନ ସେମିଫାଇନାଲରେ ପରାଜିତ ହୋଇଥିଲେ ପିଭି ସିନ୍ଧୁ । ବିଶ୍ୱର ୧ ନମ୍ବର ବ୍ୟାଡମିଣ୍ଟନ ତାରକା ଚୀନର ତାଇ ଜୁ-ୟିଙ୍ଗଙ୍କ ଠାରୁ ପରାସ୍ତ ହୋଇଥିଲେ ସିନ୍ଧୁ । ଦମଦାର ସେମିଫାଇନାଲ୍ ଟକ୍କରରେ ପ୍ରଥମରୁ ଜବରଦସ୍ତ ପ୍ରଦର୍ଶନ କରିଥିଲେ ସିନ୍ଧୁ । ପ୍ରଥମ ସେଟରେ ଆଗୁଆ ୧୮ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଶେଷରେ ଚମତ୍କାର ପ୍ରଦର୍ଶନ କରି ଜିତିନେଇଥିଲେ ଚୀନର ତାଇ ଜୁ-ୟିଙ୍ଗ । ୧୮-୨୧, ୧୧-୨୧ ଦୁଇଟି ସେଟରେ ପରାଜୟ ହୋଇଥିଲେ ସିନ୍ଧୁ ।

# ଝାରପଡ଼ା ଜେଲରେ ପ୍ରଥମ ରାତି କାଟିଲେ କୁବେର ପିଏସ

## ଜାମିନ ନାମଞ୍ଜୁର ହେବା ପରେ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି କୋର୍ଟ

ଭୁବନେଶ୍ୱର,୦୧/୦୮(ନି.ପ୍ର): ଝଝାରପଡ଼ା ଜେଲରେ ପ୍ରଥମ ରାତି କାଟିଲେ ଓଏସଏସସି ସଦସ୍ୟଙ୍କ ପିଏସ ବିରଞ୍ଚି ସାହୁ । ବିରଞ୍ଚିଙ୍କ ଜାମିନ ଆବେଦନ ଖାରଜ ହେବା ପରେ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି କୋର୍ଟ । ଗିରଫ ପରେ ବିରଞ୍ଚିଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା । ବିରଞ୍ଚିଙ୍କ ପକ୍ଷରୁ ଜାମିନ ପାଇଁ ଆବେଦନ କରାଯାଇଥିଲା । କିନ୍ତୁ କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି । ବିରଞ୍ଚି ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ତାଙ୍କର ବିଭିନ୍ନ ଠିକଣାରେ ଗତକାଲି ଚଢ଼ାଉ କରିଥିଲା ଭିଜିଲାନ୍ସ । ଚଢ଼ାଉ ପରେ ସାମନାକୁ ଆସିଥିଲା ତାଙ୍କର କୁବେର ଭଳି ସମ୍ପତ୍ତିର ହିସାବ । ଏତେ ସମ୍ପତ୍ତି ଠାବ କରିବା ପରେ ତାଙ୍କୁ ଗିରଫ କରିଥିଲା ଭିଜିଲାନ୍ସ । ଦୁଇ ବ୍ୟାଙ୍କ ଆକାଉଣ୍ଟରୁ ୯ଲକ୍ଷ ଟଙ୍କା ମିଳିଥିବା ବେଳେ ତଦନ୍ତ ଚାଲିଛି ।

# କେନ୍ଦ୍ରାପଡ଼ା ରସାବଳିକୁ ଜି.ଆଇ ଟ୍ୟାଗ୍ ମାନ୍ୟତା ଦାବି

ଭୁବନେଶ୍ୱର,୦୧/୦୮ (ନି.ପ୍ର): କେନ୍ଦ୍ରାପଡ଼ାର ରସାବଳିକୁ ଜି.ଆଇ ଟ୍ୟାଗ୍ ମାନ୍ୟତା ଦାବିରେ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ଭେଟିଛନ୍ତି ବିଜେଡି ସାଂସଦ । ବିଜେଡି ସାଂସଦ ସୁବାସ ସିଂହଙ୍କ ନେତୃତ୍ୱରେ ସାଂସଦ ମୁନ୍ନା ଖାନ୍ ଓ ସାଂସଦ ମମତା ମହନ୍ତ କେନ୍ଦ୍ରମନ୍ତ୍ରୀଙ୍କୁ ଏନେଇ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଇତିହାସ ଅନୁଯାୟୀ ଗଙ୍ଗରାଜତ୍ୱ ସମୟରୁ ଅର୍ଥାତ ୪ଶହ ବର୍ଷ ପୂର୍ବରୁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା, ବଳଦେବଜୀଙ୍କ ମୁଖ୍ୟ ପ୍ରସାଦ ଭାବେ ଜଣାଶୁଣା । ସୁସ୍ୱାଦୁ ମିଷ୍ଟାର୍ଣ୍ଣ ରସାବଳିକୁ କେନ୍ଦ୍ରାପଡ଼ା ବାସୀ ବିକ୍ରୟ କରି ନିଜର ଗୁଜୁରାଣ ମେଂଟାନ୍ତି । ଏପରିକି ଏହି ରସାବଳି ଦେଶ, ବିଦେଶକୁ ବ୍ୟାପିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ଜି.ଆଇ ଟ୍ୟାଗ୍ ହୋଇପାରିନାହିଁ । ଦେଶ ଓ ରାଜ୍ୟର ପ୍ରମୁଖ ପ୍ରଦର୍ଶନୀ ଓ ଓଡ଼ିଶା ପ୍ରସିଦ୍ଧ ବାଲିଯାତ୍ରାରେ ରସାବଳି ପ୍ରଦର୍ଶିତ ଆଦୃତ ହୋଇପାରିଛି ଦିଲ୍ଲୀ ଟୁ ଓଡ଼ିଶା ପୁର ପଲ୍ଲୀ ପର୍ଯ୍ୟନ୍ତ ବିଭିନ୍ନ ଜାନି ଯାତ୍ରା, ମେଳା ଓ ପ୍ରଦର୍ଶନୀମାନଙ୍କରେ ରସାବଳି ପ୍ରଦର୍ଶି ହୋଇ ଆଦୃତ ହୋଇପାରିଛି । କେନ୍ଦ୍ରାପଡ଼ା ରସାବଳିକୁ ଜିଆଇ ଟ୍ୟାଗ୍ ମିଳିପାରିଲେ, ଏହା ଅନ୍ତର୍ଜାତୀୟସ୍ତରରେ ସ୍ୱୀକୃତି ପାଇପାରିବା ସହ ଦେଶ ବିଦେଶରେ ମଧ୍ୟ ଆଦୃତ ହୋଇପାରିବ । ଫଳରେ ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକମାନେ ତୁଳସୀ କ୍ଷେତ୍ର ପ୍ରତି ଆକର୍ଷିତ ହେବେ ଓ ବିଶ୍ୱର ସବୁଠାରୁ ଆକର୍ଷିତ ସ୍ଥାନ ଭିତର କନିକା ଜୈବ ବିଭିଧତା, ୧୮୦ ବର୍ଷ ପୁରୁଣା ବ୍ରିଟିଶ ସମୟର ହୁକିଟୁଲା ବତୀଘର ଓ ବଙ୍ଗୋପସାଗର ବିସ୍ତିର୍ଣ୍ଣ ଜଳରାଶି ଆଧି ପର୍ଯ୍ୟଟକମାନଙ୍କୁ କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ରକୁ ଆକର୍ଷଣ କରିବାରେ ଏକ ବଡ଼ ଭୂମିକା ନେବାରେ ସହାୟକ ହେବ ।

## ମଙ୍ଗଳବାର ଠାରୁ ଖୋଲିପାରେ ନନ୍ଦନକାନନ

ଭୁବନେଶ୍ୱର,୦୧/୦୮ (ନି.ପ୍ର): ଆସନ୍ତା ମଙ୍ଗଳବାର ଠାରୁ ପୁଣି ଖୋଲିପାରେ ନନ୍ଦନକାନନ । ସ୍ଥିତି ଅନୁଧ୍ୟାନ କରିବା ପରେ ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ମହାପାତ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଚିଡ଼ିଆଖାନା ଖୋଲିଲେ ବି ଭିତରେ ବ୍ୟାଟେରି ଚାଳିତ ଗାଡ଼ିକୁ ଅନୁମତି ମିଳିବ ନାହିଁ । ଏମିତିକି ବୋଟିଂ ପାଇଁ ମଧ୍ୟ ଅନୁମତି ଦିଆଯିବ ନାହିଁ । ଅଳ୍ପ ସଂଖ୍ୟକ ଦର୍ଶକଙ୍କୁ ନନ୍ଦନକାନନ ଭିତରକୁ ଛଡ଼ାଯିବ । ନନ୍ଦନକାନ ଖୋଲିବା ନେଇ ରାଜ୍ୟ ସରକାର ଅଗଷ୍ଟ ଗାଇଡ ଲାଇନରେ ଅନୁମତି ଦେଇଛନ୍ତି । ଦୀର୍ଘ ଦିନ ପରେ ପ୍ରାଣୀ ଉଦ୍ୟାନ ଖୋଲିବାକୁ ଅନୁମତି ମିଳିଥିବାରୁ କେଉଁ ଆଧାରରେ ନନ୍ଦନକାନନ ଖୋଲାଯିବ, ତାହାର ତର୍ଜମା କରିଥିଲେ ନିର୍ଦ୍ଦେଶକ ମନୋଜ ମହାପାତ୍ର ।

# ୪୧ ବର୍ଷ ପରେ ସେମିଫାଇନାଲରେ ପ୍ରବେଶ କଲା ଭାରତୀୟ ହକି ଟିମ୍




ନୂଆଦିଲ୍ଲୀ,୦୧/୦୮: ଟୋକିଓ ଅଲିମ୍ପିକ୍ସରୁ ଆଜି ଭାରତ ପାଇଁ ଆସିଛି ଡବଲ ଖୁସି ଖବର । ବ୍ୟାଡମିଣ୍ଟନରେ ପିଭି ସିନ୍ଧୁ ବ୍ରୋଞ୍ଜ ମେଡାଲ ଜିତିଥିବା ବେଳେ ହକି ସେମିଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ । ୪୧ ବର୍ଷ ପରେ ଅଲିମ୍ପିକ୍ସ ସେମିଫାଇନାଲକୁ ପ୍ରବେଶ କରିଛି ଭାରତୀୟ ହକି ଟିମ୍ । ଏହି ମ୍ୟାଚରେ ଗ୍ରେଟ ବ୍ରିଟେନକୁ ୩-୧ ଗୋଲରେ ହରାଇଛି ଭାରତ । ଅଲିମ୍ପିକ୍ସରେ ୫ଟି ମ୍ୟାଚରୁ ୪ଟିରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା ଭାରତ । ପୁଲ୍-ଏରେ ଅଷ୍ଟ୍ରେଲିଆ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲା ଦଳ । ଟୋକିଓ ଅଲିମ୍ପିକ୍ସର ପୁରୁଷ ହକି କ୍ୱାର୍ଟର ଫାଇନାଲରେ ଆଜି ଗ୍ରେଟ୍ ବ୍ରିଟେନକୁ ଭେଟିଥିଲା ଭାରତୀୟ ହକି ଦଳ । ୪୧ ବର୍ଷ ପରେ ସେମିଫାଇନାଲ ଟିକେଟ୍ ହାସଲ ପାଇଁ ଜୋରଦାର ଫାଇଟ୍ କରିଥିଲା ଟିମ୍ ଇଣ୍ଡିଆ । ୮ ଥର ସ୍ୱର୍ଣ୍ଣ ବିଜେତା ଭାରତୀୟ ଦଳ ପାଖରେ ୪୧ ବର୍ଷ ପରେ ସେମିଫାଇନାଲ ଖେଳିବା ପାଇଁ ସୁଯୋଗ ମିଳିଛି । ଶେଷ ଥର ଭାରତୀୟ ଦଳ ୧୯୮୦ରେ ମୋସ୍କୋ ଅଲିମ୍ପିକ୍ସର ସେମିଫାଇନାଲ ଖେଳି ବିଜେତା ହୋଇଥିଲା । ସେପଟେ ଗ୍ରେଟ୍ ବ୍ରିଟେନ୍ ମଧ୍ୟ ୩୩ ବର୍ଷ ପରେ ପ୍ରଥମ ଅଲିମ୍ପିକ୍ସ ପଦକ ବିଜୟ ଅଭିଯାନ ଅତୁଟ ରଖିବାକୁ ଆଜି ଜୋରଦାର ପ୍ରୟାସ କରିଥିଲା । କିନ୍ତୁ ଭାରତୀୟ ଖେଳାଳୀଙ୍କ ଜୋଶ ଆଗରେ ମ୍ୟାଚ୍ ଜିତିପାରିନଥିଲା ଗ୍ରେଟ୍ ବ୍ରିଟେନ୍ ।

# ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୧/୦୮ (ନି.ପ୍ର): ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ୪୧ ବର୍ଷ ପରେ ସେମିଫାଇନାଲରେ ପ୍ରବେଶ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ରବିବାର ସନ୍ଧ୍ୟାରେ ନବୀନ ନିବାସରେ ଟେଲିଭିଜନ ମାଧ୍ୟମରେ ଜାପାନର ରାଜଧାନୀ ଟୋକିଓରେ ଆୟୋଜିତ ଅଲିମ୍ପିକ୍ସର ଭାରତ ଓ ଗ୍ରେଟ୍ ବ୍ରିଟେନ୍ ମଧ୍ୟରେ ହୋଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍ ଦେଖିଛନ୍ତି । ଟୁଇଟରରେ ସେୟାର ହୋଇଥିବା ଏକ ଭିଡିଓରୁ ଜଣାଯାଇଛି ଯେ ଭାରତୀୟ ଟିମ୍ ଯେତେବେଳେ ଗ୍ରେଟ୍ ବ୍ରିଟେନ୍ ବିପକ୍ଷରେ ଗୋଲ ଦେଉଛନ୍ତି, ସେହି ସମୟରେ ନବୀନ ଉତ୍ସାହିତ ଦେଖାଯାଉଛନ୍ତି । ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ସହିତ ମୁଖ୍ୟମନ୍ତ୍ରୀ ଟେଲିଭିଜନ ଦେଖୁଥିବା ବେଳେ ଭାରତ ଯେତେବେଳେ ଗୋଲ ଦେଉଛି, ଉଭୟ ନବୀନ ଏବଂ ପାଣ୍ଡିଆନ୍ ତାଳିମାରୁଛନ୍ତି । ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ଦୀର୍ଘ ୪୧ ବର୍ଷ ପରେ ଭାରତୀୟ ପୁରୁଷ ହକି ଦଳ ଅଲମ୍ପିକର ସେମିଫାଇନାଲ ଓ ମହିଳା ଦଳ ପ୍ରଥମଥର କ୍ୱାଟରଫାଇନାଲରେ ପହଁଚିବା ସମଗ୍ର ଦେଶ ପାଇଁ ଗୌରବର ବିଷୟ । ୨୦୧୮ରୁ ଓଡ଼ିଶା ଉଭୟ ଜାତୀୟ ଦଳକୁ ପ୍ରୋତ୍ସାହିତ କରିଆସୁଥିବାରୁ ଆମେ ସମସ୍ତେ ଓଡ଼ିଶାବାସୀ ଆଜି ଗର୍ବିତ । ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା । ସୂଚନାଯୋଗ୍ୟ, ଓଡ଼ିଶା ହେଉଛି ଉଭୟ ପୁରୁଷ ଓ ମହିଳା ହକି ଟିମର ପ୍ରାୟୋଜକ । ଆଜି କ୍ୱାର୍ଟର ଫାଇନାଲ ମ୍ୟାଚରେ ଭାରତୀୟ ପୁରୁଷ ହକି ଦଳ ଗ୍ରେଟ ବ୍ରିଟେନକୁ ୩-୧ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି ।

# ଫକୀରମୋହନଙ୍କ ଆତ୍ମଜୀବନି ପ୍ରକାଶନକୁ ନେଇ ଦେଖାଦେଲା ବିବାଦ

## ଦୁଇ ସାହିତ୍ୟିକଙ୍କ ବିରୋଧରେ ଅଦାଲତକୁ ଗଲେ ବ୍ୟାସକବିଙ୍କ ନାତୁଣୀ

ଭୁବନେଶ୍ୱର,୦୧/୦୮(ନି.ପ୍ର): ଫକୀରମୋହନ ସେନାପତି । ଭାରତୀୟ ଭାଷା ସାହିତ୍ୟକୁ ତାଙ୍କର ଅତୁଳନୀୟ ଅବଦାନ ରହିଛି । ତାଙ୍କର ଅନବଦ୍ୟ କୃତି ପାଇଁ ସାରା ଓଡ଼ିଶା ଗର୍ବିତ । ବିଡ଼ମ୍ବନାର ବିଷୟ ହେଉଛି ମୃତ୍ୟୁର ୧୦୦ ବର୍ଷ ପରେ ବି ତାଙ୍କର ଆତ୍ମଜୀବନୀ ପ୍ରକାଶକୁ ନେଇ ବିବାଦ ସୃଷ୍ଟି ହୋଇଛି । ଏହି ବିବାଦ ହୋଇଛି ବିଶିଷ୍ଟ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ରାଷ୍ଟ୍ରୀୟ ଅଭିଲେଖାଗାର ସହନିର୍ଦ୍ଦେଶକ ଲଲାଟେନ୍ଦୁ ଦାସ ମହାପାତ୍ର ଏବଂ ଫକୀର ମୋହନଙ୍କ ଅଣନାତୁଣୀ ମୀନାକ୍ଷୀ ଦତଙ୍କ ମଧ୍ୟରେ । ପ୍ରକାଶନ ବନ୍ଦ ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ମୀନାକ୍ଷୀ ଦତ । ଫକୀରମୋହନଙ୍କ ଆତ୍ମଜୀବନୀକୁ ନେଇ ବିବାଦ । ଅଦାଲତକୁ ଗଲେ ଫକୀରମୋହନଙ୍କ ଅଣନାତୁଣୀ । ପ୍ରାୟ ୧୪୦ ବର୍ଷ ତଳର ଫକୀରମୋହନଙ୍କ ହାତଲେଖା ପାଣ୍ଡୁଲିପି ଓ ଆତ୍ମଜୀବନୀର ପ୍ରକାଶନ ପାଇଁ ଉଦ୍ୟମ ଚାଲିଥିବା ବେଳେ ପ୍ରକାଶନ ବନ୍ଦ କରିବାକୁ ଅଦାଲତର ଆଶ୍ରୟ ନେଇଛନ୍ତି ଫକୀରମୋହନଙ୍କ ଅଣନାତୁଣୀ ମୀନାକ୍ଷୀ ଦତ । ▶▶ପୃଷ୍ଠା ୭

# ବିନା ଆଇଏସଆଇ ମାର୍କା ପାଣି ପାଉଚ୍ ଓ ପାଣି ବୋତଲ ବଜାରରେ ବିକ୍ରି ଚାଲିଛି

## ଗୁଣବତ୍ତା ଓ ମାନକୁ ନେଇ ଉଠିଲା ପ୍ରଶ୍ନ

ପୁରୀ,୧/୮ (ନି.ପ୍ର): ପୁରୀ ଜିଲ୍ଲାର ବିଭିନ୍ନ ବଜାରରେ ଆଇ.ଏସ୍.ଆଇ. ମାର୍କା ନଥିବା ପାଣି ପାଉଚ୍ ଓ ପାଣି ବଟଲ୍ ବିକ୍ରି ଚାଲିଥିଲେ ମଧ ଏହାର ତଦାରଖ ଦାୟୀତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ନଜରକୁ କିପରି ଏହା ଆସୁନାହିଁ ତାହା ସମସ୍ତଙ୍କୁ ବିସ୍ମିତ କରିଛି । ଏହାକୁ ନେଇ ଜନସାଧାରଣଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଯାଇଛି । ପୁରୀ ସହର ବ୍ୟତୀତ ପିପିଲି, କଣାସ, ଡେ଼ଲାଙ୍ଗ, ସାକ୍ଷିଗୋପାଳ, ନିମାପଡ଼ା, କାକଟପୁର, ବ୍ରହ୍ମଗିରି ଆଦି ବଜାରମାନଙ୍କରେ ବିଭିନ୍ନ ବେନାମୀ କମ୍ପାନିର ପାଣି ପାଉଚ୍ ଓ ପାଣି ବଟଲ୍ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ପାଣିର ଗୁଣବତା, ମାନ ଓ ସ୍ୱାସ୍ଥ୍ୟପକ୍ଷେ ଏହାର ପ୍ରଭାବକୁ ନେଇ ପ୍ରଶ୍ନ ଉଠିଛି । କେତେକ କମ୍ପାନିର ଆଇ.ଏସ୍.ଆଇ. ମାର୍କା ଥିବାବେଳେ ଅନେକ କମ୍ପାନିର ପାଣିପାଉଚ୍ ଓ ବଟଲ୍‌ରେ ଏହି ମାର୍କା ନଥିବା ଜଣାପଡିଛି । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ସହ ଏସବୁ ବେନାମୀ କମ୍ପାନୀର ପାଣିର ମାନ ଓ ଗୁଣବତା ପରୀକ୍ଷା କରିବାକୁ ସାଧାରଣରେ ଦାବି ହେଉଛି ।

# ରାସ୍ତା ସହିତ ଡ୍ରେନ ନିର୍ମାଣ ପାଇଁ ଦାବି, ନହେଲେ ଏନଏସି କାର୍ଯ୍ୟାଳୟ ଘେରାଉ ଚେତାବନୀ

ନୂଆପଡା,୧/୮ (ନି.ପ୍ର): ସରକାର ଲୋକଙ୍କ ଯାତାୟତ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗମନା ଗମନର ସୁବିଧା ପହଂଚାଉଥିବା ବେଳେ ଏବେ ମଧ ଅନେକଙ୍କ ପାଖରେ ଏହା ଅପହଂଚ ହୋଇଯାଇଛି । ଏଭଳି ଏକଚିତ୍ର ସାମନାକୁ ଆସିଛି ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦର ୭ ନଂ ୱାର୍ଡରୁ । ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ୱାର୍ଡ ନଂ ୭ ବିଦ୍ୟୁତ ଷ୍ଟ୍ରକଚର ପଛପଟେ ଥିବା ପଡାବାସୀ ଯାତାୟତକୁ ନେଇ ନାହିନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷାଋତୁକୁ ଛାଡି ଅନ୍ୟଋତୁରେ ଯାତାୟତ ଠିକ ଠାକ ଚାଲିଥାଏ ହେଲେ ବର୍ଷାଋତୁରେ କୌଣସି ଯାନବାହାନର କଥା ଛାଡ ପାଦରେ ମଧ ଚାଲି ହେଉନଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଡ୍ରେନ ନଥିବାରୁ ପଡାରେ ଥିବା ଘର ମାନଙ୍କ ଚର୍ତୁପାଶ୍ୱରେ ଦିର୍ଘଦିନ ଧରି ପାଣି ଜମା ହୋଇଥିବା ଦେଖିବାକୁ ମିଳିଥାଏ । ଏହିସବୁ ସମସ୍ୟାର ସମାଧାନ ପାଇଁ ଆର୍ଥାତ ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ପଡାବାସୀ ଖଡିଆଳ ଏନଏସିକୁ ବାରମ୍ବାର ଜଣାଉଥିଲେ । ହେଲେ କୌଣସୁ ସୁଫଳ ମିଳୁନଥିବା ଲୋକେ ଅଭିଯୋଗ କରିଛନ୍ତି । ତୁରନ୍ତ ଏହିପଡାର ରାସ୍ତା ନିର୍ମାଣ ନହେଲେ ପଡାବାସୀ ଏନଏସି କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତବନୀ ଦେଇଛନ୍ତି । ଏବିଷୟରେ ଖଡିଆଳ ଏନଏସି କନିଷ୍ଠ ଯନ୍ତ୍ରୀ ତାମ୍ରଦ୍ୱଜ ମାଝୀଙ୍କୁ ଯୋଗାଯୋଗ କରାଯିବାରୁ ମୁଁ ଏବିଷୟରେ ଅବଗତ ଅଛି, ବହୁତ ଶୀଘ୍ର ରାସ୍ତା ଓ ଡ୍ରେନ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲ ବନ୍ଧରେ ୧୦ ଫୁଟ ଲମ୍ବର ଘାଇ

## ଶହ ଶହ ଏକର ଚାଷ ଜମି ଜଳମଗ୍ନ

ଭବାନୀପାଟଣା,୧/୮ (ନି.ପ୍ର): ରାଜ୍ୟରେ ଲଘୁଚାପଜନିତ ବର୍ଷା ଜାରୀ ରହିଥିବା ବେଳେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଅନ୍ତର୍ଗତ ମାଝିଗୁଡ଼ା ନିକଟରେ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲ ବନ୍ଧରେ ୧୦ ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇଛି । ମେଗା ଲିଫ୍ଟ କାର୍ଯ୍ୟକାରୀ ହେବାର ପ୍ରଥମ ବର୍ଷା ଜଳ ନିଷ୍କାସନ ବେଳେ ଆଜି ସକାଳେ ଏଭଳି ଅଘଟଣ ଘଟିଯାଇଛି । ଫଳରେ ଶହ ଶହ ଏକର ଚାଷ ଜମି ଜଳମଗ୍ନ ହୋଇପଡିଛି । ବ୍ୟାପକ ଫସଲ ହାନି ଘଟିଛି । ବିଶେଷ କରି ନିମ୍ନମାନର କାମ ଓ ମାତ୍ରାଧିକ ଜଳସ୍ରୋତ ଯୋଗୁଁ କେନାଲ ବନ୍ଧରେ ଘାଇ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି ।

# ବର୍ଷାରେ ଘର ଭାଙ୍ଗିଲା : ଅଳ୍ପକେ ବର୍ତ୍ତିଲେ ପରିବାର

ନୂଆପଡା:୩୧ ଜୁଲାଇ (ହି.ସ.)- ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଫରସରା ଗ୍ରାମ ପଂଚାୟତର ସର୍ଗିଗୁଡା ଗ୍ରାମର ଶ୍ରୀ ଟିକ ହଂସ ପିତା ବେଣୁ ହଂସଙ୍କ ଘର ଭୁଶୁଡ଼ି ପଡିବାରୁ ଅଳ୍ପକେ ବଂଚିଲେ ପରିବାର ଲୋକେ ।ଟିକ ହଂସଙ୍କ ପରିବାରରେ ଛୋଟ ଛୋଟ ଛୁଆଙ୍କ ସମେତ ୭ଜଣ ଲୋକେ ରହୁଥିବା ବେଳେ ଦୁଇ ବଖୁରିଆ ମାଟି ଘରେ ରହି ଆସୁଥିଲେ ।ତାଙ୍କ ପରିବାର ଅତ୍ୟନ୍ତ ଦରିଦ୍ର ଶ୍ରେଣୀର ଓ ଟିକ କ୍ରସର ରେ କାମ କରି ପରିବାର ପ୍ରତିପୋଷଣ କରିଥାନ୍ତି । ଅନେକ ଥର ଆବେଦନ କଲେ ମଧ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ କିବା ବିଜୁ ପକ୍କାଘରରେ ସାମିଲ କରାଯାଇନି । ଗତ ଗୁରୁବାର ରାତ୍ରିରେ ଲଗାଣ ବର୍ଷା ଯୋଗୁଁ ତାଙ୍କ ଘରର ଗୋଟିଏ ବଖରା ଭାଙ୍ଗି ଯାଇଥିବା ବେଳେ ଖାଦ୍ୟଦ୍ରବ୍ୟ ଓ ଆସବାବପତ୍ର ନଷ୍ଟ ହୋଇଯାଇଛି ।ଅତି ଦୟନୀୟ ଅବସ୍ଥା ରେ ସାତ ଜଣ ମାତ୍ର ଗୋଟିଏ କୋଠରୀରେ ଆଶ୍ରୟ ନେଇଥିବାବେଳେ ଉକ୍ତ କୋଠରୀର ସ୍ଥାୟୀତ୍ୱକୁ ନେଇ ଆଶଙ୍କାରେ ଅଛନ୍ତି । ପ୍ରଶାସନ ଅତିଶୀଘ୍ର ତାଙ୍କ ପରିବାରକୁ ଥଇଥାନ କରିବା ସହ ଘର ଖଣ୍ଡେ ଯୋଗାଇ ଦେବାକୁ ଲୋକେ ଦାବି କରିଛନ୍ତି ।

# ଡାକ୍ତରଙ୍କ ପିତୃ ବିୟୋଗ

କେନ୍ଦ୍ରାପଡ଼ା,୧/୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭେଷଜ ବିଭାଗର ଡାକ୍ତର ଭାବେ ଅବସ୍ଥାପିତ ଡାକ୍ତର ସେକ ପରୱେଜ ଅଖତରଙ୍କ ପିତା ସେକ ହ୍ୟୁମାଇନ(୬୨)ଙ୍କର ଆକସ୍ମିକ ପରଲୋକ ହୋଇଯାଇଛି । ଗତ କିଛିଦିନ ହେବ ସ୍ୱର୍ଗତ ହ୍ୟୁମାଇନ ଗରାପୁର ସ୍ଥିତ ବାସ ଭବନରେ ଅସୁସ୍ଥ ଅବସ୍ଥାରେ ଚିକିତ୍ସାଧିନ ରହିଥିଲେ । ତେବେ ଶୁକ୍ରବାର ରାତିରେ ତାଙ୍କର ପରଲୋକ ହୋଇଥିବା ଖବର ପାଇ ସହରର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ୩୧ଗ୍ରାମ ବ୍ରାଉନସୁଗର ଜବତ : ୧ଗିରଫ

ଖୋର୍ଦ୍ଧା,୧/୮ (ନି.ପ୍ର): ସହରରେ ଦିନକୁ ଦିନ ଧଳା ଜହର କାରବାର ବୃଦ୍ଧି ପାଇଛି । ଏହି ଧଳା ଜହର ବେପାର ରେ ରୋକ ଲଗାଇବା ପାଇଁ ତୀକ୍ଷ୍ମ ଦୃଷ୍ଟି ରଖିଛି ।ଏପରିକି ଖୋର୍ଦ୍ଧା ପୋଲିସ ଅନେକ ଧଳା ଜହର ବେପାରୀଙ୍କୁ ଗିରଫ କରିଛି । ସମୂଳେ ନାଶ ପାଇଁ ପୋଲିସ ତାର ପ୍ରୟାସ ଜାରି ରହିଛି । ତେବେ ଶନିବାର ଖୋର୍ଦ୍ଧା ପୋଲିସ ଏକ ବିଶେଷ ସୂତ୍ରରୁ ଖବର ପାଇଁ ଗୁରୁଜଙ୍ଗ ମେଲଣ ପଡ଼ିଆରେ ବ୍ରାଉନସୁଗର ବେପାର କରୁଥିବା ଜଣେ ବେପାରୀଙ୍କୁ ଗିରଫ କରିଛି । ସେ ହେଲା ଗୁରୁଜଙ୍ଗ ଦେଓ୍ୱାନ ସାହିର ସର୍ବେଶ୍ୱର ବେହେରା(୨୯) । ପୋଲିସ ତଠାରୁ ୩୧ ଗ୍ରାମ ବ୍ରାଉନସୁଗର, ନଗଦ ୯୫୦ ଟଙ୍କା ସମେତ ଧଳା ଜହର ପ୍ୟାକେଟ କରିବା ପାଇଁ ବ୍ୟବହୃତ ୨୭ଟି ପଲିଥିନ ଜରି ଓ ଗୋଟିଏ ମୋବାଇଲ ଜବତ କରିଛି ।ତେବେ ଜବତ ବ୍ରାଉନସୁଗର ର ବଜାର ମୂଲ୍ୟ ଆନୁମାନିକ ୩ଲକ୍ଷ ଟଙ୍କା ହେବ ବୋଲି ଟାଉନ ଥାନା ପକ୍ଷରୁ ସୂଚନା ମିଳିଛି ।

# ବିଦ୍ୟାଳୟ ସ୍ଲାପରୁ ଗଳୁଛି ପାଣି, ମରାମତି ଦାବି

ନୂଆପଡା,୧/୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବରଗାଁ ପଂଚାୟତର ଲକ୍ଷ୍ମୀପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଅଫିସ ଗୃହ ଓ ବାରଣ୍ଡାରେ ସ୍ଲାପରୁ ପାଣି ଗଳୁଛି । ଗତ ୫ ଦିନ ଧରି ଲଘୁଚାପ ବର୍ଷା ଯୋଗୁଁ ବିଦ୍ୟାଳୟ ସାରା ପାଣି ଗଳି ବିପର୍ଯ୍ୟସ୍ତ ହୋଇପଡିଛି । ଅଫିସର କିଛି ସ୍ଲାପ ଓ ବାରଣ୍ଡା ତଳ ଅଂଶ ସ୍ଲାପ ଫାଟି ଯାଇଥିବାରୁ ଏପରି ପାଣି ଝରୁଥିବା ଜଣାପଡିଛି । ଏନେଇ ବିଦ୍ୟାଳୟକୁ କିପରି ମରାମତୀ କରାଯାଇ ପାରିବ ସେ ନେଇ ବିଦ୍ୟାଳୟ ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପରିଚାଳନା କମିଟି ସଭାପତି ପରମେଶ୍ୱର ବାରିକ, ପ୍ରଧାନ ଶିକ୍ଷୟତ୍ରୀ ନମିତା ସେନାପତି, ସହ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଚଲାନ ଓ ଅନ୍ୟାନ୍ୟ ସଦସ୍ୟ ଆଲୋଚନା କରି ଖଡିଆଳ ବିଡିଓଙ୍କୁ ଜଣାଇବା ପାଇଁ ନିଷ୍ପତି ହୋଇଥିଲା । ଏବିଷୟରେ ପରିଚାଳନା କମିଟି ସଭାପତି ଖଡିଆଳ ବିଡିଓ ନାରାୟଣ ସାହୁଙ୍କୁ ଯୋଗାଯୋଗ ପରେ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ମରାମତି କରିବା ପଦକ୍ଷେପ ନିଅଯିବ ବୋଲି ପ୍ରକାଶ କରିଥିଲେ ।

# ଅନ୍ୟ ଜଣେ ଫେରାର ଅଭିଯୁକ୍ତ ଗିରଫ

ଧର୍ମଶାଳା,୩୧ଜୁଲାଇ(ହି.ସ.) - ଯାଜପୁର ଜିଲା ଧର୍ମଶାଳା ଥାନା ମଙ୍ଗଳପୁର ପଂଚାୟତସ୍ଥିତ କୋଠଡିହ (ମଦିନାବାଗ) ଗ୍ରାମରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ଗତ କାଲି ବିଳମ୍ବିତ ରାତିରେ ଫେରାର ଥିବା ଆଉଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଗିରଫ ଯୁବକ ଜଣକ ହେଲେ କୋଠଡିହ (ମଦିନାବାଗ) ଗ୍ରାମର ସ୍ୱର୍ଗତ ୟାକବ ଜାମାଙ୍କ ପୁଅ ସେକ୍ ନସରୁଲ(୩୧) ବୋଲି ଜଣାପଡିଛି । ଗିରଫ ନସରୁଲ ଗଣ୍ଡଗୋଳ ଘଟଣା ପରଠାରୁ ସେ ଫେରାର ହୋଇଯାଇଥିଲା । ତେବେ ସେ ଗତ କାଲି ରାତିରେ ଘରେ ଥିବା ନେଇ ପୁଲିସ ଖବର ପାଇଁ ସଦଳବଳେ ଚଡାଉ କରି ନସରୁଲକୁ ଗିରଫ କରିଥିଲା । ଏହି ଚଡାଉରେ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ, ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଏସ୍ ଦାଶରଥୀ ପାତ୍ରଙ୍କ ସମେତ ବ୍ରହ୍ମବରଦା ପୁଲିସ ସାମିଲ ହୋଇଥିଲେ । ତେବେ ଏହି ଘଟଣାରେ ୨୦ ଜଣ ଅଭିଯୁକ୍ତ ସମ୍ପୃକ୍ତଥିବା ବେଳେ ମୋଟ ଗିରଫ ସଂଖ୍ୟା ୩ରେ ପଂହଚିଛି । ସୂଚନା ଥାଉକି ଜୁନ୍ ମାସ ୯ତାରିଖରେ ଏହି ଗ୍ରାମରେ ପୂର୍ବ ଶତୃତାକୁ ନେଇ ମୃତ ସଲାଉଦ୍ଦିନଙ୍କ ପରିବାର ଉପରେ ଆକ୍ରମଣ ହୋଇଥିଲା । ଏହି ଆକ୍ରମଣ ଘଟଣାରେ ସଲାଉଦ୍ଦିନ (୪୫)ଙ୍କର ମୃତ୍ୟୁ ଘଟିଥିଲା । ଏହାକୁ ନେଇ ମୃତ ସଲାଉଦ୍ଦିନଙ୍କ ପତ୍ନୀ ସୁଲତାନା ବିବି ଏନେଇ ୨୦ ଜଣଙ୍କ ନାମରେ ଏତଲା ଦେଇଥିଲେ । ଘଟଣା ଦିନ ପୁଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ତେବେ ଗତ କାଲି ବିଳମ୍ବିତ ରାତିରେ ଆଉ ଜଣକୁ ଗିରଫ କରିଥିବା ଜଣାପଡିଛି ।

# ଚୋରା ଆଇରନର କରିଡର ପାଲଟିଛି ବୁଢାକେନ୍ଦୁଆ

ଧର୍ମଶାଳା,୧/୮ (ନି.ପ୍ର): ଯାଜପୁର ଜିଲାରେ କିଛି ଦିନ ହେବ ବେଆଇନ କରାବାର ଚାଲିଛି । ପ୍ରଶାସନ କ୍ଷରୁ ଗୋଟି ପରେ ଗୋଟିଏ ସଂସ୍ଥା ଉପରେ ଚଢାଉ କରୁଛି । ତେବେ ଆଇରନ ଓ କୋଇଲା ଚୋରା କାରବାରର କରିଡର ପାଲଟିଛି ଯାଜପୁର ଜିଲା ବଡଚଣା ଚର୍ଚ୍ଚାରେ ରହିଥିବା ବେଳେ ଏବେ ସ୍ପଞ୍ଜ ଆଇରନ ଚୋରା କାରବାର ନୂଆ ଅଧାୟ ସୃଷ୍ଟି କରିଛି । ବୈରୀ ଥାନା ଅନ୍ତର୍ଗତ ବୁଢାକେନ୍ଦୁଆ ଠାରେ ଥିବା ଏକ ଘରୋଇ ସ୍ପଞ୍ଜ ଆଇରନ କମ୍ପାନୀରେ ଚୋରା ଆଇରନ କାରବାର ହେଉଥିବା ସାଂଘାତିକ ଅଭିଯୋଗ ଆସିଛି । ପ୍ରକାଶ ଥାଉକି, ଯାଜପୁର ଜିଲା କଳିଙ୍ଗନଗର ଅଂଚଳରୁ ଆଇରନ ମାଫିଆମାନେ ରାତି ଅଧିଆ ୬ଚକିଆ ଟ୍ରକରେ ଚୋରା ଆଇରନ ବୋଝେଇ କରି ଏହି କାରଖାନାକୁ ଶସ୍ତାରେ ଆଇରନ ଯୋଗାଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ମାଫିଆ ମାନେ କମ୍ପାନୀ ମାଲିକ ଓ ପରିଚାଳକଙ୍କୁ ହାତ କରି ଏହି କାରବାରକୁ ସୁରୁଖୁରୁରେ ଚଳାଉଛନ୍ତି । ଯାହାକି ଆଇରନ ଚୋରା କାରବାରକୁ ପ୍ରୋତ୍ସାହନ ଯୋଗାଉଛି । ଫଳରେ ମାଫିଆ ମାନେ ରାତାରାତି କୋଟିପତି ହେବାର ସ୍ୱପ୍ନ ଦେଖିବାରେ ଲାଗିଛନ୍ତି । ଏପରିକି ସେମାନେ ଆଇରନ ବୋଝେଇ କରି ଯାଉଥିବା ଟ୍ରକ ଗୁଡିକୁ ହାଇଜାକ କରି ଲୁଟ କରିବାକୁ ପଛାଉନଥିବା ଜଣାପଡିଛି । ଅତିତରେ ଜିଲାରେ ବହୁ ଆଇନ ବୋଝେଇ ଟ୍ରକ ଲୁଟ ହୋଇଥିବା ନେଇ ଜିଲା ପୁଲିସର ମୁଣ୍ଡବ୍ୟଥାର କାରଣା ସାଜିଥିଲା । ଏହି କାରବାର ଉପରେ ନୂତନ କରି ଯୋଗଦେଇଥିବା ଏସ.ପିଙ୍କ କଡାନଜର ହେତୁ ଆଇରନ ବୋଝେଇ ଟ୍ରକ ଲୁଟ ହେବାରେ ରୋକ ଲାଗିପାରିଛି । କିନ୍ତୁ ମାଫିଆ ମାନେ କିଛି ଟ୍ରକ ଚାଳକଙ୍କ ସହ ଲିଙ୍କ୍ ରଖି କଳିଙ୍ଗନଗରର ଏକ ଅଂଚଳରେ ଟନ ଟନ ଆଇରନ ଖାଲିକରି ଡିପୋରେ ଜମା ରଖୁଛନ୍ତି । ଏକ ୬ଚକିଆ ପାଇଁ ମାଲ ହୋଇଗଲେ ମାଫିଆ ମାନେ ବୁଢାକେନ୍ଦୁଆ ସମେତ ଅନେକ ଏହିଭଳି କାରଖାନାକୁ ଯୋଗାଇ ଭଲ ଦି ପଇସା କମାଇବାରେ ଲାଗିପଡନ୍ତି । ତେବେ ବୈରୀ ଥାନା ସମ୍ମୁଖ ଦେଇ ଏହି ଚୋରା ଆଇରନ ବୋଝେଇ ଟ୍ରକ ଯାଉଥିଲେ ମଧ୍ୟ ପୁଲିସର ନଜରରେ ନ ପଡିବା ସନ୍ଦେହ ସୃଷ୍ଟି କରିଛି । ଏଥିପ୍ରତି ଜିଲା ଏସ୍.ପି ଦୃଷ୍ଟି ଦେବାକୁ ଦାବୀ ହୋଇଛି ।

# ଲମ୍ବୁଛି ଆବାସ ଯୋଜନା ଅଭିଯୋଗ ଫର୍ଦ୍ଦ

ଭଦ୍ରକ, ୧ /୮ (ହି.ସ.) - ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ପକ୍ଷରୁ ପ୍ରସ୍ତୁତ ଫୋନି ବାତ୍ୟା କ୍ଷତିଗ୍ରସ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ତାଲିକାର ବାସ୍ତବତା ବିରୋଧରେ ଅଭିଯୋଗ ତେଜିବାରେ ଲାଗିଛି । ଫୋନି କ୍ଷତିଗ୍ରସ୍ତ ତାଲିକା ଆବାସ ହିତାଧିକାରୀ ତାଲିକା ପୂର୍ବରୁ ବ୍ଲକ ଦ୍ୱାରା ପ୍ରସ୍ତୁତ ତାଲିକାକୁ ଏଡାଇଯାଇ ନୂତନ ଦଲାଲ ଭିତିକ ତାଲିକା ପ୍ରସ୍ତୁତ କରାଯାଛି । ଏହା ଦ୍ୱାରା ବହୁ ଅଯୋଗ୍ୟଙ୍କୁ ହିତାଧିକାରୀ ଭାବେ ନିର୍ବାଚନୀ ଆବାସ ଯୋଗାଣ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଇଛି ବୋଲି ବ୍ଲକର ପ୍ରତି ଗ୍ରାମରୁ ଅଭିଯୋଗ ହେବାରେ ଲାଗିଛି । ବିଭିନ୍ନ ସାମାଜିକ ଗଣମାଧମର ଉପଯୋଗ କରି ସିଧାସଳଖ ଅଭିଯୋଗ ଜିଲ୍ଲାପାଳଙ୍କୁ କରାଯାଉଛି । ଜିଲ୍ଲାପାଳ ଓ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ସ୍ଥାନୀୟ ବିଡିଓଙ୍କୁ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବାକୁ ବହୁ ନିର୍ଦ୍ଦେଶ ବି ଦିଆଯାଉଛି । ଷୋଳମପୁର ପ ।ୟତ ବିରୋଳି ଗ୍ରାମର ସାମାଜିକ କର୍ମୀ ଆଲୋକ ଜେନା ଟୁଇଟ ଯୋଗେ ଏଭଳି ଅଭିଯୋଗ ଆଣିବା ପରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅନୁରୂପ ପଦକ୍ଷେପ ଗ୍ରହଣ କରିଛନ୍ତି । ଅଭିଯୋଗ ଅନୁଯାୟୀ ଜରାଜୀର୍ଣ୍ଣ ବାସଗୃହରେ ଜୀବନ ବିତାଉଥିବା ଗ୍ରାମର ଦଳିତ ପରିବାର ଭାବେ ରଞ୍ଜିତା ଯେନା ୭୫ ପ୍ରତିଶଦ ଭିନ୍ନକ୍ଷମ ଓ ସେ ଗୃହ ନିର୍ମାଣ ସହାୟତା ପାଇଁ ଅପେକ୍ଷାରେ ଥିବା ବେଳେ ଆଶ୍ଚର୍ଯ୍ୟଜନକ ଭାବେ ତାଲିକାରୁ ବାଦ ପଡିଛନ୍ତି । ସେହିପରି ଶଙ୍କର୍ଷଣ ଯେନା, ଗୌରାଙ୍ଗ ଯେନା, ମଧୁସୂଦନ ଯେନା, ଦଶରଥ ଯେନା, ଶ୍ରୀଧର ଯେନା ପ୍ରମୁଖ ପୂର୍ବ ତାଲିକାରେ ଆବାସ ଗୃହ ଅପେକ୍ଷାରେ ଥିବା ବେଳେ ଫୋନି କ୍ଷତିଗ୍ରସ୍ତ ତାଲିକାରୁ ବାଦ ପଡିଛନ୍ତି । ଏହିମାନଙ୍କ ବଦଳରେ ଗ୍ରାମର ଦୋତାଲା ଓ ମାର୍ବଲ କୋଠା ଘର ଥିବା ଛଅ ଜଣ ବ୍ୟକ୍ତି ଫୋନି କ୍ଷତିଗ୍ରସ୍ତ ତାଲିକାରେ ଅନ୍ତର୍ଭୁକ୍ତ ହୋଇ ଘର ହାତେଇନେବାକୁ ଅର୍ଥ ଓ ରାଜନୈତିକ ଚାପ ପ୍ରୟୋଗ କରୁଥିବା ଅଭିଯୋଗ ହୋଇଛି ।

# କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ

ବାରିପଦା,୧/୮ (ନି.ପ୍ର): ଜୁଲାଇ ୩୦ ରାତିରେ ମୟୂରଭଞ୍ଜ ଜିଲ୍ଲା ବାରିପଦା ବ୍ଲକ ବୁଢିଖୋମାରୀ ଗ୍ରାମ ପଂଚାୟତର ଡୁଭିଆ ଗ୍ରାମ ଭିତରକୁ ୧୨ରୁ ଅଧିକ ହାତୀ ଥିବା ଏକ ପଲ ପ୍ରଶି ଆସିଥିଲେ ଏବଂ ଗ୍ରାମର ରାମ ସୋରେନଙ୍କର ଘରକୁ ଭାଙ୍ଗି ନଷ୍ଟ କରିଦେବା ସହ ଘର ଭିତରେ ଥିବା ଧାନ ଡୁଲିରୁ ଧାନକୁ ଖାଇ ଶେଷ କରିଦେଇଛନ୍ତି । ଖବର ପାଇ ରାଜ୍ୟ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳର ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବତନ ଏସ.ଡି.ସି. ଅଧ୍ୟକ୍ଷ ଡ. ଦେବାଶିଷ ମାର୍ଣ୍ଡି , ବାରିପଦା ବ୍ଲକ ପର୍ଯ୍ୟବେକ୍ଷକ ସରୋଜ କୁମାର ବୋଷ, ଉପ-ସଂଯୋଜକ ପୁର୍ଣ୍ଣାନନ୍ଦ ପରିଡା, ବୁଢିଖୋମାରୀ ପଂଚାୟତ ସଭାପତି ସନାତନ ପୁର୍ତୀ, ଜୋନାଲ ସଭାପତି ବିଜୁ ସିଂ, ମଙ୍ଗଳ ପୁର୍ତୀ, ବୁଧୁରାମ ପୁର୍ତୀ, ମଣିରାମ ଟୁଡୁଙ୍କ ଉପସ୍ଥିତିରେ କ୍ଷତିଗ୍ରସ୍ତ ରାମ ସୋରେନଙ୍କୁ ପାଲ ଏବଂ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ଏବଂ ସରକାରୀ ସହାୟତା ପ୍ରଦାନ କରିବାରେ ସହଯୋଗ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ।

# ଜୁଆ ଆଡ୍ଡା ଉପରେ ଚଢ଼ଉ : ୪ ଗିରଫ

## ୫ ବାଇକ୍, ନଗଦ ୫୧ ହଜାର ୨୨୦ ଟଙ୍କା ଜବତ

ଗଞ୍ଜାମ,୧/୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଚୈତନପଡ଼ା ନିକଟ କୁକୁଡ଼ା ଫାର୍ମରେ ଏକ ବଡ଼ ଧରଣର ଜୁଆ ଖେଳ ଚାଲିଥିବା ସୂଚନା ପାଇ ହିଞ୍ଜିଳିକାଟୁ ପୋଲିସ ସଦଳବଳେ ଏହି ଜୁଆ ଆଡ୍ଡା ଉପରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ଘଟଣାସ୍ଥଳରୁ ୪ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୪ଟି ମୋବାଇଲ୍, ୫ଟି ବାଇକ୍, ନଗଦ ୫୧ ହଜାର ୨୨୦ ଟଙ୍କା ଏବଂ ଖେଳରେ ବ୍ୟବହୃତ ଚାଷମୁଠା ଜବତ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବୃନ୍ଦାବନ ସାହୁ, ବୁଲୁ ସାହୁ, କାହ୍ନୁ ବରାଡ଼, ନୀଳାଚଂଳ ମହାରଣା । ଏ ସଂକ୍ରାନ୍ତରେ ହିଞ୍ଜିଳିକାଟୁ ଥାନାରେ ୩୯୬/୨୧ ରେ ଏକ ମାମଲା ରୁଜ୍ଜୁ କରାଯିବା ସହ ଗିରଫ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଅଭିମନ୍ୟୁ ଦାଶ ସୂଚନା ଦେଇଛନ୍ତି ।

# ନିଖୋଜ ଯୁବତୀ ରାଉରକେଲାରୁ ଠାବ

ଧର୍ମଶାଳା,୧/୮ (ନି.ପ୍ର): ଯାଜପୁର ଜୀଲା ଧର୍ମଶାଳା ଥାନା ରସୁଲପୁର ବ୍ଲକ ବନ୍ଧଡିହ ପଂଚାୟତସ୍ଥିତ ଜୟସୁଙ୍ଗୁଡା ଗ୍ରାମରେ ଜଣେ ଜନୈକା ଯୁବତୀ ନିଖୋଜ ହୋଇଯାଇଥିଲେ । ଯାହାକୁ ନେଇ ଜନୈକା ଯୁବତୀଙ୍କ ପିତା ବ୍ରହ୍ମବରଦା ଫାଣ୍ଡିରେ ଏତଲା ଦେଇଥିଲେ । ଏତାଲାକୁ ଭିତି କରି ପୁଲିସ ବିଭିନ୍ନ ସ୍ଥାନରେ ଚଡାଉ କରିବା ସହ ମୋବଇଲ ଟ୍ରାକ୍ କରି ଉକ୍ତ ନିଖୋଜ ଯୁବତୀଙ୍କୁ ରାଉରକେଲା ଅଂଚଳରୁ ଠାବ କରିଥିବାବେଳେ ଯୁବତୀଙ୍କ ପୁରୁଷ ବନ୍ଧୁ ମଧ୍ୟ ସାମିଲ ଥିବା ଜଣାପଡିଛି । ତେବେ ଆଜି ବିଳମ୍ବିତ ରାତିରେ ପାଣ୍ଡିରେ ପଂହଚିବେ ବୋଲି ପୁଲିସ କହିଛି । ଏବଂ ଏହି ଘଟଣାରେ ପୁଲିସ ଯାଜପୁର ସଦର ଥାନା ମଙ୍ଗରାଜପୁର ପଂଚାୟତ ବାଲିଗୁଡାର ଗ୍ରାମର ଜଣେ ଯୁବକକୁ ଅଟକ ରଖି ପଚରାଉଚୁରା କରୁଛି । ଫାଣ୍ଡିରେ ପଂହଚିବା ପରେ ସେମାନଙ୍କ ବୟାନ ରେକର୍ଡ କରିଯିବ ଏବଂ ଏହି ଘଟଣାରେ ସମ୍ପୃକ୍ତଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଫାଣ୍ଡି ଅଧିକାରୀ ଏସ୍ ଦାଶରଥୀ ପାତ୍ର ସୂଚନା ଦେଇଛନ୍ତି ।

# ଆପ୍ରୋଚ ରୋଡ ପାଇଁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ବ୍ରିଜ ଅଚଳ

ନୂଆପଡା,୧/୮ (ନି.ପ୍ର): ଗ୍ରାମାଂଚଳର ଲୋକଙ୍କ ଗମନାଗମନ ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତାଘାଟ ସହ ବ୍ରିଜ ନିର୍ମାଣ କରୁଛନ୍ତି । ହେଲେ ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅଂଚଳପୁର-ଡୁଆଝର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତାର ଢଙ୍କସର ନାଲା ଉପରେ ଦୀର୍ଘବର୍ଷ ହେବ ବ୍ରିଜ ନିର୍ମାଣ ହୋଇ ସାରିଥିଲେ ହେଁ ଦୁଇ ପାଶ୍ୱର୍ରେ ଆପ୍ରୋଜ ରାସ୍ତା ଏଯାଏଁ ନିର୍ମାଣ ହୋଇ ପାରିନଥିବାରୁ ସ୍ଥାନୀୟ ଲୋକ ମାନେ ଯିବାଆସିବାରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଲୋକମାନେ ବାରମ୍ବାର ପ୍ରଶାସନକୁ ଅନେକ ଥର ଅଭିଯୋଗ କରି ଆସୁଛନ୍ତି । ହେଲେ ପ୍ରଶାସନ ସେମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉନଥିବାରୁ ଲୋକମାନଙ୍କ ମଧରେ ଅସନ୍ତୋଷ ବଢିବାରେ ଲାଗିଛି । ଢଙ୍କସର ଗାଁରେ ତିନି ହଜାରରୁ ଉର୍ଦ୍ଧ୍ୱ ଜନବସତି ରହିଛି । ଏହି ଗାଁର ଲୋକମାନେ ମୂଖ୍ୟତଃ ଧାନ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି । କିନ୍ତୁ ବିଡମ୍ବନାର ବିଷୟ ଯେ, ଢଙ୍କସର ଗାଁର ଅନ୍ୟପଟେ ସୁନ୍ଦର ନଦୀର ଏକ ଶାଖା ନାଲା ରହିଛି । ନାଲାଟି ସୁନ୍ଦର ନଦୀର ଶାଖା ନାଲା ହୋଇଥିବାରୁ ବର୍ଷ ତମାମ ଜଳ ପ୍ରବାହିତ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଢଙ୍କସର ନାଲା ଉପରେ ବ୍ରିଜ ମଧ ନିର୍ମାଣ କରାଯାଇଛି । ହେଲେ ବ୍ରିଜର ଦୁଇପାଶ୍ୱର୍ରେ ଆପ୍ରୋଜ ରାସ୍ତା ଏଯାଏଁ ନିର୍ମାଣ ହୋଇପାରିନାହିଁ । ଯାହାଫଳରେ ବିପଦ ସଙ୍କୁଳ ଅବସ୍ଥାରେ ସ୍ଥାନୀୟ ଲୋକମାନେ ବାଧ ହୋଇ ନାଲା ହୁଡା ଦେଇ ଯିବାଆସିବା କରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ସେହିଭଳି ରୋଗରେ ଆକ୍ରାନ୍ତ ହୋଇଥିବା ରୋଗୀଙ୍କୁ ଡାକ୍ତରଖାନାକୁ ନେବା ପାଇଁ ଆମ୍ବୁଲାନ୍ସ ଗାଡିଟିଏ ଡାକିଲେ ମଧ ଗାଁକୁ ପହଞ୍ଚ ପାରୁନାହିଁ । ବ୍ରିଜର ଦୁଇ ପାଶ୍ୱର୍ରେ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଲୋକମାନେ ବାରମ୍ବାର ଜିଲା ପ୍ରଶାସନ ଠାରୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀଯନ୍ତ୍ରୀକୁ ଲିଖିତ ଜଣାଇ ଆସୁଛନ୍ତି । ହେଲେ ପ୍ରଶାସନ ସେମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉନଥିବାରୁ ସ୍ଥାନୀୟ ଲୋକ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗତ ୭ ବର୍ଷ ତଳେ ଢଙ୍କସର ନାଲା ଉପରେ ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୨ କୋଟି ୧୨ଲକ୍ଷ ୬୫ ହଜାର ଟଙ୍କାରେ ପୋଲ ନିର୍ମାଣ କାମ ଶେଷ ହୋଇ ସାରିଛି । ହେଲେ ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ କତୃପକ୍ଷ ଓ ଜିଲା ପ୍ରଶାସନର ଅବହେଳା ଯୋଗୁଁ ଜମି ଅଧିଗ୍ରହଣ ହୋଇ ପାରିନଥିବାରୁ ଏଯାଏଁ ବ୍ରିଜର ଉଭୟ ପାଶ୍ୱର୍ରେ ନୂତନ ରାସ୍ତା ନିର୍ମାଣ ହୋଇ ପାରିନଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରଛନ୍ତି । ଏନେଇ ଲୋକ ମାନେ ଜିଲ୍ଲା ପ୍ରଶାସନ ଠାରୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀଯନ୍ତ୍ରୀକୁ ଲିଖିତ ଭାବେ ଜଣାଇବା ସହ ବ୍ରିଜର ଉଭୟ ପାଶ୍ୱର୍ରେ ତୁରନ୍ତ ନୂତନ ରାସ୍ତା ନିର୍ମାଣ କରିବାକୁ ଢଙ୍କସର ଗ୍ରାମବାସୀ ଦାବି କରିଛନ୍ତି ।

# ହୀରାକୁଦ ଡ୍ୟାମର ୬ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର,୧/୮ (ନି.ପ୍ର): ହୀରାକୁଦ ଡ୍ୟାମର ୮ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରୀ ରହିଥିବା ବେଳେ ପରେ ଆଉ ଦୁଇଟି ସ୍ଲୁଇସ୍ ଗେଟ୍ କୁ ବନ୍ଦ କରାଯାଇଛି । ଏବେ ମୋଟ୍ ୬ଟି ସ୍ଲୁଇସ୍ ଗେଟ୍ ଓ ଅନ୍ୟାନ୍ୟ ପାଓ୍ୱାର ଚାନେଲ ଦେଇ ବନ୍ୟାଜଳ ନିଷ୍କାସନ ଜାରୀ ରହିଛି । ଉପର ମୁଣ୍ଡରେ ବର୍ଷାର ପରିମାଣ କମି ଥିବାରୁ ଡ୍ୟାମ୍ କର୍ତ୍ତୃପକ୍ଷ ଏହି ନିଷ୍ପତି ନେଇଛନ୍ତି । ଡ୍ୟାମ୍ ର ବାମ ପାର୍ଶ୍ୱ ଡାଇକ୍ ର ୪ଟି ଏବଂ ଡ଼ାହାଣ ପାର୍ଶ୍ୱ ଡାଇକ୍ ର ୨ଟି ସ୍ଲୁଇସ୍ ଗେଟ୍ ଓ ଅନ୍ୟାନ୍ୟ ପାଓ୍ୱାର ଚାନେଲ ଦେଇ ବନ୍ୟାଜଳ ନିଷ୍କାସନ ଜାରୀ ରହିଛି । ଜଳ ଭଣ୍ଡାର ମଧକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୩୦ ହଜାର ୭୬୨ ଘନଫୁଟ୍ ଜଳ ପ୍ରବେଶ କରୁଛି । ସେହି ସମୟରେ ମୋଟ୍ ୬ଟି ସ୍ଲୁଇସ୍ ଗେଟ୍ ଓ ଅନ୍ୟାନ୍ୟ ପାଓ୍ୱାର ଚାନେଲ ଦେଇ ପ୍ରତି ସେକେଣ୍ଡରେ ୧ ଲକ୍ଷ ୯ ହଜାର ୪୯୫ ଘନଫୁଟ୍ ରୁ ଉର୍ଦ୍ଧ୍ୱ ଜଳ ମହାନଦୀକୁ ଛଡାଯାଉଛି । ବନ୍ଧର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଜଳ ଭଣ୍ଡାରର ଜଳ ପତନ ଆଜି ପୂର୍ବାହ୍ନ ୯ଟା ସୁଦ୍ଧା ୬୦୫.୨୭ ଫୁଟ୍ ରହିଛି ।

# ଡ୍ରିଙ୍କ ଫ୍ରମ ଟ୍ୟାପ୍ ବ୍ୟବସ୍ଥାର ସମୀକ୍ଷା କଲେ ମନ୍ତ୍ରୀ

ପୁରୀ,୧/୮ (ନି.ପ୍ର): ପଚାଂୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ଆଜି ପୁରୀ ଗସ୍ତରେ ଆସି ବଡ଼ଦାଣ୍ଡରେ ଥିବା ଡ୍ରିଙ୍କ ଫ୍ରମ ଟ୍ୟାପ୍ ରୁ ସିଧାସଳଖ ପାଣି ପିଇବା ସହ ଏହି ବ୍ୟବସ୍ଥାର ସମୀକ୍ଷା କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ସୋମବାର ଦିନ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ଏହା ଭାରତରେ ପ୍ରଥମ ମଡ଼େଲ ଭାବେ ପ୍ରଦର୍ଶିତ ହୋଇଛି । ପୁରୀର ୨.୫ ଲକ୍ଷ ବାସିନ୍ଦା ଓ ପ୍ରତି ବର୍ଷ ସହରକୁ ଆସୁଥିବା ୨ କୋଟି ପର୍ଯ୍ୟଟକ ଏହି ସୁବିଧା ପାଇପାରିବେ । ପିଇବା ପାଣି ସଂଗ୍ରହ କରିବା ଓ ଏହାକୁ ଫିଲଟର କରିବାର ଆବଶ୍ୟକତା ନାହିଁ ବୋଲି ମନ୍ତ୍ରୀ କହିଥିଲେ । ଏହି ପାଣି ୨୪ ଘଂଟା ଯୋଗାଣ ହେବ । ବଡ଼ଦାଣ୍ଡରେ ମୋଟ୍ ୧୨୦ଟି ସ୍ଥାନରେ ଓ ସହରର ୪୦୦ଟି ସ୍ଥାନରେ ଏହି ମୁକ୍ତ ପାଣି ପିଇବା ବ୍ୟବସ୍ଥା କରାଯିବ । ୩୨ ହଜାର ନୂଆ ପାଣି ଟ୍ୟାପ୍ ସଂଯୋଗ ଦିଆଯାଇଛି । ମନ୍ତ୍ରୀ ଶ୍ରୀ ଜେନା ବଳିଆପଣ୍ଡାର ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ଦାଶ ଓ ଜଳସାଥି ରୀନାରାଣୀ କବିରାଜଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଅବଧି ବୃଦ୍ଧି ଦାବି

ନୂଆପଡା,୧/୮ (ନି.ପ୍ର): ନୂଆପଡା ଜିଲ୍ଲାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଭୟାବହ ମରୁଡିର ପଦଧ୍ୱନୀ ଶୁଭିଲାଣି । ଅଗଷ୍ଟ ମାସ ଆରମ୍ଭ ହେବାକୁ ବସିଲାଣି ତଥାପି ଆବଶ୍ୟକ ପରିମାଣରେ ବର୍ଷା ହୋଇନାହିଁ । ଏପର୍ଯ୍ୟନ୍ତ ରୁଆ କାର୍ଯ୍ୟ ଆରମ୍ଭ ହୋଇନଥିବା ବେଳେ ବୁଣିଥିବା ଧାନ ଗଛ ଏବଂ ତଳି ସବୁ ମରିବାକୁ ବସିଲାଣି । ଚାଷୀ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ଏକ ମାତ୍ର ସାହା ପ୍ରଧାନମନ୍ତ୍ରୀ ଫସଲ ବୀମାର ନିତିନିୟମ ଏବଂ ଅନଲାଇନ ମାଧମରେ ଆବେଦନ ପ୍ରକିୟା ତାଙ୍କୁ ହତୋତ୍ସାହିତ କରି ପକାଉଛି । ଅନ୍ୟବର୍ଷ ମାନଙ୍କରେ ବ୍ୟାଙ୍କ ମାନେ ସିଧାସଳଖ ଚାଷୀ ମାନଙ୍କ ଠାରୁ ଆବେଦନ ପତ୍ର ଓ କୃଷି ବୀମା ରାଶି ଗ୍ରହଣ କରୁଥିବା ବେଳେ ଚଳିତ ବର୍ଷ ଅନଲାଇନ ମାଧମରେ ଆବେଦନ କରିବାର ନିୟମ ରହିଛି । ଫଳରେ ଚାଷୀ ମାନେ ନାନା ସମସ୍ୟା ଭୋଗ କରୁଥିବା ଅଭିଯୋଗ କରିଛନ୍ତି । ଚାଷୀ ବୀମା କରିବା ପାଇଁ ବିଭିନ୍ନ ସିଏଚସି ସେଣ୍ଟର ମାନଙ୍କରେ ଲମ୍ବା ଲାଇନ ଲଗାଇ ରହୁଛନ୍ତି । ଅନ୍ୟପକ୍ଷରେ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲ୍ଲାର ୧୫ ପ୍ରତିଶତରୁ କମ ପ୍ରତିଶତ ଚାଷୀ ସେମାନଙ୍କ ଜମିର ବୀମା କରିଥିବା ବେଳେ ବର୍ତ୍ତମାନ ମଧ ୮୫ ପ୍ରତିଶତ ଚାଷୀ ବୀମା କରିବାରୁ ବଞ୍ଚିତ ହୋଇଛନ୍ତି । ଫଳରେ କୃଷି ବୀମା ଅବଧି ବୃଦ୍ଧି କରଯିବାର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ପ୍ରଧାନମନ୍ତ୍ରୀ ଫସଲ ବୀମା ଅବଧି ବୃଦ୍ଧି କରିବାକୁ ଜିଲ୍ଲାର କୃଷକ ମହଲରେ ଦାବୀ ହେଉଛି ।



ଦିଲ୍ଲୀପ କୁମାର ସାହୁ

# ଅଷ୍ଟଶମ୍ଭୁ ଓ ସପ୍ତମାତୃକା ପୀଠ

## ( ରାଜ୍ୟର ଏକ ଅନନ୍ୟ ଶୈବ ଓ ଶାକ୍ତ କ୍ଷେତ୍ର )



**ବେଲଖଣ୍ଡିର ସେହି ପବିତ୍ର କ୍ଷେତ୍ରରୁ ଯେଉଁ ପ୍ରାଚୀନ ମୂର୍ତ୍ତୀଗୁଡିକୁ ସଂଗ୍ରହ କରାଯାଇଥିଲା ସେଗୁଡିକ ମଧ୍ୟରୁ କିଛି ସେହି କ୍ଷେତ୍ରମଧ୍ୟରେ ଥିବା ସଂଗ୍ରହାଳୟରେ ସାଇତି ରଖାଯାଇଥିବା ବେଳେ ବାକି ମୂର୍ତ୍ତୀଗୁଡିକୁ ଭବାନୀପାଟଣାସ୍ଥିତ ଜିଲ୍ଲା ସଂଗ୍ରହାଳୟରେ ସଂରକ୍ଷିତ କରି ରଖାଯାଇଛି । ସେହି ସଗ୍ରହାଳୟରେ ସୁନ୍ଦର ଭାବରେ ସାଇତା ଯାଇଥିବା ମୂର୍ତ୍ତୀ ଗୁଡିକୁ ଦେଖି ପର୍ଯ୍ୟଟକମାନେ ବେଲଖଣ୍ଡି ପରିଦର୍ଶନ ପାଇଁ ଆକର୍ଷିତ ହେଉଛନ୍ତି ।**

କଳାହାଣ୍ଡି ଜିଲ୍ଲାର କେଶିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ର ଧବଳେଶ୍ୱର ପୀଠ ବା ଅଷ୍ଟଶମ୍ଭୁ ଓ ସପ୍ତମାତୃକା ପୀଠ । ସେହି ପ୍ରାଚୀନ ତୀର୍ଥକ୍ଷେତ୍ର ଟି ଜିଲ୍ଲାର ସଦର ମହକୁମା ଭବାନୀପାଟଣା ସହରଠାରୁ ପ୍ରାୟ ସତୁରୀ କିଲୋମିଟର ଦୂରରେ ଅବସ୍ଥିତ । ମହାନଦୀର ଅନ୍ୟତମ ଉପନଦୀ ତେଲ ସହିତ ଉତେଇ ନଦୀର ମିଳନସ୍ଥଳରେ ଅବସ୍ଥିତ ସେହି ସ୍ଥାନର ପରିବେଶ ଖୁବ୍ ମନୋରମ । ବର୍ଷାଦିନେ ପୂର୍ଣ୍ଣଗର୍ଭା ନଦୀ ଦ୍ୱୟର ଦୃଶ୍ୟ ସ୍ଥାନ ର ଶୋଭାକୁ ବହୁଗୁଣିତ କରିଦିଏ । ପ୍ରକୃତିପ୍ରେମୀ ଙ୍କ ମନରେ ତାହା ଭରିଦିଏ ଅପୁରନ୍ତ ଆନନ୍ଦ ।

ବର୍ଷ ବର୍ଷ ଧରି ସେହି ତେଲ ଓ ଉତେଇର



ବନ୍ୟା ଯୋଗୁଁ ସ୍ଥାନଟି ଧ୍ୱସ୍ତ ବିଧ୍ୱସ୍ତ ହୋଇ ଯାଇଥିଲା ଏବଂ ଜରାଜୀର୍ଣ୍ଣ ଅବସ୍ଥାରେ ପୀଠର ମୁଖ୍ୟ ମନ୍ଦିର ଦ୍ୱୟ ଦୃଶ୍ୟମାନ ହେଉଥିଲା । ବାକି କିର୍ତ୍ତୀରାଜି ପୋତିହୋଇଯାଇଥିଲା ଭୂଗର୍ଭରେ ।୧୯୬୪ ମସିହାରେ ଆରମ୍ଭହେଲା ସେହି ସ୍ଥାନଟିର ପ୍ରନ୍ତାତ୍ତ୍ୱିକ ସର୍ବେକ୍ଷଣ । ଭୂ ଖନନ ଫଳରେ ସେଠାରେ ମିଳିଥିଲା କାରୁକାର୍ଯ୍ୟ ଖଚିତ ଅନେକ ଶିଳାଖଣ୍ଡ ଓ ମୂର୍ତ୍ତି । ସେଠାରୁ ପ୍ରାପ୍ତ ଉମାମହେଶ୍ୱର ବା ଶିବଙ୍କର ଅର୍ଦ୍ଧନାରୀଶ୍ୱର ମୂର୍ତ୍ତୀର ଉଚ୍ଚତା ପାୟ ପାଞ୍ଚ ଫୁଟ । ସର୍ବେକ୍ଷଣ ସମୟରେ ସେଠାରୁ ସାତଗୋଟି ଦେବୀମୂର୍ତ୍ତୀ ଉଦ୍ଧାର କରାଯାଇଥିଲା । ସେହି ମୂର୍ତ୍ତୀଗୁଡିକୁ ସପ୍ତମାତୃକା କୁହାଯାଏ । ସେଠାରେ ମଧ୍ୟ ଅଷ୍ଟଶମ୍ଭୁ ପୂଜାପାଉଥିଲେ । ତେଣୁ ତାହାକୁ ଅଷ୍ଟଶମ୍ଭୁ ଓ ସପ୍ତମାତୃକା କ୍ଷେତ୍ର କୁହାଯାଏ ।

ବେଲଖଣ୍ଡିରୁ ପ୍ରାପ୍ତ ଶିଳାମୂର୍ତ୍ତି ଗୁଡିକୁ ଅନୁଧ୍ୟାନ କରି କେତେକ ପ୍ରନ୍ତତତ୍ତ୍ୱବିତ୍ କୁହନ୍ତି ଯେ ତାହା ଅଷ୍ଟମ ବା ନବମ ଶତାବ୍ଦୀର କୀର୍ତ୍ତୀ । ଆଉ କେତେକ ଗବେଷକଙ୍କ ମତରେ ଦ୍ୱାଦଶ ଶତାବ୍ଦୀରେ ସେଠାରେ ମନ୍ଦିର ସବୁ ନିର୍ମାଣ କରାଯାଇଥିଲା । ନିର୍ମାଣ ସମୟକୁ ନେଇ ଭିନ୍ନତା ଥିଲେ ମଧ୍ୟ ସମସ୍ତେ କିନ୍ତୁ ମତ ଦିଅନ୍ତି ତାହା ଗଙ୍ଗବଂଶର କିର୍ତ୍ତୀ ଯାହାକି ପରବର୍ତ୍ତୀ ସମୟରେ କଳାହାଣ୍ଡିର ନାଗବଂଶୀୟ ଶାସକ ମାନଙ୍କ ପୃଷ୍ଠପୋଷକତା ଲାଭ କରିଥିଲା । ସେହି କ୍ଷେତ୍ରକୁ ରାସ୍ତାଘାଟର ସୁବିଧା ନଥିବାରୁ ତାହା ବହୁଦିନ ଧରି ଅବହେଳିତ ଅବସ୍ଥାରେ ରହିଥିଲା । ସ୍ଥାନୀୟ ଗଅନ୍ତିଆମାନଙ୍କ ସହାୟତାରେ ସେଠାରେ ଜାରିରହିଥିଲା ସେବାପୂଜା ।

ସେହି ପବିତ୍ର ପୀଠର ପୀଠାଧିଶ ହେଉଛନ୍ତି ପ୍ରଭୁ ଧବଳେଶ୍ୱର । ତେଣୁ ତାହା ଧବଳେଶ୍ୱର ପୀଠ ଭାବରେ ମଧ୍ୟ ଖ୍ୟାତ । ପୀଠର ଅନ୍ୟ ଶମ୍ଭୁ ମାନେ ହେଲେ କପିଳେଶ୍ୱର, ଧବଳେଶ୍ୱର, କପାଳେଶ୍ୱର, ଯୋଗେଶ୍ୱର, ସିଦ୍ଧେଶ୍ୱର, ଖମ୍ବେଶ୍ୱର, ପାତାଳେଶ୍ୱର, ସର୍ବେଶ୍ୱର ଓ ନୀଳକଣ୍ଠେଶ୍ୱର ।

ସେଠାରେ ଧବଳେଶ୍ୱରଙ୍କ ମନ୍ଦିରଟି ଅନ୍ୟାନ୍ୟ ମନ୍ଦିରଠାରୁ ଉଚ୍ଚତାରେ ବଡ । ତାହା ଏକ ପୂର୍ବାଭିମୁଖି ମନ୍ଦିର । ମନ୍ଦିର ଟି ଦୁଇଭାଗରେ ବିଭକ୍ତ । ବିମାନ ଏବଂ ଜଗମୋହନ । ଜଗମୋହନରେ ପ୍ରଭୁଙ୍କ ବାହନ ବିରାଜମାନ । ବିମାନରେ ପୂଜାପାଆନ୍ତି ପ୍ରଭୁ ଧବଳେଶ୍ୱର । ଧବଳେଶ୍ୱରଙ୍କ ଲିଙ୍ଗର ଅଗ୍ରଭାଗ ଠିକ୍ ଏକ ଉଇହୁଙ୍କାର ଅଗ୍ରଭାଗ ପରି ମନେହୁଏ । ବସ୍ତ୍ରାବୃତ ଏହି ଲିଙ୍ଗକୁ ଘେରି ରହିଛନ୍ତି ଧାତୁରେ ନିର୍ମିତ ନାଗଦେବତା । ପ୍ରଭୁ ଧବଳେଶ୍ୱରଙ୍କ ମୁଖ୍ୟ ମନ୍ଦିର ଓ ଜଗମୋହନର ଅଗ୍ରଭାଗ ଦେଖିବାକୁ ପଦ୍ମକଡି ପରି, ଯାହାକି ଦୂରରୁ ଭକ୍ତମାନଙ୍କୁ ଟାଣି ଆଣିଥାଏ ।

ସେହି ପୀଠର ଅନ୍ୟତମ ପ୍ରମୁଖ ଶମ୍ଭୁ ହେଲେ ବାବା କପିଳେଶ୍ୱର । ବାବାଙ୍କ ମନ୍ଦିରଟି ଧବଳେଶ୍ୱରଙ୍କ ମନ୍ଦିରଠାରୁ ଛୋଟ ଓ ତାହା ପଶ୍ଚମାଭିମୁଖି । ଦକ୍ଷିଣକୁ ମୁହଁ କରି ରହିଥିବା ବାବା ଜଳେଶ୍ୱରଙ୍କ ମନ୍ଦିରଟି ଖୁବ୍ ଛୋଟ । ସେହି ମନ୍ଦିରରେ ବାବାଙ୍କ ଲିଙ୍ଗ ସହିତ ଗଣେଶଙ୍କ ଏକ ପ୍ରାଚୀନ ମୂର୍ତ୍ତୀ ଅବସ୍ଥାପିତ । ଉମାମହେଶ୍ୱରଙ୍କୁ ମାଟିତଳୁ ଉଦ୍ଧାର କରାଯାଇଥିଲା । ତାଙ୍କପାଇଁ ଏକ ପୂର୍ବାଭିମୁଖି ମନ୍ଦିର ପରବର୍ତ୍ତୀ ସମୟରେ ନିର୍ମାଣ କରାଯାଇଥିଲା । ବାକି ଚାରିଶମ୍ଭୁଙ୍କୁ ଆଖପାଖର ଲୋକମାନେ ନେଇଯାଇ ସେମାନଙ୍କ ଗ୍ରାମରେ ସ୍ଥାପନା କରି ପୂଜାର୍ଚ୍ଚନା କରୁଛନ୍ତି ।

ବନ୍ୟାଜଳ ଦ୍ୱାରା ବାବା ଧବଳେଶ୍ୱର ଓ କପିଳେଶ୍ୱରଙ୍କ ମନ୍ଦିରର ଅନେକ କ୍ଷୟକ୍ଷତି ହୋଇଥିଲା । ପରବର୍ତ୍ତୀ ସମୟରେ ସେଗୁଡିକର ମଧ୍ୟ ପୁନରୁଦ୍ଧାର କରାଯାଇଛି । ତେଣୁ ସେହି ପୁନରୁଦ୍ଧାର ସମୟରେ ପ୍ରାଚୀନ କିର୍ତ୍ତୀ ଗୁଡିକର ଯେପରି କୌଣସି କ୍ଷତି ନହୁଏ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇଛି । ପ୍ରାଚୀନ ମୂର୍ତ୍ତୀ ଗୁଡିକୁ ଯଥା ସ୍ଥାନରେ ରଖାଯିବା ସହିତ ଶୂନ୍ୟସ୍ଥାନଗୁଡିକରେ ନବୀନ ମୂର୍ତ୍ତୀ ସ୍ଥାପନା କରାଯାଇଛି । ଯେପରିକି କପିଳେଶ୍ୱରଙ୍କ ପାର୍ଶ୍ୱ ଦେବାଦେବୀ ନୂଆକରି ଗଢାଯାଇଥିବା ବେଳେ ଧବଳେଶ୍ୱରଙ୍କ ପାର୍ଶ୍ୱ ଦେବାଦେବୀ ଭାବରେ ପ୍ରାଚୀନ ମୂର୍ତ୍ତୀଗୁଡିକ ଶୋଭାପାଇଥାନ୍ତି । କପିଳେଶ୍ୱରଙ୍କ ସମ୍ମୁଖରେ ଉଭୟ ନବୀନ ଓ ପ୍ରାଚୀନ ବୃଷଭ ସ୍ଥାନିତ ହୋଇଥିବା ବେଳେ ଧବଳେଶ୍ୱରଙ୍କ ସିଂହଦ୍ୱାରରେ ଉଭୟେ ନୂଆ ଓ ପୁରୁଣା ସିଂହ ମୂର୍ତ୍ତୀ ବିଦ୍ୟମାନ ।











ବେଲଖଣ୍ଡିର ସେହି ପବିତ୍ର କ୍ଷେତ୍ରରୁ ଯେଉଁ ପ୍ରାଚୀନ ମୂର୍ତ୍ତୀଗୁଡିକୁ ସଂଗ୍ରହ କରାଯାଇଥିଲା ସେଗୁଡିକ ମଧ୍ୟରୁ କିଛି ସେହି କ୍ଷେତ୍ରମଧ୍ୟରେ ଥିବା ସଂଗ୍ରହାଳୟରେ ସାଇତି ରଖାଯାଇଥିବା ବେଳେ ବାକି ମୂର୍ତ୍ତୀଗୁଡିକୁ ଭବାନୀପାଟଣାସ୍ଥିତ ଜିଲ୍ଲା ସଂଗ୍ରହାଳୟରେ ସଂରକ୍ଷିତ କରି ରଖାଯାଇଛି । ସେହି ସଗ୍ରହାଳୟରେ ସୁନ୍ଦର ଭାବରେ ସାଇତା ଯାଇଥିବା ମୂର୍ତ୍ତୀ ଗୁଡିକୁ ଦେଖି ପର୍ଯ୍ୟଟକ ମାନେ ବେଲଖଣ୍ଡି ପରିଦର୍ଶନ ପାଇଁ ଆକର୍ଷିତ ହେଉଛନ୍ତି ।

ବେଲଖଣ୍ଡିରୁ ଯେଉଁ ସପ୍ତମାତୃକା ମୂର୍ତ୍ତୀଗୁଡିକୁ ସଂଗ୍ରହ କରାଯାଇଛି,

ସେଗୁଡିକୁ ସେହି ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯାଉଛି । ସେଠାରୁ ପ୍ରାପ୍ତ ସପ୍ତମାତୃକାମାନେ ହେଲେ ଚନ୍ଦ୍ରମା, ଚନ୍ଦ୍ରକାନ୍ତି, ଚନ୍ଦ୍ରକଳା, ଚନ୍ଦ୍ରମୁଖୀ, ଚନ୍ଦ୍ରପ୍ରିୟା, ଚନ୍ଦ୍ରପ୍ରଭା ଏବଂ ଚନ୍ଦ୍ରନୟନା । ସପ୍ତମାତୃକା ମୂର୍ତ୍ତୀ ପ୍ରାପ୍ତ ହେତୁ ବେଲଖଣ୍ଡି ଏକ ଶୈବ ଓ ଶାକ୍ତ କ୍ଷେତ୍ର ବୋଲି ପ୍ରମାଣିତ ହୋଇଥିଲା । ତେଣୁ କଳାହାଣ୍ଡିର ମହାରାଜା ବ୍ରଜମୋହନ ଦେଓ ଏଠାରେ ଏକ ଚଣ୍ଡି ମନ୍ଦିର ପ୍ରତିଷ୍ଠା କରିଥିଲେ ।

ବେଲଖଣ୍ଡି ର ସମସ୍ତ ମନ୍ଦିର ପ୍ରସ୍ତର ନିର୍ମିତ ହୋଇଥିବାବେଳେ ଚଣ୍ଡି ମନ୍ଦିରଟି ଇଟାରେ ତିଆରି । ସେହି ପବିତ୍ର କ୍ଷେତ୍ରରେ ରାମଭକ୍ତ ହନୁମାନଙ୍କର ଏକ ସୁନ୍ଦର ମୂର୍ତ୍ତୀ ପ୍ରତିଷ୍ଠିତ । ପୀଠରେ ବୃନ୍ଦାବତୀ ପୂଜାର ବିଧି ରହିଛି । ବିଶେଷ କରି କାର୍ତ୍ତୀକ ମାସରେ ସେଠାରେ ରାଇଦାମୋଦର ପୂଜା କରାଯିବା ସହିତ କାର୍ତ୍ତିକ ପୁରାଣ ପଠନ କରାଯାଇଥାଏ । ଅନେକ ସମୟରେ ମାନସିକ ଧାରୀ ମାନେ ସେହି ଶୈବପୀଠରେ ଅଷ୍ଟପ୍ରହର ନାମଯଜ୍ଞର ଆୟୋଜନ କରିଥାନ୍ତି । ତେଣୁ ସରକାରୀ ଅନୁଦାନରେ ସେଠାରେ ଏକ ସୁନ୍ଦର ଅଷ୍ଟପ୍ରହରୀ ମଣ୍ଡପ ନିର୍ମାଣ କରାଯାଇଛି । ସେହି ମଣ୍ଡପ ଦ୍ୱାରା ଧବଳେଶ୍ୱର ଓ କପିଳେଶ୍ୱରଙ୍କ ମନ୍ଦିରକୁ ଯୋଡିଦିଆଯିବାପରି ମନେହୋଇଥାଏ । ଅନ୍ୟାନ୍ୟ ପୀଠ ପରି ସେହି କ୍ଷେତ୍ରରେ ବାରମାସରେ ତେର ପର୍ବର ଆୟୋଜନ କରାଯାଇଥାଏ । ତେବେ ପୀଠର ସବୁଠାରୁ ବଡ ପର୍ବ ହେଲା ଶିବରାତ୍ରୀ । ଏବେ ପୀଠକୁ ରାସ୍ତାଘାଟର ସୁବିଧା ହୋଇଯିବା ଫଳରେ ବର୍ଷସାରା ସେଠାକୁ ଶ୍ରଦ୍ଧାଳୁମାନେ ଆସି ପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତି ନୈବେଦ୍ୟ ଅର୍ପଣ କରିଥାନ୍ତି ।

ଶ୍ରାବଣ ମାସର ପ୍ରତି ସୋମବାର ପ୍ରଭାତରେ ଶ୍ରାବଣୀ ବ୍ରତଧାରୀଙ୍କର ପ୍ରବଳ ଭିଡ ସେଠାରେ ଦେଖିବାକୁ ମିଳେ । କାଉଡିଆମାନେ , ନିକଟରେ ବହିଯାଉଥିବା ତେଲ ଓ ଉତେଇ ନଦୀର ପବିତ୍ର ଜଳକୁ ଆଣି ଦେବଦେବ ମହାଦେବଙ୍କ ଠାରେ ଜଳାଭିଷେକ କରିଥାନ୍ତି ।

+ ଶଙ୍କରପୁର, ଚାରବାଟିଆ,
ଚୌଦ୍ୱାର, କଟକ
(ମୋ) ୯୮୬୧୧୨୬୧୯୭

# ତଉଲିଆ ସୁସ୍ଥ ରଖିବ

ବର୍ଷାଦିନ ଆସିଲାଣି । ଓଦା ସହିତ ହାତ, ଗୋଡ ଧୋଇବା ପରେ ପୋଛିବା ପାଇଁ ତଉଲିଆର ବ୍ୟବହାର ବଢିଯିବ । ଘରେ ତଉଲିଆ ସବୁଠାରୁ ବେଶୀ ବ୍ୟବହାର ହୋଇଥାଏ । ତେବେ କେତେବେଳେ ଏହାକୁ ଧୋଇବା ଉଚିତ ତଥା ଧୋଇବା ବେଳେ କିମ୍ୱା ନୂଆ ତଉଲିଆ ବ୍ୟବହାର କରୁଥିବା ବେଳେ କେଉଁକେଉଁ ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ ସେ ବିଷୟରେ ଅନେକେ ଭଲଭାବେ ଜାଣନ୍ତି ନାହିଁ । ସ୍ୱାସ୍ଥ୍ୟ ଲାଗି ତଉଲିଆ ସତେଜ ରହିବା ଜରୁରୀ ଥିବାରୁ ଏ ବାବଦରେ କିଛି ଟିପ୍ସ :



- ତଉଲିଆ ଧୋଇବା ପରେ ଏହାକୁ ଭଲଭାବେ ଝାଡି ଦିଅନ୍ତୁ । ଫଳରେ ଶୁଖିବା ପରେ ବି ନରମ ରହିବ ।
- ଧୋଇବା ବେଳେ ଥଣ୍ଡାପାଣି ବଦଳରେ ଗରମ ପାଣି ବ୍ୟବହାର କରିବା ଉଚିତ । କାରଣ, ଏଥିରେ ସବୁଠାର ଅଧିକ ବ୍ୟାକ୍ଟେରିଆଥା'ନ୍ତି । ଧୋଇବା ସମୟରେ ଡେଟଲ ଭଳି ଜୀବାଣୁନାଶକ ବ୍ୟବହାର କରିବା ଆହୁରି ଭଲ ।
- ଘରର ସମସ୍ତେ ଗୋଟିଏ ହୁକ୍‌ରେ ନିଜନିଜ ତଉଲିଆ ଟାଙ୍ଗିବା ଉଚିତ ନୁହେଁ । କାରଣ, ଏହାଦ୍ୱାରା ମଏଶ୍ଚର ହୋଇ ସେଥିରେ ଧୂଳି ଲାଗିବା ସହ ବ୍ୟାକ୍ଟେରିଆ ଏବଂ ଫଙ୍ଗସ ବୃଦ୍ଧି ହୋଇଥାଏ ।
- ହାତପୋଛା ତଉଲିଆରେ ଶରୀରର ମୃତତ୍ୱଚା ଲଗିଯାଉଥିବାରୁ ବ୍ୟାକ୍ଟେରିଆ ଶୀଘ୍ର ସୃଷ୍ଟି ହୁଅନ୍ତି । ତେଣୁ ପ୍ରତିଦିନ ଏହାକୁ ଧୋଇବା ଉଚିତ୍ ।
- ନୂଆ ତଉଲିଆ ଧୋଇବା ପରେ ବ୍ୟବହାର କରିବା ଉଚିତ । କମ୍ପାନୀରେ ଏହାକୁ ନରମ କରିବା ଲାଗି ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଇଥାଏ ।
- ୱାଶିଂ ମେସିନରେ ତଉଲିଆକୁ ଅନ୍ୟ ପୋଷାକରେ ଏକାଠି ପକାଇ ଦିଅନ୍ତୁ ନାହିଁ । ଏହାର ସୂତା ଅନ୍ୟ ପୋଷାକରେ ଲାଗିଯିବ ଏବଂ ସେଗୁଡିକର ହୁକ, ଚେନ୍ ଆଦି ତଉଲିଆକୁ ଖରାପ କରିପାରେ । ବ୍ୟବହାର କରିବା ପରେ ତଉଲିଆକୁ ପ୍ରତିଥର ଖରାରେ ଶୁଖାଇବେ । ନଚେତ ଦୁର୍ଗନ୍ଧ ଏବଂ ବ୍ୟାକ୍ଟେରିଆ ସମସ୍ୟା ସୃଷ୍ଟି କରିପାରନ୍ତି ।
- ଫାବ୍ରିକ୍ ସଫ୍ଟନର ତଉଲିଆ ପାଇଁ ବ୍ୟବହାର କରିବେନି । କାରଣ, ଏହା ତଉଲିଆର ଫାଇବର ଉପରେ ମହମର ଏକ ଖୁବ୍ ପତଳା ଆସ୍ତରଣ ଲଗାଇଦିଏ । ତେଣୁ ଏହା ଠିକ୍ ଭାବେ ଶରୀର ପୋଛିପାରେ ନାହିଁ ।

# ଭୃଙ୍ଗରାଜ ପତ୍ର ଓ କେଶର ଯତ୍ନ

ଭୁରୁସୁଙ୍ଗ ପତ୍ର ବାଟି କେଶ ଓ କେଶ ମୂଳରେ ମାଲିସ କରନ୍ତୁ। ଅଧ ଘଣ୍ଟା ପରେ ଶୀତଳ ଜଳରେ ଧୋଇ ଦିଅନ୍ତୁ। ଏଥିରେ ଥିବା ଏଣ୍ଟିଅକ୍ସିଡାଣ୍ଟ୍ ତ୍ୱଚା ମୂଳକୁ ଆର୍ଦ୍ର ରଖେ। କେଶର ଶୁଷ୍କତା ଦୂର କରାଏ।





ପନ୍ଦର କୋଡ଼ିଏଟି ଭୁରୁସୁଙ୍ଗ ପତ୍ର ବାଟି, ଏକ ଚାମଚ ଅଲିଭତ ତେଲ ସହ ଫେଣ୍ଟି କେଶରେ ଲଗାନ୍ତୁ। ଘଣ୍ଟାଏ ପରେ ଧୋଇ ଦିଅନ୍ତୁ। କେଶ ମୂଳ ସଂକ୍ରମଣରୁ ରକ୍ଷା ମିଳିବା ସହ ରୁପି ସମସ୍ୟା ଦୂର ହୁଏ। କିଛି ସତେଜ ଭୁରୁସୁଙ୍ଗ ପତ୍ର ନଡ଼ିଆ ତେଲ ସହ ଅଳ୍ପ ପାଣିରେ ଫୁଟାନ୍ତୁ। ପାଣି ସାମାନ୍ୟ କଳା ପଡ଼ି ଆସିଲେ ଥଣ୍ଡା କରି କେଶ ମୂଳରେ ମାଲିସ କରନ୍ତୁ। ଘଣ୍ଟାଏ ପରେ ଧୋଇ ଦିଅନ୍ତୁ। ସପ୍ତାହରେ ଦୁଇ-ତିନି ଥର ଏପରି କରନ୍ତୁ। ଅସମୟରେ କେଶ ପାଚିବା ସମସ୍ୟାରୁ ମୁକ୍ତି ପାଇବେ।

ଭୁରୁସୁଙ୍ଗ ପତ୍ର ବାଟି, ଦୁଇ ଚାମଚ ଘିକୁଆଁରୀ ରସ ଭଲ ଭାବେ ଫେଣ୍ଟନ୍ତୁ। କେଶରେ ଲଗାଇ ଅଧ ଘଣ୍ଟା ପେର ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। କେଶର ଔଜ୍ଜ୍ୱଲ୍ୟ ବଢ଼ିବ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶିକ୍ଷା ବ୍ୟବସ୍ଥାର ଭବିଷ୍ୟତ...

ଆମ ଦେଶରେ ବହୁଦିନରୁ ପ୍ରଚଳିତ ଶିକ୍ଷାନୀତିରେ କ୍ରାନ୍ତିକାରୀ ସଂସ୍କାର ଆଣିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଗତବର୍ଷ ଆଣିଥିବା ଶିକ୍ଷାନୀତିକୁ ବର୍ଷେ ପୂରିଲା । ନୂତନ ଭାରତ ପାଇଁ ଏହି ନୂଆ ଶିକ୍ଷାନୀତିର ମହତ୍ତ୍ୱ କେତେବେଶୀ ତାହାରି ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱାରୋପ କରିଛନ୍ତି । ଗତାନୁଗତିକ ଧାରାରେ ଚାଲିଆସିଥିବା ଶିକ୍ଷା ବଦଳୁଥିବା ବ୍ୟବସ୍ଥା ସହ ଖାପଖାଇ ଚଳିପାରୁନଥିବା ସମସ୍ତଙ୍କର ଉପଲବ୍ଧି ଭିତରେ ଆସୁଥିଲେ ହେଁ ଆମୂଳଚୂଳ ସଂସ୍କାର ପାଇଁ ଏହା ପୂର୍ବରୁ ଆଖିଦୃଶିଆ ପଦକ୍ଷେପ ନିଆଯାଇ ପାରୁନଥିଲା । ଗୋଟିକ ପରେ ଗୋଟିଏ କମିଶନ ବସି ବର୍ଷକାଳ ଚର୍ବଣ-କର୍ଷଣ କରି ଚାଲିଥିଲେ । ମାତ୍ର ବିଭିନ୍ନ କାରଣବଶତଃ କମିଶନ ସମୂହର ସୁପାରିସଗୁଡ଼ିକ ନା' କାର୍ଯ୍ୟକାରୀ ହୋଇପାରୁଥିଲା, ନା' କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ମହଲ ତାହା ଉପରେ ଗୁରୁତ୍ୱ ଦେଉଥିଲେ । ତାହା ବ୍ୟତୀତ ଏଭଳି କିଛି ଉହ୍ୟ କାରଣ ରହିଥିଲା, ଯେଉଁଥିସକାଶେ ଦେଶର ଭବିଷ୍ୟତ କୁହାଯାଉଥିବା ଶିଶୁ ଓ କିଶୋର ପିଢ଼ି ଉପଯୁକ୍ତ ମାର୍ଗ ଦର୍ଶନ ପାଇପାରୁନଥିଲେ । ବିଭିନ୍ନ ଦିଗରୁ ବିଚାର କରାଯାଇ କେନ୍ଦ୍ର ସରକାର ନ୍ୟାସନାଲ ଏଜୁକେଶନ ପଲିସି ପ୍ରସ୍ତୁତ କରି ଗତବର୍ଷଠାରୁ କାର୍ଯ୍ୟକାରୀ କରିବାର ଘୋଷଣା କଲେ । ବହୁପୂର୍ବରୁ ପ୍ରଚଳିତ ହୋଇଆସିଥିବା ଶିକ୍ଷାନୀତିରେ ଔପନିବେଶିକବାଦର ଛାୟା ଜମାଟି ବାନ୍ଧି ରହିଥିଲା । ତାହା ଦ୍ୱାରା କେବଳ ଛାତ୍ର-ଛାତ୍ରୀ ନୁହଁନ୍ତି, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକ ମହଲ ରୀତିମତ ଚାପ ଭିତରେ ରହୁଥିଲେ । ବର୍ଷେ ପୂରିଥିବା ଜାତୀୟ ଶିକ୍ଷାନୀତିର କାର୍ଯ୍ୟକାରିତା ନିମ୍ନଠାରୁ ଉପର ସ୍ତର ସବୁକ୍ଷେତ୍ରରେ କଥିତ ଚାପରୁ କିଭଳି ଶିକ୍ଷାର୍ଥୀ ଓ ଶିକ୍ଷକମାନେ ମୁକ୍ତ ରହି ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ପାଇଁ ଉପଯୁକ୍ତ ମାନସିକତା ଓ ବାତାବରଣ ପାଇପାରିବେ, ସେଥିପାଇଁ ଯତ୍ନ ନିଆଯାଇଛି । ଗ୍ରେଡ୍-୧ ବିଦ୍ୟାର୍ଥୀମାନଙ୍କ ପାଇଁ ବିଦ୍ୟାପ୍ରବେଶ ପ୍ରକଳ୍ପର ବ୍ୟବସ୍ଥା କରାଯାଇଥିବା ବେଳେ ଉପର ସୋପାନ ବୈଷୟିକ ଶିକ୍ଷା ସକାଶେ ୧୧ଟି ଭାରତୀୟ ଭାଷାରେ ପାଠ୍ୟକ୍ରମର ପ୍ରଚଳନ କରାଯିବାର ପ୍ରାବଧାନ ରହିଛି । ଦେଶବାସୀଙ୍କ ଉଦ୍ଦେଶ୍ୟରେ ଶିକ୍ଷାବିତ୍ ଓ ଶିକ୍ଷାୟତନ ସହ ଜଡ଼ିତ ବିଶିଷ୍ଟ ବ୍ୟକ୍ତିଙ୍କ ସମାବେଶକୁ ଉଦ୍‌ବୋଧନ ପ୍ରଧାନମନ୍ତ୍ରୀ ଯେଉଁ ସୂଚନା ଦେଇଛନ୍ତି, ସେଥିରୁ ସ୍ପଷ୍ଟ ଜାଣିହେଉଛି କି ନୂଆ ଭାରତ ଗଠନ ସକାଶେ ଏହି ଶିକ୍ଷାନୀତିରେ ରହିଛି ଦୂରଗାମୀ ମହତ୍ତ୍ୱ । ବୈଷୟିକ ତଥା ପ୍ରଯୁକ୍ତିବିଦ୍ୟାକୁ ଅଧିକ ପ୍ରସାରିତ କରିବା ଦିଗରେ ବିଭିନ୍ନ ରାଜ୍ୟରେ ପ୍ରଚଳିତ ୧୧ଟି ଭାଷାରେ ପାଠ୍ୟଦାନ ସକାଶେ ଟୁଲ୍ ବିକଶିତ ହେବାକୁ ଯାଉଛି ବୋଲି ମୋଦି କହିଛନ୍ତି । ୮ ଟି ରାଜ୍ୟର ୧୪ଟି ଇଂଜିନିୟରିଂ କଲେଜରେ ପାଞ୍ଚଟି ଭାଷା ହିନ୍ଦୀ, ତାମିଲ, ତେଲୁଗୁ, ମରାଠୀ ଓ ବଙ୍ଗଳାରେ ଅଧ୍ୟାପନା ହେବ । ସେମିତି ଦେଖିଲେ ଭାଷାଗତ ପ୍ରତିବନ୍ଧକ ଦୂର କରାଯିବା ଦିଗରେ ଏଭଳି କ୍ରାନ୍ତିକାରୀ ପଦକ୍ଷେପ ପୂର୍ବରୁ କେବେ ନିଆଯାଇନଥିଲା । ଆଗାମୀ ପିଢ଼ିର ଶୈକ୍ଷିକ ଉନ୍ନତି ଦିଗରେ ନୂଆ ଜାତୀୟ ଶିକ୍ଷାନୀତି ଯଥେଷ୍ଟ ଶକ୍ତି ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ ତଥା ସମାବେଶରେ ଉପସ୍ଥିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଶା କରିବା ସହ ଦେଶବାସୀଙ୍କୁ ଭରସା ଦେଇଛନ୍ତି । ଗତାନୁଗତିକ ଧାରାରେ ଚାଲିଆସୁଥିବା ଶିକ୍ଷକମାନଙ୍କ ପ୍ରଶିକ୍ଷଣରେ ମୌଳିକ ପରିବର୍ତ୍ତନ ଅଣାଯାଇ 'ନିଷ୍ଠା ୨.୦' ଲାଗୁହେବା ସହିତ ନିରନ୍ତର ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ପ୍ରଯୁକ୍ତିବିଦ୍ୟାର ବିକାଶର ଶତପ୍ରତିଶତ ସଦୁପଯୋଗ ପାଇଁ କେନ୍ଦ୍ର ସରକାରର ନୂତନ ଜାତୀୟ ନୀତିରେ ବିଭିନ୍ନ ଭାଷାରେ କମ୍ପ୍ୟୁଟର ଯୋଗେ ଅନୁବାଦ ଭଳି ବ୍ୟବସ୍ଥା ରଖିଛନ୍ତି । ବୈଶ୍ୱିକ ପ୍ରତିଯୋଗିତା ସହ ତାଳ ମିଳାଇ ଭାରତକୁ ଆଗୁସାର କରିବାକୁ ହେଲେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଜାତୀୟ ଶିକ୍ଷାନୀତିର ପ୍ରଚଳନ ହୋଇଛି ବୋଲି ସମସ୍ତଙ୍କ ଭିତରେ ଭରସା ଜନ୍ମିଛି ବୋଲି କୁହାଯାଇପାରିବ । ଶିକ୍ଷିତ ଅଥଚ କର୍ମହୀନମାନଙ୍କ ପାଇଁ ନୂତନ ନୀତିରେ ଖଞ୍ଜାଯାଇଥିବା ବ୍ୟବସ୍ଥାର ଶତପ୍ରତିଶତ ଉପଯୋଗ ହେଲେ ଆଶା କରିହେବ ସକାରାତ୍ମକ ପରିବର୍ତ୍ତନରେ ରାଷ୍ଟ୍ରୀୟ ନୀତି କେତେ ସାର୍ଥକ । ମାତ୍ର ଏହି ଶିକ୍ଷାନୀତି ଅଣାଯିବା ପୂର୍ବରୁ ଶିକ୍ଷାବ୍ୟବସ୍ଥା ସହ ଜଡ଼ିତ ମହଲର ମତାମତ ଗ୍ରହଣ ସହିତ ଜାତୀୟ ସହମତି ସୃଷ୍ଟି ପାଇଁ ବିଧିବଦ୍ଧ ପ୍ରୟାସ ହୋଇଛି କି' ନାହିଁ, ତାହା ଅସ୍ପଷ୍ଟ ରହିଥିବା ହେତୁ ପ୍ରସ୍ତାବିତ ନୀତିର ରୂପାୟନ ଦିଗରେ ସାମୂହିକ ଭାବେ ସମସ୍ତଙ୍କୁ ଅଭ୍ୟସ୍ତ ହେବାରେ ସମୟ ଲାଗିପାରେ ବୋଲି ନେତିବାଦୀମାନେ ମତ ଦେବାରେ ଲାଗିଛନ୍ତି । ଦେଶ ଓ ଶିକ୍ଷାବ୍ୟବସ୍ଥାର ବୃହତ୍ ସ୍ୱାର୍ଥରେ ଏହା କାର୍ଯ୍ୟକାରୀ ହେଉଥିବାରୁ ସକାରାତ୍ମକ ନୀତି ଆପଣାଇବା ଲାଗି ସମ୍ପୃକ୍ତ ସମସ୍ତଙ୍କୁ ପ୍ରଭାବିତ କରାଯିବାର ଆବଶ୍ୟକତା ରହିଛି ।





## ମନେ ପଡେ ସେହି ଗାଁ ସାଥି ମେଳ...

**ରଶ୍ମି ସାମଲ**

ଭୁଲି ହୁଏ ନାହିଁ ସେହି ଗାଁ ଭୂଇଁ
ଧାରା ଶ୍ରାବଣ ମାସେ
ଚାଲି ଯାଉଥାଏ ଯେବେ
ଦୂର ଦିଗବଳୟରେ
କଳା ହାଣ୍ଡିଆ ମେଘ ବାଦଲକୁ ଛୁଇଁ
ହାତୀ ଘୋଡା ଭଳି ଚିତ୍ର କୁ
ଦେଖି ଛାତିଟା ଉଠଇ ଥରି।

ଆକାଶରୁ ଯହିଁ ବରଷା ଝରେ
ଗାଁ ଦାଣ୍ଡରେ ଚାଲେ ପାଣିର ସୁଅ
ଇଛା ହୋଇ ଥାଏ ଭିଜି ଭିଜି
ଭସେଇ ବାକୁ ସେହି କାଗଜ ଡଙ୍ଗାକୁ
ଦେଖିବାକୁ ମନ ଉଛନ ହୁଏ
ଓଳିମୂଳେ ଢ଼ଳି ଢଳି ଚାଲୁଥିବା
ଲାଲ ଗୁଲ ଗୁଲ ସାଧବ ବୋହୂ।

ଗଛ ଡାଳରେ ବସି
ଓଦା ଡେଣାକୁ ଝାଡି ପକ୍ଷୀଟି
ଗୁମୁରି ଗୁମୁରି ଗୀତ ଗାଉଥାଏ।

ତାର ସ୍ୱରରୁ ବାରି ହୋଇ ପଡେ
ତାର ଅଙ୍ଗେଲିଭା ଦରଦତା
ମନେ ପଡେ ଆଜି ସେହି
ହଜି ଯାଇଥିବା ସ୍ମୃତି ସବୁ।

କେତେ ଭଲ ଥିଲା ସେ
ଗାଁ ଦାଣ୍ଡ ଧୂଳି
ସଢେଇ ର ଚୁଲିରେ ରନ୍ଧା
ଭାତ ଡାଲି
ମିଛି ମିଛିକା ବୋହୁ ଚୋରି ଖେଳ
ମନେ ପଡେ ଗାଁ ସାଥି ମେଳ
ଥିଲା କେତେ ମଧୁର ସମ୍ପର୍କର ଡୋର।

ଗାଁ ରେ ନଥିଲା ହିଂସା ଦ୍ୱେଷ କପଟ
ଥିଲା ସେଠି ତରୁ ଲତାବଣ ଜଙ୍ଗଲ
ଶୁଭୁଥିଲା ଖାଲି ଫସଲ କଟାର
ମଧୁର ଗାନ।

ଆଜି ସହରରେ ସବୁ ମିଳୁଅଛି
ହେଲେ ମିଳୁନି ସେ ସ୍ନେହର ସମ୍ବନ୍ଧ
ସ୍ୱାର୍ଥପର ଏଠି ମଣିଷ ସମାଜ
ବୁଝି ପାରୁନାହିଁ ସେ ସମୟର ମୂଲ୍ୟ।

+ ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫



**ମୀରା ବେଉରା**

## ଉତ୍କଳର ବହ୍ନିକନ୍ୟା ନନ୍ଦିନୀ ଶତପଥୀ

କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତ ବର୍ଷର ଗୌରବମୟ ସ୍ୱର୍ଣ୍ଣଭ ଇତିହାସ ପୃଷ୍ଠାରେ ଯେଉଁ ମହିୟସୀ ବିପ୍ଲବୀ ନାରୀଶକ୍ତିମାନଙ୍କ ତ୍ୟାଗ, ସାଧନା, ସଂଗ୍ରାମ ଏବଂ ତିତିକ୍ଷାଭରା ବ୍ୟଥାତୁର କାହାଣୀ ଲିପିବଦ୍ଧ ହୋଇ ରହିଛି । ସେହିମାନଙ୍କ ମଧ୍ୟରେ ବିପ୍ଲବୀ ବହ୍ନିକନ୍ୟା ନନ୍ଦିନୀ ଶତପଥୀ ଥିଲେ ଅନ୍ୟତମ ପ୍ରତିଭା ସମ୍ପନ୍ନ ମହିୟସୀ ନାରୀଶକ୍ତି।

ତତ୍କାଳୀନ ରକ୍ଷଣଶୀଳ ସମାଜରେ ଜନ୍ମଲାଭ କରି ମଧ୍ୟ ଅନେକ ବାଧା, ବିରୋଧ, ସଂଗ୍ରାମ, ପ୍ରତିକୂଳ ପରିସ୍ଥିତିରେ ସମ୍ମୁଖୀନ ହୋଇ ଦେଶ ଓ ଜାତିର ଉନ୍ନତି ପାଇଁ କାର୍ଯ୍ୟକରି ସମଗ୍ର ନାରୀ ସମାଜ ପାଇଁ ଆଦର୍ଶ ବ୍ୟକ୍ତିତ୍ୱ ପାଲଟି ଥିଲେ ଶ୍ରୀମତୀ ନନ୍ଦିନୀ ଶତପଥୀ। ବହ୍ନି କନ୍ୟା ନନ୍ଦିନୀ ଶତପଥୀ ନିଜର ଉଦାର ମହତକର୍ମ, ଉଚ୍ଚଚିନ୍ତାଧାରା ଓ ଆତ୍ମୋତ୍ସର୍ଗ ପାଇଁ ଆଜି ବି ଚିରସ୍ମରଣୀୟ ହୋଇରହିଛନ୍ତି। ଗୋଟିଏ ପଟେ ସମାଜସେବା ଓ ରାଜନୀତି ଏବଂ ଆଉ ଗୋଟିଏ ପଟେ ସାହିତ୍ୟ କ୍ଷେତ୍ରରେ ଆଜୀବନ ସାଧନା ତାଙ୍କର ଅସାଧାରଣ ଏବଂ ଅସାମାନ୍ୟ ପ୍ରତିଭାକୁ ସମଗ୍ର ଭାରତ ବର୍ଷରେ ତାଙ୍କୁ ପରିଚିତ କରିଥିଲା। କଟକ ସହରରେ ଜୁନ୍ ମାସ ୯ ତାରିଖରେ ୧୯୩୧ ମସିହାରେ ଶ୍ରୀମତୀ ନନ୍ଦିନୀ ଶତପଥୀ ଜନ୍ମଗ୍ରହଣ କରିଥିଲେ। ପିତା ଥିଲେ ବିଶିଷ୍ଟ ଔପନ୍ୟାସିକ ତଥା କମ୍ୟୁନିଷ୍ଟ ନେତା ଡଃ କାଳନ୍ଦୀ ଚରଣ ପାଣିଗ୍ରାହୀ ଏବଂ ମାତା ଥିଲେ ରତ୍ନମଣି ଦେବୀ। ପିତାମାତା ଶ୍ରଦ୍ଧାରେ ନାମ ରଖିଥିଲେ ନନ୍ଦିନୀ। ଏ ଛୋଟ ଝିଅ ନନ୍ଦିନୀ ଯେ ଦିନେ ନିଜ ମାଟି ଓଡ଼ିଶା ଏବଂ ସମଗ୍ର ଦେଶ ପାଇଁ ଅଜସ୍ର ଗୌରବ ଆଣିବ ସେ କଥା କହେ ଜାଣିନଥିଲେ। ପିତା ସମବାୟ ବ୍ୟାଙ୍କରେ ଚାକିରି କରୁଥିଲେ। ପିତା ଯେତେବେଳେ ମୟୂରଭଞ୍ଜରେ ଚାକିରି କରୁଥିଲେ ସେହି ଜିଲ୍ଲାର ବିଦ୍ୟାଳୟରେ ନନ୍ଦିନୀଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା । କିନ୍ତୁ ସେହି ବିଦ୍ୟାଳୟରେ ରାଜାଙ୍କୁ ତୋଷାମଦ କରାଯାଉଥିବା ଯୋଗୁ ନନ୍ଦିନୀ ତାର ଘୋର ପ୍ରତିବାଦ କରି ସେହି ବିଦ୍ୟାଳୟକୁ ପରିତ୍ୟାଗ କରି ସେଠାରୁ ୪ କିମି ଦୂରରେ ଥିବା ବିଦ୍ୟାଳୟରେ ସେ ପାଠପଢ଼ିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ପରି ଏହା ଥିଲା ତାଙ୍କର ସ୍ପଷ୍ଟବାଦିତା ଏବଂ ସ୍ୱାଧିନଚେତା ପ୍ରକୃତିର ପ୍ରମାଣ। ଏହାପରେ କଟକ ଆସି ରେଭେନ୍ସା ବାଳିକା ବିଦ୍ୟାଳୟରେ ପାଠପଢ଼ିଥିଲେ। ସେହି ସ୍କୁଲରେ ଗଣେଷପୂଜା ଏବଂ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜା କରାଯାଉ ନଥିବାରୁ ସେ ଏହାର ଘୋର ପ୍ରତିବାଦ କରି ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ପରବର୍ତ୍ତୀ ସମୟରେ ସ୍କୁଲରେ ପୂଜା କରାଯାଇଥିଲା।

ପିଲାଦିନୁ ନନ୍ଦିନୀ ଅତ୍ୟନ୍ତ ଜିଦ୍‌ଖୋର ମନୋବୃତ୍ତିର ଥିଲେ। ଯାହା ଚିନ୍ତା କରୁଥିଲେ ତାହା ହିଁ କରୁଥିଲେ। ପିତା କାଳନ୍ଦୀଚରଣ ପାଣିଗ୍ରହୀ ଏବଂ ଦାଦା ଭଗବତୀ ଚରଣ ପାଣିଗ୍ରାହୀଙ୍କ ସାମ୍ୟବାଦୀ ଚିନ୍ତାଧାରାର ପ୍ରଭାବ ପଡୁଥିଲା ନନ୍ଦିନୀଙ୍କ ଉପରେ। ନନ୍ଦିନୀ ଟିକିଏ ବଡ଼ ହେବାପରେ କମ୍ୟୁନିଷ୍ଟ ଆନ୍ଦୋଳନରେ ଯୋଗଦେଲେ ଏବଂ ମୁକ୍ତି ଯୁଦ୍ଧ ପତ୍ରିକାରେ ତାଙ୍କର ଲେଖା ମଧ୍ୟ ପ୍ରକାଶ କଲେ। ତାଙ୍କର ବୈପ୍ଳବିକ ଲେଖନୀରୁ ଏହା ସ୍ପଷ୍ଟ ବାରି ହୋଇପଡୁଥିଲା ଯେ ଭବିଷ୍ୟତରେ ଜଣେ ପ୍ରତିଷ୍ଠିତ ନାରୀନେତ୍ରୀ ହୋଇ ରାଜନୀତିରେ ନିଜର ସ୍ଥିତି ଜାହିର୍ କରିପାରିବେ। କଲେଜରେ ପଢ଼ିବା ଦିନରୁ ସେ କମ୍ୟୁନିଷ୍ଟ ଦଳରେ ସକ୍ରିୟଭାବେ ସାମିଲ୍ ହୋଇଥିଲେ। ଥରେ କଟକରେ ଗୋଟିଏ ସଭାରେ ଭାଷଣ ଦେଇ ଫେରୁଥିବା ସମୟରେ କଟକ ଝାଞ୍ଜିରମଙ୍ଗଳାଠାରେ ତାଙ୍କୁ ଦୁଇଜଣ ଯୁବକ ତାଙ୍କ ଗାଡ଼ି ସାମ୍ନାକୁ ଆସି ଛିଡ଼ା ହେଲେ ଏହା ଦେଖି ନନ୍ଦିନୀ ଆଦୌ ଭୟଭୀତ ନ ହୋଇ କହିଲେ- ସାବଧାନ! ଆଉ ଯଦି ଗୋଟିଏ ପାଦ ଆଗକୁ ଆସିବ ତେବେ ରକ୍ତ ଶୋଷିଦେବି। ଏହାପରେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଗଲେ ଏବଂ ସେହି ଦୁଇ ଯୁବକ ନିଜର ଭୁଲ ମାଗିଥିଲେ ନନ୍ଦିଜୀଙ୍କୁ। ଏହିଭଳି ନିର୍ଭୟ, ସ୍ପଷ୍ଟବାଦୀ ଏବଂ ସ୍ୱାଧିନ ଚେତାର ମଣିଷ ଥିଲେ ନନ୍ଦିନୀ ଶତପଥୀ। କିଛିଦିନ ପରେ ସେ ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ପ୍ରଭାବିତ ହୋଇ କମ୍ୟୁନିଷ୍ଟ ଦଳ ପରିତ୍ୟାଗ କରି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। ସ୍କୁଲ ଜୀବନରୁ ସେ ଇଂରେଜମାନଙ୍କ ବିରୁଦ୍ଧରେ ଆନ୍ଦୋଳନର ନେତୃତ୍ୱ ନେଇଥିବାରୁ ଅନ୍ୟ ଛାତ୍ରମାନଙ୍କ ସହ ମଧ୍ୟ ଗିରଫ ହୋଇଥିଲେ ହେଲେ ନିର୍ଭିକା ନନ୍ଦିନୀ ଏହାକୁ ଆଦୌ ଖାତିର କରୁନଥିଲେ। ପରବର୍ତ୍ତୀ ସମୟରେ ସେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ସ୍ୱାଧୀନତା ସଂଗ୍ରାମରେ ନିଜକୁ ନିୟୋଜିତ କରିଥିବା ଢେଙ୍କାନାଳ ଜିଲ୍ଲାର ବିଶ୍ୱନାଥ ଶତପଥୀଙ୍କର ପୁତ୍ର ଦେବେନ୍ଦ୍ର ଶତପଥୀଙ୍କ ସହିତ ତାଙ୍କର ବିବାହ ହୋଇଥିଲା। ସ୍କୁଲ ଜୀବନରୁ ନନ୍ଦିନୀ ଅନ୍ୟାୟ, ଅନୀତି, ଅତ୍ୟାଚାରକୁ ଆଦୌ ବରଦାସ୍ତ କରୁନଥିଲେ। ତା' ବିରୁଦ୍ଧରେ ସବୁବେଳେ ସ୍ୱର ଉତ୍ତୋଳନ କରୁଥିଲେ। ସେ ଏଭଳି ଦୁଃସାହସୀ ଥିଲେ ଯେ ରେଭେନ୍ସା କଲେଜରେ

ଯେତେବେଳେ ଛାତ୍ର ଆନ୍ଦୋଳନ ହୋଇଥିଲା, ସେ ମା' ହେବାକୁ ଯାଉଥିଲେ ମଧ୍ୟ ଏହାକୁ ଖାତିର ନ କରି ଡାକ୍ତର ମନା କରିବା ସତ୍ତ୍ୱେ ସେ ଆନ୍ଦୋଳନରେ ଯୋଗଦେଇଥିଲେ



ଏବଂ ଏହାର ଅଳ୍ପଦିନ ପରେ ସେ ପ୍ରଥମ ପୁତ୍ର ନଚିକେତାଙ୍କୁ ଜନ୍ମ ଦେଇ ମାତୃତ୍ୱ ଗୌରବ ଅର୍ଜନ କରିଥିଲେ। ପୁଣି ଏହାର ଚାରିବର୍ଷ ପରେ ତଥାଗତଙ୍କୁ ଜନ୍ମଦେଇ ଦୁଇଟିପୁତ୍ରର ମା' ହୋଇଥିଲେ। ଏହାପରେ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରି କଂଗ୍ରେସ ଦଳର କର୍ମୀ ହୋଇ ସାଧାରଣ ଜନତାଙ୍କ ଦୁର୍ଦ୍ଦିନରେ ତାଙ୍କର ପାଖରେ ପହଁଚ୍ଚି ସେବା କରୁଥିଲେ। ଥରେ ଆକ୍ସିଡେଣ୍ଟରେ ସେ ଗଭୀରଭାବେ ଆଘାତ ପାଇ ଗୋଡ଼ ଭାଙ୍ଗିଥିଲେ, ପରେ ଶ୍ରୀଅରବିନ୍ଦଙ୍କ ଆଶୀର୍ବାଦରୁ ଭଲ ହୋଇଥିଲେ। ଏହାପରେ ଶ୍ରୀଅରବିନ୍ଦ ଓ ମା'ଙ୍କ ପ୍ରତି ତାଙ୍କର ଗଭୀର ବିଶ୍ୱାସ ଆସିଥିଲା। ଧୀରେ ଧୀରେ ତାଙ୍କ ପ୍ରତିଭା ବିପଶିତ ହୋଇ ରାଜନୈତିକ କ୍ଷେତ୍ରରେ ମଧ୍ୟ ପ୍ରଭାବ ଓ ପ୍ରତିଷ୍ଠା ବୃଦ୍ଧି ପାଇଲା। ଏହାପରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ସହାୟତା କରିବା ପାଇଁ ୧୯୬୨ ମସିହାରେ ସେ ପ୍ରଥମେ ରାଜ୍ୟ ସରକାର ସଦସ୍ୟରୂପେ ନିର୍ବାଚିତ ହୋଇ ଥିଲେ। ତାଙ୍କର ପ୍ରଥମ ଅଭିଭାଷଣରେ ସେ ସେଦିନ ଇନ୍ଦିରା ଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଶ୍ରୀମତୀ ଗାନ୍ଧୀ ତାଙ୍କୁ ତାଙ୍କର ମନ୍ତ୍ରିମଣ୍ଡଳର ସୂଚନା ଲୋକ ସମ୍ପର୍କ ମନ୍ତ୍ରୀ ଭାବରେ ନିଯୁକ୍ତି ଦେଇଥିଲେ। ତାଙ୍କର ଅନନ୍ୟ ରାଜନୈତିକ ପ୍ରତିଭା ଯୋଗୁଁ ତାଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ମଧ୍ୟ ତୁଲାଇବାକୁ ପଡ଼ିଥିଲା। ସେହିଁ ଥିଲେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଯିଏ ବାର ମ୍ବାର କଟକ ଏବଂ ଢେଙ୍କାନାଳ ଆସନରୁ ନିର୍ବାଚିତ ହୋଇ ନିଜ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଆଣିଥିଲେ।

ଏକାଧାରାରେ ସେ ଥିଲେ ସୁଦକ୍ଷା ପ୍ରଶାସିକା, ସାହସିନୀ ନାରୀ ନେତ୍ରୀ। ସେ ପରିଚାଳନା କମିଟି ଦ୍ୱାରା ଉତ୍ପୀଡ଼ିତ ବେସରକାରୀ ଶିକ୍ଷାନୁଷ୍ଠାନର କର୍ମଚାରୀମାନଙ୍କୁ ସିଧାସଳଖ ବେତନ ପ୍ରଦାନ ବ୍ୟବସ୍ଥା କରି ତାଙ୍କର ଦୀର୍ଘଦିନର ସମସ୍ୟା ଦୂର କରିଥିଲେ। ସାହିତ୍ୟ କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ବାସ୍ତବ ଦାଦିନୀ ଥିଲେ ନନ୍ଦିନୀ। ତତ୍କାଳୀନ ଅନେକ ବାସ୍ତବ ଘଟଣାକୁ ସେ ସାହିତ୍ୟ ମାଧ୍ୟମରେ ଲୋକଲୋଚନକୁ ଆଣିଥିଲେ। ତାଙ୍କର ସାହିତ୍ୟକୃତି କାହାଣୀ ସଂକଳନ "କେତୋଟି କଥା", ବାବୁଲା, ଗାୟତ୍ରୀ କାହାଣୀକୁ ନେଇ ଟେଲିଫିଲ୍ମ ମଧ୍ୟ କରାଯାଇଥିଲା । ତାଙ୍କର କବିତା ସଂକଳନ ଥିଲା ଉତ୍ତର ପୁରୁଷ, ଠିକଣା ହଜିଗଲା ଇତ୍ୟାଦି । ସେ ରସିଦ ଟିକଟ୍ ପୁସ୍ତକ ପାଇଁ ଯାହା ଥିଲା ବଙ୍ଗଳା ସାହିତ୍ୟିକ ଅମୃତା ପ୍ରୀତମଙ୍କ "ରେଭିନ୍ୟୁ ଟିକଟ"ର ଓଡ଼ିଆ ଅନୁବାଦ ଯାହା ପାଇଁ ୧୯୯୫ ମସିହାରେ ସେ କେନ୍ଦ୍ର ସାହିତ୍ୟ ପୁରସ୍କାର ଲାଭ କରିଥିଲେ। ସେହିପରି ତସଲିସା ନାସାରିନ୍‌ଙ୍କ ପୁସ୍ତକ "ଲଜ୍ଜା" ଉପନ୍ୟାସକୁ ଓଡ଼ିଆ ଭାଷାରେ ଅନୁବାଦିତ କରି ବହୁ ଚର୍ଚ୍ଚିତ ହୋଇଥିଲେ। ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ତାଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଣେ ଅସାଧାରଣ ସମାଜସେବୀ, ସ୍ୱାଧୀନତା ସଂଗ୍ରାମୀ, ପ୍ରବୀଣ ରାଜନୀତିଜ୍ଞ, ସୁସାହିତ୍ୟିକା, ବିଖ୍ୟାତ ନାରୀନେତ୍ରୀ ଭାବରେ ତାଙ୍କୁ ଅନେକବାର ସମ୍ବର୍ଦ୍ଧିତ କରାଯାଇଥିଲା। ଧରିତ୍ରୀ ନାମକ ଏକ ଦୈନିକ ଖବର କାଗଜ ପ୍ରକାଶନ କରି ଓଡ଼ିଶାରେ ସମ୍ବାଦପତ୍ର ପ୍ରକାଶନରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିଥିଲେ। ୧୯୯୦ରେ ସେ ନିଜର ସ୍ୱାମୀ ଦେବେନ୍ଦ୍ର ଶତପଥୀ ଏବଂ ୧୯୯୧ରେ ନିଜର ପିତା କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କୁ ହରାଇ ଅସହାୟ ହୋଇପଡ଼ିଥିଲେ। ନିଜର କର୍ମନିଷ୍ଠା, ରାଜନୈତିକ ଦୂରଦର୍ଶିତା ପାଇଁ ୨୦୦୪ ମସିହାରେ ତାଙ୍କୁ ଶ୍ରେଷ୍ଠ ବିଧାୟିକା ରୂପରେ ପୁରସ୍କୃତ କରାଯାଇଥିଲା। କେନ୍ଦ୍ରର ତଥ୍ୟ ଏବଂ ବେତାର ମନ୍ତ୍ରୀଭାବେ ତାଙ୍କର କାର୍ଯ୍ୟାବଳୀ ଅତ୍ୟନ୍ତ ଉଚ୍ଚପ୍ରଶଂସନୀୟ। ଭୂସଂସ୍କାର କ୍ଷେତ୍ରରେ ମଧ୍ୟ ତାଙ୍କର କାର୍ଯ୍ୟାବଳୀ ଉଚ୍ଚକୋଟୀର। ପ୍ରକୃତରେ ସେ ଥିଲେ ଓଡ଼ିଶାର ଲୌହମାନବୀ। ନିଜର ଦୃଢ଼ତା, ମନନଶୀଳତା, ସଂକଳ୍ପବଦ୍ଧତା ଏବଂ ବହୁମୁଖୀ ପ୍ରତିଭା ପାଇଁ ସେ ସମଗ୍ର ଭାରତ ବର୍ଷରେ ସୁପରିଚିତ। ଏହି ମହିୟସୀ ନାରୀ ୨୦୦୬ ମସିହା ଅଗଷ୍ଟ ୪ ତାରିଖରେ ଶେଷନିଃଶ୍ୱାସ ତ୍ୟାଗ କଲେ। ମାତ୍ର ତାଙ୍କର ଜୀବନ ଅଦର୍ଶ ଆଜି ବି ଅମର। ସେ ହିଁ ଥିଲେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଏବଂ ଭାରତବର୍ଷର ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ। ଆଜିର ଯୁବପିଢ଼ି ତାଙ୍କର ଆଦର୍ଶରେ ପ୍ରେରିତ ହୋଇ ଓଡ଼ିଶାର ବିକାଶ ପାଇଁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ ଜାରି ରଖିବେ ତେବେ ତାହା ହିଁ ହେବ ବିପ୍ଳବୀ ବହ୍ନିକନ୍ୟା ନନ୍ଦିନୀ ଶତପଥୀଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି।

+ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳସାହି, ତୁଳସୀପୁର, କଟକ
ମୋ:୯୮୫୩୩୫୦୩୮୪

**ଶଙ୍କର ଚରଣ ରାଉତ**

## ସଂକ୍ଷିପ୍ତ ରାମାୟଣ

ଭାଗ-୨୨
(ପୂର୍ବ ପ୍ରକାଶିତ ଉତ୍ତାରୁ)

ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା ।
ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।



ସେଇ ଆଶ୍ରମରେ ମୟଦୈତ୍ୟ କନ୍ୟା ମନ୍ଦୋଦରୀ ଏବଂ ବାଳୀର ସ୍ତ୍ରୀ ତାରା ପଢୁଥିଲେ। ମନ୍ଦୋଦରୀକୁ ରାବଣ ବିବାହ ହେବାକୁ ଚାହୁଁଥିଲା ମାତ୍ର ତାର ବାପା ମୟଦୈତ୍ୟ ରାଜି ନ ହେବାରୁ ସେ ମନ୍ଦୋଦରୀକୁ ଗୁପ୍ତରେ ସମ୍ଭୋଗ କରି ଗର୍ଭ କଲା। ମନ୍ଦୋଦରୀ ଏକଥା ଜାଣି ଦୁଃଖିତ ହୋଇ ତାର ସାଙ୍ଗ ବାଳୀର ସ୍ତ୍ରୀ ତାରାକୁ ଏକଥା କହିବାରୁ ତାରା ତାକୁ ସାହାଯ୍ୟ କରିବା ପାଇଁ ସେ ପୁତ୍ରକୁ ନେଇ ନିଜ ପାଖରେ ରଖିଲା। ତାର ନାମ ଦେଲା ଅଙ୍ଗଦ।

ଏହାର କିଛି ଦିନପରେ ରାବଣ ବାଳୀ ପାଖକୁ ଆସି ତା ସହିତ ଯୁଦ୍ଧ କରିବାକୁ ଚାହିଁଲା। ବାଳୀ ତାକୁ କାଖରେ ଜାକି ତର୍ପଣ କରିବାକୁ ଗଲା ଏବଂ ସନ୍ଧ୍ୟା ବେଳେ ଫେରିଲା ପରେ ବସନ ପାଲଟିବା ସମୟରେ ରାବଣ ତା'ର ପାଦତଳେ ଖସିପଡି ବାଳୀକୁ କ୍ଷମା ମାଗିଲା ଏବଂ ବାଳୀ ତାକୁ ମନ୍ଦୋଦରୀକୁ ପ୍ରଦାନ କରି ଲଙ୍କାକୁ ପଠେଇ ଦେଲା। (ଏହି କଥା ବାଳି ରାମଙ୍କୁ କହିଥିଲା ଏବଂ ରାବଣ ମନ୍ଦୋଦରୀକୁ ବାଳିଠାରୁ ନେବା ପରେ ଋଷିମାନଙ୍କ ରକ୍ତକୁ ଆଶ୍ରମରେ ଲୁଚାଇ ରଖିବାକୁ ମନ୍ଦୋଦରୀକୁ ଦେଇଥିଲା।)

**ସୀତା ଠାବ**

ପ୍ରବର୍ଷଣ ପର୍ବତରେ ରଘୁନାଥ ଥିବା ସମୟରେ କିଷ୍କିନ୍ଧାର ରାଜା ଆସି ରଘୁନାଥଙ୍କୁ ପ୍ରଣାମ ଜଣାଇଲେ। ନିଜର ବିଶାଳ ବାନର ସେନା ସୀତା ମାତାଙ୍କୁ ଖୋଜିବା ପାଇଁ ଲଗାଇଲେ। ଚତୁର୍ଦ୍ଦିଗକୁ ଚାରୋଟି ଦଳ ପଠାଗଲା। ହନୁମାନଙ୍କ ଦଳ ଦକ୍ଷିଣକୁ ଗଲେ। ତାଙ୍କ ଦଳରେ ନଳ, ନୀଳ, ଜାମ୍ବବାନ ଓ ଅଙ୍ଗଦ ଥିଲେ। ହନୁମାନ ଗଲାବେଳେ ରଘୁନାଥଙ୍କୁ ପରିକ୍ରମା କରି ପ୍ରଣାମ ଜଣାଇଥିଲେ। ପ୍ରଭୁ ଜାଣିଲେ ଏହି ଭକ୍ତ ଦ୍ୱାରା ମୋର କାର୍ଯ୍ୟ ସାଧିତ ହେବ। ତେଣୁ ରାମ ନାମ ଅଙ୍କିତ ମୁଦ୍ରିକା ତାଙ୍କୁ ଦେଲେ ଜିହ୍ୱାରେ ମୁଦ୍ରିକା ଧାରଣ କରି ସେ ଯାତ୍ରା ଆରମ୍ଭ କଲେ। କିଛି ବାଟ ଗଲାପରେ ଗୋଟିଏ ଗୁମ୍ଫା ମଧ୍ୟରେ ପ୍ରବେଶ କଲେ। ସେଠାରେ ସ୍ୱୟଂପ୍ରଭା ତପସ୍ୱିନୀଙ୍କୁ ଦେଖିଲେ । (କ୍ରମଶଃ)

+ ମଣ୍ଡଗାଁ, ବରୁଣସିଂ,
ବାଲେଶ୍ୱର

**ସୁବ୍ରତ କର**



## ରାଜ୍ୟ ସାରା ଭ୍ରଷ୍ଟାଚାର : ସରକାର କ'ଣ କରିବେ?

ସମସ୍ତେ ଚାହାଁନ୍ତି ଦେଶ ହେଉ ବା ରାଜ୍ୟ ହେଉ ରାମରାଜ୍ୟ ହେଉ ଏବଂ ଏହା ମଧ୍ୟ ଗାନ୍ଧିଜୀ ଚାହିଁଥିଲେ । ସତରେ କ'ଣ ହୋଇଛି? ରାମରାଜ୍ୟ ବଦଳରେ ଗୁଣ୍ଡାରାଜ, ଛିନତାୟୀ, ନାରୀ ନିର୍ଯାତନା ଏବଂ ଭ୍ରଷ୍ଟାଚାରରେ ଭରପୁର । ଗାନ୍ଧିଜୀ କହିଥିଲେ ଆମ ଦେଶରେ ଯେତେବେଳେ ମହିଳାମାନେ ଏକୁଟିଆ ରାତି ଅଧରେ ଖୁସୀ ମୁତାବକ ବୁଲି ପାରିବେ, ଆମେ ଜାଣିବା ଆମ ଦେଶ ପ୍ରକୃତରେ ସ୍ୱାଧୀନତା ପାଇଛି ବୋଲି । ମୁଁ ଭାବୁନାହିଁ ଗାନ୍ଧିଜୀଙ୍କ ସ୍ୱପ୍ନ ସାକାର ହୋଇଛି । ଅଭାବି ଲୋକ ଚୋରି କରିବେ ବା ଯେକୌଣସି ପ୍ରକାରରେ ଭ୍ରଷ୍ଟାଚାରରେ ଲିପ୍ତ ରହିପାରିବେ । କିନ୍ତୁ ଏସଏସସିର ସଦିସ୍ୟଙ୍କ ପ୍ରାଇଭେଟ୍ ସେକ୍ରେଟେରି ପାଖରୁ ସାଢ଼େ ତିନି କୋଟି ଟଙ୍କାର ସମ୍ପତ୍ତି ବାହାରିବ ଏହା ଆଶା କରିବା ଅତିବ କଷ୍ଟକର । ଏହି ସଂସ୍ଥା ମାଧ୍ୟମରେ ରାଜ୍ୟର ବି ଏବଂ ସି ଗ୍ରେଡ୍ ପଦବୀ ପାଇଁ ତାଙ୍କରି ଉପଲବ୍‌ଧ ହୋଇଥାଏ । ସରକାରୀ ସ୍ତରରେ କିରାଣିଠୁ ଆରମ୍ଭ କରି କିଛି ପରିମାଣରେ ପଦସ୍ଥ ଅଫିସରମାନେ ସରକାରୀ ଚାକିରୀରେ ବାହାଲ ହୋଇଥାନ୍ତି ଏବଂ ପରେ ପରେ ସରକାରୀ କାର୍ଯ୍ୟରେ ଲିପତ ରହି ସରକାରୀ କଳକୁ ଚଳାଇଥାନ୍ତି । ଏହି ଭଦଦ୍ର ଲୋକଙ୍କୁ ଘରୁ ଦେଢ଼ କେଜି ସୁନା, କଟକ, ଭୁବନେଶ୍ୱରରେ ୪ଟି ଘର, ୯ଟି ଜାଗା ଏବଂ ଘରେ ନଗଦ ୨୫ ଲକ୍ଷ ଟଙ୍କା । ପ୍ରଶ୍ନ ହେଉଛି ଏତେ ଟଙ୍କା ଆସିଲା କେଉଆଡୁ ଏବଂ ଏତେ ସମ୍ପତ୍ତି ଗୋଟାଏ ଦିନରୁ ହୋଇନାହିଁ । ଏହାକୁ ଠୁଳ କରିବା ପାଇଁ ବର୍ଷ ବର୍ଷ ଲାଗିଥିବ ଏବଂ ଏହାଙ୍କ ଉପରିସ୍ଥ ଅଫିସର ଜାଣିବା ପଣିଆ ଭିତରେ ଏସବୁ କାର୍ଯ୍ୟ ହୋଇଛି ନିଶ୍ଚିତ ଭବରେ ଏହି ଟଙ୍କା ଯେଉଁମାନଙ୍କୁ ସରକାରୀ ସ୍ତରରେ ଚାକିରୀ ମିଳିଛି ତାଙ୍କରି ପାଖରୁ ନିଆ ହୋଇଛି । ଏହାମାନେ ଯେଉଁମାନେ ଚାକିରୀରେ ବାହାଲ୍ ହୋଇଛନ୍ତି ସେମାନେ ମେରିଟରେ ପାଇ ନାହାନ୍ତି । ଦୁଇ ନମ୍ବର କରି ପାଇଛନ୍ତି । ଆମେ ଏହି ପ୍ରାଇଭେଟ୍ ସେକ୍ରେଟେରୀଙ୍କୁ ଦୋଷି ସାବ୍ୟସ୍ତ କରି ଦଣ୍ଡ ଦେଲେ ହେବନାହିଁ । ଏଇଠି ଉପରସ୍ଥ ସମସ୍ତଙ୍କ କର୍ମଚାରୀ ଯେ ଯେଉଁ ପଦବୀରେ ରହନ୍ତୁ ସେମାନଙ୍କର ମଧ୍ୟ ଯାଞ୍ଚ ହେବା ଉଚିତ ଏବଂ ସତର୍କ ନଜରଦାରୀ ରହୁ ତେବେ କିଛିଟା ଏହି ସଂସ୍ଥାର ଭ୍ରଷ୍ଟାଚାର କମିବ ଏବଂ ଠିକ୍ ଲୋକ ଚାକିରି ପାଇବେ ।



## ପୁଣି ନୂଆ କରି ଗଢିବା

**ଅନସୂୟା ପଣ୍ଡା**



ଆସ ନୂଆ ଏକ ସଂସ୍କୃତିର
ସହର ଗଢିବା
ଯାହା ଦେହରେ ସଂସ୍କାରର
ଘରଟେ ତୋଳିବା
ଆତ୍ମୀୟତାର ରଙ୍ଗରେ ରଙ୍ଗେଇ ଦବା
ଏଠି କେହି ଅଲୋଡା ହେବେନି ।
ସମ୍ପର୍କର ବନ୍ଧକୁ ମଜଭୁତ କରିବା
ସିମେଣ୍ଟ ବାଲି ଗୋଡି ନୁହେଁ
କେବଳ ସହନଭୂତିର
ପରକାଷ୍ଠାରେ ନିବିଡ ହେବା
ସ୍ନେହର ସୃଜନୀରେ କବିତା ଲେଖିବା ।
ସବୁକୁ ଭିଜେଇ ଦେବା
ଅନ୍ତରିକତାର ଲହରେ
ଛଦ୍ମ ମୁଖା ଖୋଲି ଦେବା
ପ୍ରାଚୁର୍ଯ୍ୟ ଖୋଳପାରୁ ବାହାରିବା
ମୁଁ ....ମୋର ...ଭିତରୁ ବାହାରି
ଆମେ ...ଆମର କହିବା ।
ବାର୍ଦ୍ଧକ୍ୟତାକୁ ଲୁଚେଇ ଦେବା ଆମ
ସେବା ଯତ୍ନର ପ୍ରଲେପରେ
ଯେମିତି ଭୁଲି ଯିବେ ଜରାର ବେଦନା
ଭୁଲିଯିବେ ସମାଜର ଯାତନା
ଜରାଶ୍ରମ ହେବନି ଗଢା
ମୋ ସାହିରେ ମୋ ମାଟିରେ ।
ପ୍ରତି ଘରେ ଖେଳାଇବା
ମା..ଜେଜେଙ୍କ ଚିନ୍ତା ଓ ଚେତନା
ମାଇଲ ଖୁଣ୍ଟ କରି ତାଙ୍କୁ ବସାଇବା
ସସମ୍ମାନେ ସ୍ୱାଭିମାନେ ଦାଣ୍ଡ ପିଣ୍ଡାରେ,
ଉଚ୍ଚ ଆସନରେ
ତାଙ୍କ ଖୁସି ପାଇଁ କରିବା ପ୍ରଯତ୍ନ
ଲୁହ କେହି ଢାଳିବେନି,
ବାଡି କେହି ଖୋଜିବେନି
ବାର୍ଦ୍ଧକ୍ୟ ବାସ୍ତବରେ
କଷ୍ଟ କେହି କହିବେନି ।
ସମୟର ଜାହ୍ନବୀରେ
ଆମ ହାତ ଧରି ଚାଲିବେ,
ଆମ ଆଖିରେ ଦେଖିବେ
ତାଙ୍କରି ମହାଯଶ କୀର୍ତ୍ତି,
ଏକ ନୂଆ ଉଦ୍ଦୀପନା ଭରିଦେବା
ବାର୍ଦ୍ଧକ୍ୟର କ୍ଷୁଧାରେ
ବିଭାମୟ କରିଦେବା ଜୀବନ ତାଙ୍କରି
ଅନାବିଳ ଆପଣାର ଭାବ ଭରି ।

+ ୫ଆର/୧, ଇଞ୍ଜିନିୟରିଂ
କଲେଜ, ବୁର୍ଲା, କଲୋନୀ,
ସମ୍ବଲପୁର
ମୋ: ୯୪୩୯୨୧୧୯୭୧

## ବନ୍ଧୁତ୍ୱ ଦିବସ

**ପ୍ରଦୀପ୍ତ ଆଚାର୍ଯ୍ୟ**



ବନ୍ଧୁତାର ହସ୍ତ, କର ପ୍ରସାରିତ,
ବନ୍ଧୁତ୍ୱ ଦିବସେ ଆଜି,
ବନ୍ଧୁଠାରୁ ବଡ, ସମ୍ପର୍କ ଜୀବନେ,
ପାଇବାନି ଖୋଜି ଖୋଜି।

ସ୍ୱାର୍ଥପର ବନ୍ଧୁ, ସମ୍ପଦ ବେଳରେ,
ହେଉଥିବେ ହାଉଯାଉ,
ବିପଦ ବେଳରେ, ପାଖ ମାଡିବେନି,
ଦେଖା ନମିଳିବ ଆଉ।

ରାଜଦ୍ୱାରେ ଆଉ,
ଶ୍ମଶାନ ଭୂଇଁରେ,
ଯେଉଁ ବନ୍ଧୁ ସାହା ହୁଏ,
ବିପଦେ ସମ୍ପଦେ, ଛାଇପରି ଆମ,
ପାଖେ ପାଖେ ରହିଥାଏ।

ବନ୍ଧୁ ସଫଳତା, ଦେଖି ଯେଉଁ ବନ୍ଧୁ,
ଖୁସିତ ହୋଇ ପାରିବ,
ତାହାଠାରୁ ବଳି, ବଡ ବନ୍ଧୁ ଆଉ,
ଜଗତେ କାହିଁ ମିଳିବ?

ଏହି ନିବେଦନ, ବନ୍ଧୁତ୍ୱ ଦିବସେ,
ମୂଲ୍ୟ ବୁଝ ବନ୍ଧୁତାର,
ସ୍ୱାର୍ଥ ଆଉ ଈର୍ଷା,
ତ୍ୟାଗ କରିଦେଲେ,
ସର୍ବେ ହୋଇବେ ନିଜର।

+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀ, ବ୍ରହ୍ମପୁର, କଟକ।
ମୋ-୬୩୭୧୫୯୩୨୨୦

ଶବ୍ଦ ମାଳା
ସାପ୍ତାହିକ ଗଳ୍ପ ଫର୍ଦ୍ଦ
୫
ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୨ ଅଗଷ୍ଟ, ସୋମବାର, ୨୦୨୧



ଦୁଷ୍ମନ୍ତ ବେହେରା



# ମୋ ସ୍ୱପ୍ନ



ଗାଆଁରେ ଦୁରା ମୂଲ ଲାଗି ପରିବାର ଚଳାଏ । ପରିବାର ଦୁଃଖ ଅନଟନ ଭିତରେ ଗତି କରୁଥାଏ । ଚାଳ ଛପର ଘର ଓ ଚାରିକାନ୍ଥ ଭିତରେ ଦଦରା ପେଟ ଭୋକ ଦାଉଦ ସାଜୁଥାଏ । ପରିବାର କହିଲେ ସ୍ତ୍ରୀ-ମଣିକ ଝିଅ-ଗେଲି ପୁଅ-ମିମୁ ଆଉ ଗାଁରେ ଦୁରାକୁ ବହୁତ କମ୍ କାମ ମିଳେ । ଯେତିକି କାମ ମିଳେ କାମ କରି ପଇସା ଆଣେ ସେଥିରେ ପରିବାର ଓଳିଏ ଖାଇଲେ ଓଳିଏ ଉପାସ ।

ଦିନେ ଦୁରା କହିଲା ସ୍ତ୍ରୀ ମଣିକକୁ ସହରରେ ଭଲ କାମ ମିଳେ ଭଲ ପଇସା ବି ମିଳିଥାଏ । ଆଉ ଆମ ପେଟ ଉପାସ ରହିବ ନାହିଁ ଓ ଝିଅ ଗେଲିର ସେଠି ଦ୍ୱିତୀୟ ଶ୍ରେଣୀରେ ନାମ ଲେଖେଇ ଦେବା । ଆମ ଗାଁ ବିଦ୍ୟାଳୟରୁ ସାର୍ଟିଫିକେଟ ଆଣି ସହର ବିଦ୍ୟାଳୟରେ ନାମ ଲେଖାଇ ଦେବା ଆଉ ପୁଅତ ଆମର ଛୋଟ ତାକୁ ଦୁଇ ବର୍ଷ ତିନିମାସ ହୋଇଛି ।

ଭୋକ ଆଉ ସ୍ୱପ୍ନ ନେଇ ସହର ଅଭିମୁଖେ ବାହାରିଲେ ଦୁରାଙ୍କ ପରିବାର ଗାଁ ଯାତ୍ରୀ ବିଶ୍ରାମରେ ବସି ବସ୍‌କୁ ଅପେକ୍ଷା କରିଥାନ୍ତି । କିଛି ସମୟ ପରେ ଆସି ବସ୍ ପହଞ୍ଚିଲା । ବସ୍‌ରେ ବସି ସହରକୁ ଗଲେ, କେଇ ଘଣ୍ଟା ଯାତ୍ରା ପରେ ସହର ବସ୍ ଷ୍ଟାଣ୍ଡରେ ବସ୍‌ଟି ଲାଗିଲା ନୂଆଁ ସହର ନୂଆଁ ରାସ୍ତା ନୂଆଁ ଗାଡି ମଟର ସବୁ ନୂଆଁ ନୂଆଁ ଲାଗିଲା । ସହରରେ ବି ସେ ତ ପୁରା ନୂଆଁ ଇଆଡୁ ସିଆଡୁ ଚାହିଁ କୁଆଡେ ଯିବ ମନରେ ଭାବୁ ଭାବୁ କିଏ ଏଠି ଆମକୁ ଚିହ୍ନିଛି । ସ୍ତ୍ରୀ -ମଣିକକୁ କହିଲା ଚାଲ ରାସ୍ତା ଭାଗ୍ୟ ଯେଉଁ ଆଡେ ଟାଣି ନେବ ସେଇଆଡେ ଯିବା ....

ଯାଉ ଯାଉ ରେଲୱେ କଡରେ ଆଖି ପଡିଲା କିଛି ଲୋକ ଜରିପାଲ ବାଣ୍ଟୁଥିବାର ଦେଖି ଦୁରା ତା ସ୍ତ୍ରୀ-ମଣିକକୁ କହିଲା ଚାଲ ଜରିପାଲ ଆଣିବା । ବାବୁମାନେ ଜରିପାଲ ଦେଉଛନ୍ତି । ସଙ୍ଗେ ସଙ୍ଗେ ଦୁରା ଯାଇ ଧାଡିରେ ଛିଡାହୋଇ ଜରିପାଲ ଆଣିଲା । କିଛି ବାଟ ଗଲାପରେ କିଛି ଲୋକଙ୍କ ଉପରେ ଆଖି ପଡିଲା । ରାସ୍ତା କଡ ଛୋଟିଆ ଛୋଟିଆ ଜାଗାରେ ଜରିପାଲରେ ଘର କରି ରହୁଛନ୍ତି । ଦୁରା ସମୟ ଡେରି ନକରି ସେଇ ଜାଗାରେ ଜରିପାଲରେ ଘର କରି ପରିବାର ରହିଲେ ।

ରାତିରେ ବିଶ୍ରାମ ନେଲେ ସକାଳ ପାହିବାରୁ ବାହାରକୁ ଆସି ଏଣେ ତେଣେ ଅନାଇ କିଛି ପିଲାଙ୍କ ଉପରେ ଆଖି ପଡିଲା । ପିଲାମାନେ ବ୍ୟାଗ୍ ଧରି ବିଦ୍ୟାଳୟକୁ ଯାଉଛନ୍ତି । ମନରେ ଭାବିଲା ମୋ ଝିଅ ଗେଲିର ଏଇ ବିଦ୍ୟାଳୟରେ ନାମ ଲେଖାଇଦେବା । କିଛି ସମୟ ଗଲାପରେ ଦୁରା ବିଦ୍ୟାଳୟକୁ ଯାଇ ପ୍ରଧାନଶିକ୍ଷକଙ୍କୁ ଭେଟି ଜୁହାର ଆଜ୍ଞା ମୁଁ ଦୁରା ମୋ ଝିଅର ଦ୍ୱିତୀୟ ଶ୍ରେଣୀରେ ନାମ ଲେଖାଇବି । ଆଉ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନାମ ଲେଖାଇଲେ ଓ ବିଦ୍ୟାଳୟରୁ ବହି ପୋଷାକ ମିଳିଲା , ଦୁରା ବହି ପୋଷାକକୁ ଧରି ରାସ୍ତା କଡର ଜରିପାଲ ଘରକୁ ଫେରିଲା ।

ଏଣେ ଗାଁରୁ ଯେଉଁ ପଇସା ଧରି ଆସିଥିଲେ ସେ ତ ସରିଗଲା ଆଉ ଆଜିକି ତ ପାଞ୍ଚ ଦିନ ହେଲାଣି । ପାଖରେ ପଇସାହିଁ ନାହିଁ, କିଛି ମନରେ ନଭାବି କାମ କରିବାକୁ ବାହାରି ପଡିଲା ଦୁରା । ରାସ୍ତାରେ ଚାଲି ଚାଲି ଗଲାବେଳେ ଦେଖିଲା କିଛି ଲୋକ ରାସ୍ତା କଡରେ ଛିଡା ହୋଇଛନ୍ତି । ବଡ ବଡ ବାବୁ ମାନେ ଆସି ମୂଲ ଚାଲ କରି ତାଙ୍କ ସାଙ୍ଗରେ ନେଇ ଯାଆନ୍ତି । କାମ କରିବା ପାଇଁ ଦୁରା ତ ନୂଆଁ ସହରରେ କିଏ ବା ତାକୁ ଚିହ୍ନେ ସେଇ ରାସ୍ତା କଡରେ ଛିଡା ହୋଇ ଅପେକ୍ଷା କରିଥାଏ । ବାବୁ ମାନେ ଆସି ତାକୁ ଡାକିବେ କାମକୁ ନେଇ ଯିବେ କିନ୍ତୁ ସେ ଦିନ କେହି ଦୁରାକୁ ଡାକିଲେ ନାହିଁ । ବାଧ୍ୟ ହୋଇ ଘରକୁ ଫେରି ଆସି ସ୍ତ୍ରୀ-ମଣିକକୁ କହିଲା କେହି କାମକୁ ଡାକିଲେ ନାହିଁ । ଘରେ ଯାହା ଅଛି ଆଜି ଖାଇ ଚଳେଇ ଦେବା କାଲିକି ଦେଖିବା । ରାତି ଆସି ସକାଳ ପାହିଲା, ଦୁରା କାମକୁ ବାହାରି ପଡିଲା ଯେଉଁଠି ଲୋକ ଛିଡା ହୋଇଥିଲା ସେଇଠି ପୁଣି ଛିଡା ହେଲା କିନ୍ତୁ ଆଜିବି କେହି ଡାକିଲେ ନାହିଁ । ଦୁରାର ଆଖି କାମକୁ ଚାହାଣୀ ଚାହିଁଛି ବାବୁ ମାନେ ଆସି ଡାକିବେ ହେଲେ ନୟନ ଝରଣା କହେ ପାଟିର ଓଠ ଘରେ ଖାଇବାକୁ କିଛି ନାହିଁ । କ'ଣ କରିବି ଏଇ କିଛି ସମୟ ଭାବୁ ଭାବୁ ଜଣେ ଲୋକ ପାଖକୁ ଆସି କହିଲା ତୁମେ କାଲି ଫେରିଲ ମୁଁ ବି ଫେରିଲି ତୁମେ ଆଜି ବି ଫେରିଲ ମୁଁ ବି ଫେରିଲି ହେଲେ ତମ ନାମ କ'ଣ ? ମୋ ନା ଦୁରା ହେଲେ ଆଜ୍ଞା ଘରେ ଆମର କିଛି ଖାଇବା ନାହିଁ । ଆପଣଙ୍କ ନାମ କ'ଣ ? ଲୋକ ଜଣଙ୍କ କହିଲା ମୋ ନାଁ ସିଙ୍କୁ ହେଲେ ଦୁରା ତୁମେ ମ ସହିତ ଆସ ମୋ ଘରକୁ କମ୍ ମୁଢି ଅଛି ହେଲେ ମୁଁ ତୁମକୁ କିଛି ମୁଢି ଦେବି । ଆଜି ଦିନକ ତୁମେ ଚଳିଯିବ ପୁଣି କାଲିକି ଦେଖିବା ।

ଦୁରା ଗାମୁଛାରେ ମୁଢି ଗଣ୍ଠିଲି କରି ଘରକୁ ଫେରି ସ୍ତ୍ରୀ-ମଣିକକୁ ସବୁକଥା କହିଲା । ଝିଅତ ଆଜି ବିଦ୍ୟାଳୟକୁ ପଢିବାକୁ ଯିବ, ତାକୁ ଏଇ ମୁଢି ପାଣିରେ ବତରେଇ ଖାଇବାକୁ ଦିଅ । ଗେଲି ପାଣିରେ ବତୁରୁ ଥିବା ମୁଢି ଖାଇ ବାହାରିଲା , ଘର ଠାରୁ ଦୁଇ ମଡା ଯାଇ ପଛକୁ ଚାହିଁ ଦେଖିଲି ମା' ବାପା ପାଣି ପିଇ ଦେଇ ଜରିପାଲ ଘର ଭିତରକୁ ଗଲେ । ଆଉ ମୁଁ ଆଗକୁ ଚାଲି ପୁଣି ଚାହିଁଲି ପଛକୁ ଆଉ ଯାହା କିଛି ମୁଢି ଥିଲା ଆମ ପୁଅକୁ ପାଣିରେ ବତୁରେଇ ଖାଇବାକୁ ଦେଲା ମା' । ଗେଲି କହିଲା ଓଃ ଭଗବାନ ଇଏ କି ଭୋକ ପେଟର ଦାଉ ସାଜୁଛି ହେ ଭଗବାନ ତୁମେ ଯେମିତି ସମସ୍ତଙ୍କୁ ଗଢିଲ ସେମିତି ଭୋକ ପାଇଁ କ'ଣ ଗୋଟେ ଗଢିଥାନ୍ତ ଖାଇଦେଲେ ଭୋକ ଲାଗନ୍ତାନି ......

ଗେଲି ବିଦ୍ୟାଳୟକୁ ପ୍ରଥମ କରି ଗଲା । ଗେଟ୍ ପାଖରେ ପହଞ୍ଚୁ ପହଞ୍ଚୁ ବିଦ୍ୟାଳୟର କିଛି ପିଲା ତା ଚାରିପାଖେ ଘେରି ତାକୁ ଦେଖିଲେ ଆଉ କହିଲେ ଇଏତ ଆମ ବିଦ୍ୟାଳୟକୁ ଆସିଛି । ଭଲ ପୋଷାକ ବି ପିନ୍ଧି ନାହିଁ । ଗେଲି କହିଲା ହଁ ପିଲାମାନେ ଆମେ ଗରିବ ଘର ମୋ ବାପା ଏଠି ଦ୍ୱିତୀୟ ଶ୍ରେଣୀରେ ନାମ ଲେଖାଇଛନ୍ତି । ଆଉ ଦ୍ୱିତୀୟ ଶ୍ରେଣୀ କଉଠି ପିଲାମାନେ , ତାକୁ ଦ୍ୱିତୀୟ ଶ୍ରେଣୀ ପାଖରେ ପହଁଞ୍ଚାଇ ଦେଲେ ଆଉ ଜରି ବସ୍ତାନିଟି ଶ୍ରେଣୀର ପଛ ପାଖରେ ଥୋଇ ଦେଇ ଏଆଡେ ସେଆଡେ ଚାହିଁ ମନ ଭିତରେ ଅନେକ ଭାବି ପ୍ରଶ୍ନ ପଚାରିଲା....

'ମୋର ସ୍ୱପ୍ନ ପଢିବା ପାଇଁ ଏଇ ଜରିପାଲ ଘରଟା କ'ଣ ପଢେଇ ଦଉଚି ମୋତେ ସ୍ୱପ୍ନ ଦେଖେଇ ପେଟ ଭୋକ ମାରୁଛି' ।

କିଛି ସମୟ ଗଲାପରେ ପ୍ରାର୍ଥନା ସରିଲା ଶ୍ରେଣୀ ଗୃହକୁ ପିଲାମାନେ ଆସିଲେ ସମସ୍ତେ ନିଜ ନିଜ ଜାଗାରେ ବସିଲେ । ଆଉ ଅଳ୍ପ ସମୟ ପରେ ସାର୍ ଆସି ପହଞ୍ଚିଲେ ସମସ୍ତ ପିଲା ଛିଡା ହୋଇ ଗୁଡ୍ ମର୍ଣ୍ଣିଙ୍ଗ ଜଣାଇଲେ । ସାର ସମସ୍ତ ପିଲାଙ୍କୁ ବସାଇ କହିଲେ ସମସ୍ତେ ଭଲ ଅଛ ଆଉ ଖାଇକି ଆସିଛ, ହଉ ଉପସ୍ଥାନ ପକାଇବା ଜଣଙ୍କ ପରେ ଜଣେ ପକାଇଲେ ଗେଲି ରୋଲ୍ ନଂର ଆସିବାରୁ ଗେଲି ଛିଡା ହୋଇ ହଁ ସାର୍ ଗେଲିକୁ ନୂଆ ଆସିଛି ଦେଖି ସାର ପାଖକୁ ଡାକିଲେ ପଚାରିଲେ ତୁମ ନାମ କ'ଣ ? ଆଉ କଉଠି ରହୁଛ ତୁମେ କୁଚାମୁଚା ହୋଇଥିବା ପୋଷାକ ପିନ୍ଧିଛ .....

ଗେଲି : ଆଜ୍ଞା ସାର ବୁଝିଲେ ଆମର ଗରିବ ଜରିପାଲ ଘର ସେଥିରେ କମ୍ ଜାଗା ଥାଏ । ଗୋଟିଏ କ'ଣରେ ରଖିଦେଇ ତାହାରି ଉପରେ ଶୋଇଲା ବେଳେ ମୁଣ୍ଡ ଦେଉ..

ସାର: ହଉ ହେଲା କ'ଣ ଖାଇଛ ତମେ..

ଗେଲି: ଆଜ୍ଞା ବୁଝିଲେ ମୁଢି ପାଣିରେ ବତୁରେଇ କି ଖାଇଛି ...

ସାର: ଏକଥା ଶୁଣୁ ଶୁଣୁ ଦୁଇ ଆଖି ଛଳ ଛଳ ହୋଇ ତଥାପି ପଚାରିଲେ ଘରେ ଆଉ କିଏ କିଏ ଅଛନ୍ତି ...

ଗେଲି: ଆଜ୍ଞା ବୁଝିଲେ ବାପା ମାଆ ଓ ଦୁଇ ବର୍ଷ ପୁଅ ଆଉ ମୁଁ ବିଦ୍ୟାଳୟ ଆସିଲା ବେଳକୁ ବାପା ମାଆ ଖାଇବା ପାଇଁ କ'ଣ ଟିକେ ପାଟି ହେଉଥିଲେ । ଆଜ୍ଞା ବୁଝିଲେ ମୋର ତ ସ୍ୱପ୍ନ ଅନେକ କିନ୍ତୁ ଆମେ କ'ଣ ଅନ୍ୟ ପିଲାଙ୍କ ପରି ପଢିପାରିବୁ ଆମର ଜରିପାଲ ଘର ଦିନ ବେଳେ ଖରାର ତାତି ରାତି ହେଲେ କିରୋସିନର ଅଭାବ ଆଜ୍ଞା ବୁଝିଲେ ପୁଣି ପେଟ ଭୋକ ଦାଉସାଜେ ଆଉ ତା ସାଙ୍ଗକୁ ଗରିବ ଆଜ୍ଞା ବୁଝିଲେ କ'ଣ ଆମେ ପଢି ପାରିବୁ ପାଠ ପଢାରେ ମନ ଥିଲେ କ'ଣ ହେବ ପେଟ ଭୋକରେ ମନେ ପଡୁନି ଆଉ ଆମ ବାପାକୁ କାମକୁ କେହି ଡାକୁ ନାହାନ୍ତି ପଇସା ଆମର ନାହିଁ ଆଜ୍ଞା ବୁଝିଲେ ...

ସାର: ଆଖି ଛଳ ଛଳ ଲୁହ ଭରା ଧୀର କଣ୍ଠରେ କହିଲେ ଗେଲି ତୁମ ଘରକୁ ଟିକେ ଯିବା...

ଗେଲି: ଆଜ୍ଞା ବୁଝିଲେ ଆସନ୍ତୁ ଆଜ୍ଞା ଆଗେ ଆଗେ ଗେଲି ପଛେ ପଛେ ସାର୍ କିଛି ଦୂର ଗଲାପରେ ଛିଡା ହୋଇ ହାତ ଠାରି ଏଇ ଆମ ଜରିପାଲ ଘର ପବନ ଆସିଲେ ଫର୍ ଫର୍ ଉଡେ ଖରା ଆସିଲେ ଏମିତି ତତାଏ ଆପଣା ଦେହେ ଖରାର ତାତି ତା ସାଙ୍ଗକୁ ରାତିରେ କାକର ଠୋପା ଜରିବାଟ କଣା ଦେଇ ଠୋପା ଠୋପା ଝରେ ଆଜ୍ଞା ବୁଝିଲେ ମୋର ତ ସ୍ୱପ୍ନ ଅନେକ ହେଲେ କ'ଣ କରିବି...

ଘର ଭିତରୁ ବାପା ମାଆ ବାହାରି ଆସି ଦେଖିଲେ ସାର୍ ଆସିଛନ୍ତି । ସାର୍‌ଙ୍କୁ ଦେଖି ଆଜ୍ଞା ନମସ୍କାର ଥର ଥର ପାଟିର କଣ୍ଠରୁ ବାହାରି ଆସିଲା ସାର୍ ଆମେ ତ ଗରିବ ଦୁଇ ଦିନ ହେଲା ଖାଦ୍ୟ ପାଟିକୁ ଯାଇନାହିଁ ।

ସାର: ଏ କଥା ଶୁଣି କହିଲେ ହଉ ମୁଁ ତୁମ ପାଇଁ ଘର ଆଉ କାମ ବୁଝି ଦେବି ତୁମେ ସେଠି ରହିବ । ଗେଲିକୁ ସବୁଦିନ ପାଠ ପଢିବାକୁ ଛାଡିବ ଆଜ୍ଞା ପାଠରେ ଗରିବ ଧନୀ ଦେଖାଯାଏ ନାହିଁ । ଯିଏ ପରିଶ୍ରମ କରେ ଦୁଃଖ ସୁଖ ସହି ଆଗକୁ ବଢେ ସେ ନିଶ୍ଚୟ ଭଲ ମଣିଷଟେ ହେବ ...

ଦୁରା: ଆଜ୍ଞା ଆପଣଙ୍କ ଉପକାର ମନରୁ କେବେ ଭୁଲିବୁ ନାହିଁ ସାର...

ଏଇ ଟିକେ ଉପକାର ସାର୍‌ଙ୍କର ପରିବାର ମୁହେଁ ହସ ଫୁଟେଇ ଦେଲା ଆସନ୍ତୁ ବନ୍ଧୁ ଧନରେ ନୁହେଁ ଟିକେ ସାହାଯ୍ୟର ହାତ ବଢେଇବା ଏପରି ଅନେକ ପିଲାଙ୍କ ସ୍ୱପ୍ନର ଲକ୍ଷ୍ୟ ମହକି ଉଠିବ ।

'ଗରିବ ଧନୀରେ ନାହିଁ ଭେଦ ଭାବ'
'ସଭିଁଏ ପଢିବା ଆସ ମିଳିମିଶି ପାଠ'

ଦେଖିଲେତ ବନ୍ଧୁ ଟିକିଏ ଉପକାର ଗୋଟିଏ ପରିବାର ମୁହଁରେ ହସ ଫୁଟି ଉଠିଲା । ଆସନ୍ତୁ ସଭିଁଏ ଏକ ହେବା ସମସ୍ତଙ୍କୁ ସାହାଯ୍ୟର ହାତ ବଢେଇବା !!!

+ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ପିନ୍-୭୫୯୦୨୧
ମୋ ନଂ-୯୯୩୭୬୫୨୫୦୪

# ଇନ୍ଦ୍ରଧନୁ

ଶିବାଶିଷ ପାଢ଼ୀ



ଆକାଶରେ ବର୍ଷିବି ବର୍ଷିବି ହୋଇ ବର୍ଷୁ ନ ଥିବା କଳା କଳା ମେଘମାଳା । ତଳେ ବର୍ଷାର ପୂର୍ବାଭାଷ ଦେଉଥିବା ଶୀତଳ ପବନ । କାନ୍ଥ ଓ ଟିଣର ଫାଙ୍କ ଦେଇ ଭିତରକୁ ଆସି ଯାଉଥିଲା । ଅସ୍ତବ୍ୟସ୍ତ କରିଦେଉଥିଲା ଘର ଭିତରକୁ । ଗତକାଲି ଆଣିଥିବା ଦୁଇ କିଲୋ ଚାଉଳରୁ ସେରଟିଏକୁ କେତେବେଳୁ ରାନ୍ଧି ସାରିଥିଲା ଚମ୍ପା । ବାଡ଼ିପଟୁ ତୋଳି ଆଣିଥିଲା ସୁନୁସୁନିଆ ଶାଗ ।

ବଡ଼ି ଓ ବିଲାତି ଦେଇ ଖରଡ଼ି ଦେଇଥିଲା ତାକୁ । ଖୁଆଇ ଦେଇଥିଲା ଧନଞ୍ଜୟକୁ । ଧନଞ୍ଜୟ ଖାଇଥିବା ବାସନ ଦୁଇଟିକୁ ବି ମାଜି ଆଣି ରଖିସାରିଥିଲା ସେ ହେଲେ ଏଯାଏଁ ଆସି ନ ଥିଲା ମୁକୁନ୍ଦ । ମନେ ମନେ ବିରକ୍ତ ହେଉଥିଲା ଚମ୍ପା ।

ହିସାବ ଯୋଡୁଥିଲା -ନଅଟାରୁ ଗଲାଣି ମୁକୁନ୍ଦ । କମ୍ପାନୀକୁ ଯାଇ ବାବୁଙ୍କୁ ଦେଖାକରି ଆସିବା ପାଇଁ ଅତି ବେଶୀରେ ଦୁଇ ଘଣ୍ଟା ଲାଗିବା କଥା । ଏତେ ଡେରି କାହିଁକି ହେଉଛି ?

ଡେରିର କାରଣ ବି ଅନୁମାନ କରୁଥିଲା ସେ । ଭାବୁଥିଲା ନିଶ୍ଚୟ ଆଜି ପଇସା ମିଳିଛି । ଆଉ ସେ ଖୁସିକୁ ନିଶ୍ଚୟ ଭାଟିରେ ପାଳନ କରୁଥିବ ସେ ।

ଛି... କେତେ ହିନମାନ ଲୋକଟା । ଏପଟେ ଘର ପଛେ ଭାସିଯାଉ । ଆଜି ଆସୁ ତାକୁ ଦେଉଛି ପାନେ ।

ମୁକୁନ୍ଦକୁ ଭଲ କରି ପାନେ ଦେବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ହଠାତ ଆସିଗଲା ବର୍ଷା । ଦୁଇଟି କୋଠରୀ ବିଶିଷ୍ଟ ସେ ଛୋଟଘରର ଟିଣ ଛାତରେ ଥିବା ଅନେକ କଣାରୁ ଖସିବାକୁ ଲାଗିଲା ବର୍ଷା ଜଳ ।

ନିଜ ଜାଗାରୁ ଉଠି କାମରେ ଲାଗି ପଡିଲା ଚମ୍ପା । କେଉଁଠି ବାଲ୍ଟି ତ କେଉଁଠି ଗଡୁ ଆଉ କେଉଁଠି ଥାଳି ଖେଳୁଥିଲା ସେ କିନ୍ତୁ ଏ କାମ ଭିତରେ ଆହୁରି ବଢ଼ି ଯାଉଥିଲା ତାର ରାଗ ।

ବୋଧେ ତାର ରାଗକୁ ଦେଖି ଡରିଗଲା ବର୍ଷା ଆଉ ନିଜକୁ ବିରାମ ଦେଇଦେଲା ସେ ।

ବର୍ଷା କମିବା ପରେ ଯାଇ ଆସିଥିଲା ମୁକୁନ୍ଦ । ଟିଣ କବାଟ ଠେଲି ଭିତରକୁ ଆସୁ ଆସୁ ଚମ୍ପାକୁ ବଢ଼େଇ ଦେଇଥିଲା ଛୋଟ କଳା ପଲିଥିନ ଗୋଟିଏ । ସମ୍ପୂର୍ଣ ଭାବେ ତିନ୍ତି ଯାଇଥିଲା ସେ । ପାଖ ତାରରୁ ଗାମୁଛା ନେଇ ମୁଣ୍ଡ ପୋଛୁଥିଲା ।

ଅଳ୍ପ ଚୂନା ମାଛ ଥିବା ସେ ପଲିଥିନକୁ ଖୋଲି ଆହୁରି ରାଗି ଯାଇଥିଲା ଚମ୍ପା ।

ମୁକୁନ୍ଦ କିଛି କହିବା ଆଗରୁ ଚମ୍ପା କହିଥିଲା ପଇସା ମିଳୁ ମିଳୁ ମାଛଖିଆ ସଉକ ବାହାରି ଗଲା । ଲାଜ ଲାଗୁନି ଖଣ୍ଡେ ବଡ଼ ପଲିଥିନ ପାଇଁ କହିଥିଲି ନା ? ସେ କଥା ତ ମନେ ପଡ଼ିଲାନି । ଏତେବେଳ କୁଆଡେ ଥିଲ ? ଓହଃ ଭାଟିରେ ବି ତ ସମୟ ଦରକାର ନା ? ଛି....

ବଡ଼ ପାଟିରେ କହୁଥିଲା ଚମ୍ପା । ତାର ପାଟି ଶୁଣି ଉଠି ଯାଇଥିଲା ଧନଞ୍ଜୟ । ବଳ ବଳ କରି ଚାହୁଁଥିଲା ସେ ।

ହେଲେ କୌଣସି ଉତ୍ତର ନ ଦେଇ ପିନ୍ଧା ସାର୍ଟକୁ ଓହ୍ଲାଇ ଦେଇ ଶୁଖିଲା ଲୁଙ୍ଗି ପିନ୍ଧି ସାରିଥିଲା ମୁକୁନ୍ଦ ।

ହେଲେ ଚମ୍ପା ଛାଡୁ ନ ଥିଲା ତାର ରାଗ । ଅନେକ ସମୟ ଶୁଣିବା ପରେ ମୁକୁନ୍ଦ କହିଥିଲା - ମୁଁ କଣ ବାବୁ ହୋଇଛି ଯେ ସେବାବୁ ମୋତେ ସାଙ୍ଗେ ସାଙ୍ଗ ଦେଖା କରିବ । ମୁଁ ପରା ଡ୍ରାଇଭର ସେ ପୁଣି ପ୍ରାଇଭେଟ । ଏବେ ଏବେ ତ ଟଙ୍କା ଦେଇଛି ସେ । ଆଉ ଏ ମାଛ ବାବୁ ପାଇଁ !

ମାସେ ହେଲା ଆଇଁଷ ଆଇଁଷ ହେଉଛି ସେ । ମୁଁ କଣ ଦେଖୁନି କି ?

ଚୁପ ହୋଇଯାଇଥିଲା ଚମ୍ପା । ବାହାରେ ଥୁଆ ହୋଇଥିବା ସାଇକେଲ କ୍ୟାରିଅରରେ ବନ୍ଧା ହୋଇଥିବା ବଡ଼ ପଲିଥିନକୁ ଆଣି ଟିଣ ଉପରକୁ ଚଢିଥିଲା ମୁକୁନ୍ଦ । ଯଦିଓ ସେ ଜାଣିଥିଲା ଜଣକ ଦ୍ୱାରା ଏ କାମ ହେବ ନାହିଁ ।

ଗୋଟିଏ ପଟରୁ ପଲିଥିନ ବିଛାଇବା ଆରମ୍ଭ କରୁ କରୁ କିନ୍ତୁ ଅନ୍ୟ ପଟକୁ ଧରି ନେଇଥିଲା ଚମ୍ପା ।

ମୁରୁକି ହସଟିଏ ଦେଇ ମୁକୁନ୍ଦ କହିଥିଲା 'ଟିକେ ବେସର ଭଲ କି ଦେବୁ ଲୋ ଚମ୍ପା ! ଭଲ ମାଛ ।

ଏକ ମନଲୋଭା ହସରେ ଉତ୍ତର ଫେରାଉ ଥିଲା ଚମ୍ପା ହେଲେ ସେତେବେଳକୁ ଛୋଟ ନିଶୁଣିର ଉପରମୁଣ୍ଡକୁ ଆସି ସାରିଥିବା ଧନଞ୍ଜୟ କହୁଥିଲା --ମା ମୁଁ ଭଜା ଖାଇବି ।

ଏମାନଙ୍କ ହସଖୁସିକୁ ଦେଖୁଥିବା ବାଦଲ ଆଖିରୁ ଖସୁଥିଲା ଖୁସିର ଅଶ୍ରୁ !!!

+ହେମଗିର, ସୁନ୍ଦରଗଡ-୧୩
୯୭୭୮୧୭୪୯୭୮

# ବନ୍ଧୁ ରୂପରେ ଜଗନ୍ନାଥ



ଆଦ୍ୟାଶା ମହାପାତ୍ର



ପୁରୀ ବଡ଼ ଦାଣ୍ଡରେ ଡହଡହ ଖରାରେ ପିଲାଟିଏ ସଳିତା ଓ ନିର୍ମାଲ୍ୟ ବିକ୍ରି କରୁଥାଏ । ଲୋକ ମାନେ ମୂଲଚାଲ କରୁଥାନ୍ତି । ଏହିସମୟରେ ଜଣେ ସହୃଦୟ ବ୍ୟକ୍ତିଙ୍କ ନଜର ପଡିଲା ପିଲାଟିର ପାଦ ଉପରେ । ବିଚରାର ପାଦ ଦୁଇଟି ଜଳି ଯାଉଥିଲା । ମଝିରେ ମଝିରେ ଅସହ୍ୟ ହେଲେ ପାଖରେ ଥିବା ବୋତଲରୁ ମଝିରେ ମଝିରେ ପାଦ ରଖିଥିବା ଜାଗାରେ ପାଣି ଢାଳିଦେଉଥାଏ । ବ୍ୟକ୍ତି ଜଣଙ୍କ ସାଙ୍ଗେ ସାଙ୍ଗେ ଯାଇ ଅଳ୍ପ ଦୂରରେ ଥିବା ଦୋକାନରୁ ଏକ ଜୋତା ଓ ଛତା କିଣି ଆଣି ପିଲାଟିକୁ ଦେଲେ । ପିଲାଟିର ଆଖିରୁ ଲୁହ ବୋହିପଡ଼ିଲା । ସେ ସାଙ୍ଗେ ସାଙ୍ଗେ ସେ ଭଦ୍ର ବ୍ୟକ୍ତିଙ୍କୁ କହିଲା ଆପଣ ତାହେଲେ ସ୍ୱୟଂ ପ୍ରଭୁ ଶ୍ରୀ ଜଗନ୍ନାଥ । କଥା ଦେଇଥିଲେ ବୋଲି ଆଜି ସତରେ ଆସି ମୋତେ ଦେଖା କଲେ । ବ୍ୟକ୍ତି ଜଣଙ୍କ କହିଲେ --- 'ନାଇଁରେ ବାବୁ , ମୁଁ ପ୍ରଭୁ ଶ୍ରୀ ଜଗନ୍ନାଥ ନୁହେଁ, ମୁଁ ଜଣେ ସାଧାରଣ ଲୋକ ।

-'ତାହେଲେ ଆପଣ ଜଗନ୍ନାଥଙ୍କ ବନ୍ଧୁ ହୋଇଥିବେ । ଆପଣଙ୍କୁ ସେ ହିଁ ମୋ ପାଖକୁ ପଠେଇଥିବେ । କାରଣ କାଲି ରାତିରେ ଯେତେବେଳେ ପ୍ରଭୁ ମୋ ସ୍ୱପ୍ନରେ ଆସିଥିଲେ , ମୁଁ ତାଙ୍କୁ ଚପଲ ହଳେ ମାଗିଥିଲି । ସେ ହଁ କହିଥିଲେ ଓ ମୋ ନିଦ ଭାଙ୍ଗି ଯାଇଥିଲା । ସେ ସେଥିପାଇଁ ଚପଲ ସହ ଛତା ଦେଇ ଆପଣଙ୍କୁ ପଠେଇ ଦେଇଛନ୍ତି । ସତରେ ମୋ ଜଗା କେତେ ଦୟାଳୁ, ନିଜେ ଆସିପାରିଲେନି ବୋଲି ତାଙ୍କ ସାଙ୍ଗଙ୍କ ହାତରେ ଏସବୁ ପଠେଇଦେଇଛନ୍ତି । 'ପିଲାଟିଠାରୁ ତା ପରିବାର ବିଷୟରେ ସବୁ କିଛି ପଚାରି ବୁଝିଲେ ସେ । ବାପା ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ଦୁଇ ବର୍ଷ ହେବ ଫେରିନି । ମା' ଘର ଘର ବୁଲି କାମ କରିବା ସହିତ ସଳିତା ତିଆରି କରି ପୁଅ ହାତରେ ବିକ୍ରି କରିବା ପାଇଁ ପଠାଏ । ଦଶ ବାର ବର୍ଷର ଝିଅଟି ମଧ ମାଆ ସାଙ୍ଗରେ କାମକୁ ଯାଏ । ଦିନେ ଦିନେ ସେ ବି ଭାଇ ସହିତ ମିଶି ସଳିତା ବିକ୍ରି କରେ । ପିଲାଟିର କଥା ଶୁଣି ଭଦ୍ର ବ୍ୟକ୍ତିଙ୍କ ଆଖିରୁ ଲୁହ ଧାରେ ଖସି ପଡ଼ିଲା ଓ ମନେ ମନେ ଭାବୁଥିଲେ ଭଗବାନ ହେବା ସିନା ଅସମ୍ଭବ ହେଲେ ଭଗବାନଙ୍କ ବନ୍ଧୁ ହେବା ଅସମ୍ଭବ ନୁହେଁ । ପରଦିନ ପିଲାଟିର ଘର ପାଖରେ ପହଞ୍ଚିଗଲେ ସେହି ଭଦ୍ରବ୍ୟକ୍ତି । ପିଲାଟି କେବେ ବି ଭାବି ନଥିଲା ତାଙ୍କ ଝାଟିମାଟି ଘରର ଠିକଣା ସେ ପାଇଯିବେ ବୋଲି । ନୂଆ ହୋଇ ଯୋଗ ଦେଇଥିବା ଜିଲ୍ଲାପାଳ ମହୋଦୟ ସେହିଦିନ ହିଁ ସେ ଅଭାବୀ ପରିବାର ପାଇଁ ସୁବନ୍ଦୋବସ୍ତ କରିଦେଲେ । ପରଦିନଠାରୁ ଅଧାରୁ ପାଠ ଛାଡିଥିବା ଭଉଣୀ ସହ ନୂଆ ବେଶ ପୋଷାକରେ ପିଲାଟିର ବିଦ୍ୟାଳୟରେ ପ୍ରବେଶ ହୋଇଥିଲା । ସେଦିନ ରାତିରେ ଯେତେବେଳେ ପ୍ରଭୁ ଜଗନ୍ନାଥ ସ୍ୱପ୍ନରେ ଆସିଲେ, ପିଲାଟି ତାଙ୍କରି ବନ୍ଧୁଙ୍କ ପରି ଅନ୍ୟମାନଙ୍କୁ ସାହାଯ୍ୟ କରିବ ବୋଲି ଶପଥ କରିଛି ବୋଲି କହିଲା । ଜଗନ୍ନାଥ ତା' କଥା ଶୁଣି କେବଳ ମୁରୁକି ହସିଲେ । ପିଲାଟିର ନିଦ ଭାଙ୍ଗିଲା ବେଳକୁ ଦେଖିଲା ତା ବାପା ସାମ୍ନାରେ ଠିଆ ହୋଇ ହସୁଛନ୍ତି... !!!

+ଶୈଳବାଳା ମହାବିଦ୍ୟାଳୟ,
କଟକ

# ଆନ୍ଧ୍ରରେ ମୃତ ପ୍ରବାସୀ ଶ୍ରମିକଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ଦାବି

ଭୁବନେଶ୍ୱର,୧/୮ (ନି.ପ୍ର): ଆନ୍ଧ୍ର ପ୍ରଦେଶର ଗୁଂଟୁର ଠାରେ ଚିଙ୍ଗୁଡ଼ି ଫାର୍ମରେ ଓଡ଼ିଶାରେ ୬ ଜଣ ପ୍ରବାସୀ ଶ୍ରମିକ ବିଦ୍ୟୁତ ସର୍ଟ ସର୍କିଟରେ ମୃତ୍ୟୁବରଣ କରିଛନ୍ତି। ଓଡ଼ିଶା ରାଜ୍ୟ ସରକାର, ଆନ୍ଧ୍ର ସରକାର ଓ କେନ୍ଦ୍ର ସରକାର ମିଳିତ ଭାବେ ପ୍ରତ୍ୟେକ ମୃତ୍ୟୁ ପରିବାରକୁ ଅନ୍ୟୁନ୍ୟ ୧୫ ଲକ୍ଷ ଟଙ୍କା ସାହାଯ୍ୟ ଦେବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି, ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଦାବୀ କରିଛନ୍ତି। ୬ ଜଣ ଶ୍ରମିକ ମଧ୍ୟରୁ ୫ ଜଣ ରାୟଗଡ଼ା ଜିଲ୍ଲା ଗୁଣୁପୁରର ଫୁଲଫୁଟିର ଓ ୩ ଜଣ ଝୁମ୍ପାପୁରର ଏବଂ ଜଣେ ମୋତିଲାଲନଗର ଆଉ ଜଣେ ଗଜପତି ଜିଲ୍ଲାର। ମୃତ୍ୟୁ ଶ୍ରମିକ ମାନେ ହେଲେ : ପାଣ୍ଡବ ସବର, ମୋହନ ସବର, କରୁଣା ସବର, ନବୀନ ସବର, ରାମ ମୂର୍ତ୍ତି ଗମାଙ୍ଗ ଓ ଜଗା ସବର, ଓଡ଼ିଶା ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଘୋଷଣା କରିଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ମାତ୍ର ଗୋଟିଏ ପରିବାରର ରୋଜଗାରକ୍ଷମ ଅକାଳ ମୃତ୍ୟୁ ହେଲେ ୨ ଲକ୍ଷ ଟଙ୍କାରେ ସେମାନେ ସାରା ଜୀବନ ଚଳିପାରିବେ ନାହଁ। ଏଣୁ ଓଡ଼ିଶା ସରକାର ୫ ଲକ୍ଷ ଏବଂ ଆନ୍ଧ୍ର ସରକାର ୫ ଲକ୍ଷ, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କ ତରଫରୁ ୫ ଲକ୍ଷ ଦେବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି, ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଦାବୀ କରିଛନ୍ତି। ଅନ୍ୟପକ୍ଷରେ ପ୍ରବାସୀ ଶ୍ରମିକମାନେ ରେଜିଷ୍ଟ୍ରୀଭୁକ୍ତ ହୋଇଥିଲେ କି ନାହିଁ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ପ୍ରବାସୀ ଶ୍ରମିକ ସେଲ୍ ଏ ସଂପର୍କରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ତାହାର ସ୍ପଷ୍ଟିକରଣ ଦେବା ପାଇଁ ଡକ୍ଟର ଖୁଂଟିଆ ଦାବୀ କରି ପ୍ରଧାନମନ୍ତ୍ରୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ, ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଦାବୀ କରିଛନ୍ତି।

# ରାଜ୍ୟରେ କରୋନାରେ ଆଉ ୬୪ ଜଣଙ୍କର ମୃତ୍ୟୁ : ମୋଟ ମୃତ୍ୟୁ ସଂଖ୍ୟା ୫୯୬୬ ହେଲା

ଭୁବନେଶ୍ୱର,୧/୮ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢ଼ି ୫୯୬୬ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ, ଖୋର୍ଦ୍ଧା ଓ ଭଦ୍ରକ ଜିଲ୍ଲାରୁ ସର୍ବାଧିକ ଥିବା ୮ ଜଣ ଲେଖାଏଁ ଜଣାଯାଇଛି। ଅପରପକ୍ଷରେ ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୭ ଜଣ ଲେଖାଏଁ ଅଛନ୍ତି। ଏହାଛଡ଼ା କେନ୍ଦ୍ରାପଡ଼ା ଜିଲ୍ଲାରୁ ୪, ଢେଙ୍କାନାଳ, ଓ ନୟାଗଡ଼ ଜିଲ୍ଲାରୁ ୩ ଜଣ ଲେଖାଏଁ ଜଣାଯାଇଛି। ଠିକ୍ ସେହିପରି ବାଲେଶ୍ୱର, ବରଗଡ଼, ଅନୁଗୁଳ, ଝାରସୁଗୁଡ଼ା ଓ ମୟୂରଭଞ୍ଜ ୨ ଜଣ ଲେଖାଏଁ, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କନ୍ଧମାଳ, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରୁ ଜଣେ ଲେଖାଏଁ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

# ବଡ଼ବାବୁଙ୍କୁ ସୁରକ୍ଷା ଯୋଗାଉଛି ବିଜେଡ଼ି ସରକାର : ଯୁବ କଂଗ୍ରେସ

ଭୁବନେଶ୍ୱର,୧/୮ (ନି.ପ୍ର): ଷ୍ଟାଫ ସିଲେକସନ କମିଶନ ସଦସ୍ୟ ବିଂରଚି ସାହୁଙ୍କ ଘରୁ ବିପୁଳ ପରିମାଣର ଆୟ ବର୍ହିଭୂତ ସମ୍ପତି ଠୁଳ ମାମଲାରେ ଗିରଫ ହେବା ଘଟଣାରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛି ଯୁବ କଂଗ୍ରେସ । ଯୁବ କଂଗ୍ରେସ ସଭାପତି ସ୍ମୃତି ରଂଜନ ଲେଙ୍କା ଅଭିଯୋଗ କରିଛନ୍ତି ଯେ ଷ୍ଟାଫ ସିଲେକସନ କମିଶନରେ ବ୍ୟାପକ ଭାବେ ଦୁର୍ନୀତି ସହିତ ଅର୍ଥଦେଣନେଣ କରି ଚାକିରୀ ଦିଆଯାଉଛି। ଯାହାଫଳରେ ବହୁ ମେଧାବୀ ଛାତ୍ରଛାତ୍ରୀମାନେ ଚାକିରୀରୁ ବଂଚିତ ହେଉଛନ୍ତି। ଗତ ଦୁଇବର୍ଷ ଧରି କରୋନା ତାର କାୟା ବିସ୍ତାର କରିଚାଲିଥିବା ବେଳେ ନିଯୁକ୍ତିର ଅଭାବ ପରିଲକ୍ଷିତ ହୋଇଛି ,ଏବେ ଏହି ଅର୍ଥ ଦେଣନେଣ ଅଭିଯୋଗ ଫଳରେ ଛାତ୍ରଛାତ୍ରୀ ମାନଙ୍କ ଉପରେ ଏକ ଚାପ ସୃଷ୍ଟି ହେବ। ରାଜ୍ୟରେ ବିଭିନ୍ନ ନିଯୁକ୍ତି କରୁଥିବା ଷ୍ଟାଫ ସିଲେକସନ କମିଟି ଏବେ ସନ୍ଦେହ ଘେରକୁ ଆସୁଛନ୍ତି ଏଥିପାଇଁକି କିପରି ଭାବେ ଜଣେ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ପାଖରେ ଏତେ ପରିମାଣର ଅର୍ଥ ଠୁଳ ହୋଇଥିଲା ତତ୍‌ସହିତ ଏତେ ପରିମାଣର ସମ୍ପତି କିପରି ଆସିଲା ଏହା ତଦନ୍ତ ସାପେକ୍ଷ। କେବଳ ଛୋଟ ବାବୁଙ୍କୁ ଧରି ସରକାର ମଳିନ ଛବିକୁ ଉଧାର କରିବେ ନା ଏହାର ପ୍ରଚ୍ଛଦପଟରେ ଥିବା ନେତା ଅଫିସର ବାବୁମାନଙ୍କ ଉପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରଶ୍ନ କରିଛନ୍ତି ଡ. ଲେଙ୍କା। ଏହି ଦୁର୍ନୀତିର ଚେର ଆଜିର ନୁହେଁ ଦୀର୍ଘଦିନର ବୋଲି ସନ୍ଦେହ ଉପୁଜୁଛି, ଆଗାମୀ ଦିନରେ କିପରି ଭାବେ ଏହି ଦୁର୍ନୀତିର ଚେର ଉପୁଡ଼ିବ ସେଥିପାଇଁ ତଦନ୍ତକୁ ଯୋରଦାର କରିବା ସହ ପ୍ରଚ୍ଛଦପଟର ନାୟକ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରାଯାଉ ବୋଲି ଦାବି କରିଛନ୍ତି ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା। ଆଗାମୀ ଦିନରେ ଯଦି ତଦନ୍ତ ସଠିକ ଦିଗରେ ନକରାଯାଏ ଯୁବ କଂଗ୍ରେସ ଏହାର ଦୃଢ଼ ଜବାବ ଦେବ ବୋଲି କହିଛନ୍ତି ସଭାପତି ଡ. ଲେଙ୍କା।

# ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦଳିତ ବିରୋଧୀ : ବିଭୁ ତରାଇ

ଭୁବନେଶ୍ୱର,୧/୮ (ନି.ପ୍ର): ଓଡିଶାରେ ବିଜେଡି ସରକାର ଏକ ଦଳିତ ବିରୋଧୀ ସରକାର । କ୍ରମାଗତ ଭାବେ ବିଜେଡିର ଅସମାଜିକ ଗୁଣ୍ଡା ଶ୍ରେଣୀର କର୍ମୀମାନେ ଶାସକ ଦଳର ବାହୁ ଛାୟା ତଳେ ରହି ଦଳିତ ମାନଙ୍କ ଉପରେ ବର୍ବର ଆକ୍ରମଣ କରୁଥିଲେ ମଧ ପୁଲିସ ବିଭାଗ ନିଦା ବିଷ୍ଣୁ ସାଜି ଅପରାଧୀମାନଙ୍କୁ ଗିରଫ କରୁନାହିଁ ବୋଲି ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ବିଭୁ ପ୍ରସାଦ ତରାଇ ଅଭିଯୋଗ କରିଛନ୍ତି । ଜଗତସିଂହପୁର ବିଧାନସଭା କ୍ଷେତ୍ରର ନାଉଗାଁ ବ୍ଲକର ଦଳିତ ମହିଳାମାନେ ମନରେଗା କାର୍ଯ୍ୟର ଧାର୍ଯ୍ୟ ମଜୁରୀ ଦୈନିକ ୨୫୭ ଟଙ୍କା ପାଇବା ପରିବର୍ତ୍ତେ ମାତ୍ର ୮୨ ଟଙ୍କା ଆକାଉଂଟକୁ ଯାଇଥିବା ପ୍ରତିବାଦରେ ଦୀର୍ଘ ୧୩ ଦିନ ଧରି ବ୍ଲକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି । ତାଙ୍କୁ ଉଚିତ ମଜୁରୀ ବାବଦ ଅର୍ଥ ଦେବାକୁ ବ୍ଲକ ପ୍ରଶାସନ କୌଣସି ବ୍ୟବସ୍ଥା କଲା ନାହିଁ । ଅପରନ୍ତୁ ଗତ ୨୭ ତାରିଖ ରାତିରେ ସ୍ଥାନୀୟ ସରପଂଚ ତନୁଲତା ବାରିକଙ୍କ ପୁତ୍ର ମିଟୁ ବାରିକ ଓ ତାଙ୍କ ସହଯୋଗୀମାନେ ଧାରଣାରତ ମହିଳାଙ୍କ ଉପରେ ମାରଣାସ୍ତ୍ର ଜରିଆରେ ଆକ୍ରମଣ କଲେ । ଧାରଣାସ୍ଥଳରେ ଭାରତରତ୍ନ ଡଃ ବି.ଆର ଆମ୍ବେଦକରଙ୍କ ଫୋଟକୁ ଫୋପାଡିଦେଲେ । ମାତ୍ର ଅପରାଧିମାନଙ୍କୁ ଏପର୍ଯ୍ୟନ୍ତ ପୁଲିସ ଗିରଫ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ଘଟଣା ବୋଲି ଶ୍ରୀ ତରାଇ କହିଛନ୍ତି ।

ପୂର୍ବରୁ ଗତ ୧ ଜୁଲାଇରେ କେନ୍ଦ୍ରାପଡା ଆଳି ନିର୍ବାଚନ ମଣ୍ଡଳୀର ବାଳକାଟି ପଂଚାୟତରେ ନବ କିଶୋର ମଲ୍ଲିକ ଦଳିତ ପରିବାର ଉପରେ ସ୍ଥାନୀୟ ସରପଂଚ ଦିବାକର ନାୟକ, ତାଙ୍କ ପୁଅ ରଂଜନ ନାୟକ ଓ ତାଙ୍କ ସହଯୋଗୀମାନେ ମରଣାନ୍ତକ ଆକ୍ରମଣ କଲେ । ଅପାଧୀମାନେ ସେଠିକାର ଶାସକ ଦଳ ବିଧାୟକଙ୍କ ସମର୍ଥକ ହୋଇଥିବାରୁ ପୁଲିସ କୌଣିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ । ଏଥିରୁ ସ୍ପଷ୍ଟ ଯେ, ଓଡିଶା ପୁଲିସ ବିଜେଡିର କର୍ମୀ ସାଜିଛନ୍ତି । ଦଳିତ ମାନଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ବିଜେଡିର ସ୍ଥାନୀୟ ବିଧାୟକ ନେତାଙ୍କ ଚାପରେ ଅସମାଜିକ ଲୋକଙ୍କ ଦ୍ୱାରା ଆକ୍ରମଣକୁ ପରୋକ୍ଷ ଭାବେ ଉତ୍ସାହିତ କରୁଛନ୍ତି । ଉଭୟ ଘଟଣା ମନରେଗା ଯୋଜନାର ଘୋଟାଲା ବିରୁଦ୍ଧରେ ହୋଇଥିବାରୁ ସ୍ଥାନୀୟ ବିଧାୟକଙ୍କ ପିସି କାରବାରରେ ସଂପୃକ୍ତି କାରଣରୁ ପୁଲିସର ନିଷ୍କ୍ରିୟତା ଦଳିତ ମାନଙ୍କୁ ଅସହାୟତା ଆଡକୁ ନେଇଯାଉଛି ବୋଲି ଶ୍ରୀ ତରାଇ କହିଛନ୍ତି । ଦଳିତ ପରିବାରକୁ ନ୍ୟାୟ ନମିଳିଲେ ଆଗାମୀ ଦିନରେ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ପୁଲିସ ଡ଼ିଜି, ମାନବାଧିକାର କମିଶନ ଓ ରାଜ୍ୟପାଳଙ୍କ ନିକଟରେ ଆମେ ଫେରାଦ ହେବ ବୋଲି ଶ୍ରୀ ତରାଇ ଚେତାବନୀ ଦେଇଛନ୍ତି । ଏହି ଅବସରରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ମଲ୍ଲିକ, ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ରାଘବ ମଲ୍ଲିକ ଏବଂ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଡ. ରବି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱର୍ଗତ ଡଃ ଗୁରୁପ୍ରସାଦ ମହାପାତ୍ରଙ୍କ ଦ୍ୱାରା ସଂକଳିତ ପୁସ୍ତକ ଉନ୍ମୋଚିତ

## ଡଃ ଗୁରୁପ୍ରସାଦ ମହାପାତ୍ରଙ୍କ କର୍ତବ୍ୟନିଷ୍ଠା ସମଗ୍ର ଦେଶ ପାଇଁ ପ୍ରେରଣା - ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧/୮ (ନି.ପ୍ର): ଓଡ଼ିଶାର ସୁପୁତ୍ର ତଥା ବିଚକ୍ଷଣ ପ୍ରଶାସନିକ ଅଧିକାରୀ ତଥା ପ୍ରଖ୍ୟାତ ଓଡ଼ିଆ ସାହିତ୍ୟିକ ସ୍ୱର୍ଗତ ମହାପାତ୍ର ନୀଳମଣି ସାହୁଙ୍କ ପୁତ୍ର ସ୍ୱର୍ଗତ ଡଃ ଗୁରୁପ୍ରସାଦ ମହାପାତ୍ରଙ୍କ କାର୍ଯ୍ୟ ପ୍ରତି ନିଷ୍ଠା ମନୋଭାବ କେବଳ ଆମ ରାଜ୍ୟ ପାଇଁ ନୁହେଁ ବରଂ ସମଗ୍ର ଦେଶ ଓ ମାନବ ଜାତି ପାଇଁ ପ୍ରେରଣାଦାୟୀ ବୋଲି ତାଙ୍କ ଦ୍ୱାରା ସଂକଳିତ ପୁସ୍ତକ 'ମହାପାତ୍ର ନୀଳମଣି ସାହୁଙ୍କ ସ୍ମରଣୀୟ ଗଳ୍ପ'କୁ ଶନିବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱର୍ଗତ ମହାପାତ୍ରଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଉନ୍ମୋଚନ କରିବା ଅବସରରେ କହିଛନ୍ତି। ଦେଶର ଶିକ୍ଷା ମନ୍ତ୍ରୀ ଦାୟିତ୍ୱ ନେବା ପରେ ପ୍ରଥମ ଥର ପାଇଁ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ଭାବୁକ ହୋଇ କହିଛନ୍ତି ଯେ ଆଜି ଡଃ ଗୁରୁପ୍ରସାଦ ମହାପାତ୍ର ନାହାନ୍ତି ସତ କିନ୍ତୁ ତାଙ୍କର କାର୍ଯ୍ୟ ପ୍ରତି ନିଷ୍ଠା ମନୋଭାବର ବର୍ଣ୍ଣନା କରିହେବ ନାହିଁ। ତାଙ୍କ ଦ୍ୱାରା ଓଡିଆ ଜାତି ଏବଂ ସମାଜ ପ୍ରଭାବିତ ହୋଇଥିଲା। ତାଙ୍କ ଭଳି ଜଣେ କର୍ମନିଷ୍ଠ ବ୍ୟକ୍ତିତ୍ୱଙ୍କ ଦ୍ୱାରା ସଂକଳିତ ହୋଇଥିବା 'ମହାପାତ୍ର ନୀଳମଣି ସାହୁଙ୍କ ସ୍ମରଣୀୟ ଗଳ୍ପ'କୁ ଆଜିର ଦିନରେ ଉନ୍ମୋଚନ କରି ନିଜକୁ କୃତଜ୍ଞ ମନେକରୁଛି। ଡଃ ଗୁରୁପ୍ରସାଦ ମହାପାତ୍ରଙ୍କ କାର୍ଯ୍ୟ ଥିଲା ଅଭିନବ ଏବଂ ଅତୁଳନୀୟ। ବିଶେଷ ଭାବରେ କୋଭିଡ୍ ସମୟରେ ନିଜେ କରୋନା ସଂକ୍ରମିତ ହୋଇ ମେଡ଼ିକାଲରେ ଚିକିତ୍ସାଧୀନ ଥିବା ସମୟରେ ସେ ଦେଶର ଆବଶ୍ୟକତା ରହିଥିବା ପିପିଇ କିଟ୍, ଅକ୍ସିଜେନ ଯୋଗାଣକୁ ସୁନିଶ୍ଚିତ କରିଥିଲେ, ଏହା ଥିଲା ଗୁରୁପ୍ରସାଦ ମହାପାତ୍ରଙ୍କ କର୍ତବ୍ୟନିଷ୍ଠା ଏବଂ ସମାଜ ପ୍ରତି ସମର୍ପଣ ଭାବର ନିଛକ ପ୍ରମାଣ। ଡଃ ଗୁରୁପ୍ରସାଦ ମହାପାତ୍ରଙ୍କ କାର୍ଯ୍ୟ ଥିଲା ଅଭିନବ ଏବଂ ଅତୁଳନୀୟ। ପ୍ରଧାନମନ୍ତ୍ରୀ ତାଙ୍କ କାମରେ ଏତେମାତ୍ରାରେ ପ୍ରଭାବିତ ହୋଇଥିଲେ ଯେ, ସେ ନିଜ "ମନ୍ କି ବାତ୍" କାର୍ଯ୍ୟକ୍ରମରେ ସ୍ୱର୍ଗତ ମହାପାତ୍ରଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିବା ସହ ଦେଶବାସୀଙ୍କୁ ଅକ୍ସିଜେନ୍ ପହଁଚାଇବାରେ ତାଙ୍କର କାର୍ଯ୍ୟ ଅତୁଳନୀୟ ବୋଲି ବର୍ଣ୍ଣନା କରିଥିଲେ। ସ୍ୱର୍ଗତ ମହାପାତ୍ର ସୁରତ ମହାନିଗର ନିଗମର କମିସନର ଭାବେ ଉଲ୍ଲେଖନୀୟ କାର୍ଯ୍ୟ କରିବା ସହ ସୁରତ ଭଳି ବୟନଶିଳ୍ପର ପେଣ୍ଟସୁଳିକୁ ଆଦର୍ଶ ନଗର ପରିଚାଳନାର କେନ୍ଦ୍ର ରୂପେ ପ୍ରତିଷ୍ଠା କରିବାରେ ସେ ସୂତ୍ରଧର ଥିଲେ। ସେହିପରି ଭାବରେ ସ୍ୱାଧୀନତା ପରବର୍ତୀ ଓଡ଼ିଆ ସାହିତ୍ୟ ଜଗତର ଜଣେ ପ୍ରମୁଖ ସ୍ରଷ୍ଟା ମହାପାତ୍ର ନୀଳମଣି ସାହୁ ଥିଲେ ଅନନ୍ୟ ସିଦ୍ଧିର ଅଧିକାରୀ। କଥା ସାହିତ୍ୟ ଓ ଉପନ୍ୟାସ ଭଳି ସୃଜନଶୀଳ ସୃଷ୍ଟି କର୍ମରେ ତାଙ୍କର ସ୍ୱାକ୍ଷର କାଳଜୟୀ ମହାପାତ୍ରଙ୍କ ଗଳ୍ପ ସାହିତ୍ୟରେ ଗଭୀର ଅନୁଭୂତି, ସାମ୍ପ୍ରତିକ କାଳର ଜୀବନଚର୍ଚ୍ଚା, ସାଂସାରିକ ମଣିଷର ବ୍ୟଥାବେଦନା ଏବଂ ଜୀବନ ସଂଗ୍ରାମର ଚିତ୍ର ଜୀବନ୍ତ ଭାବେ ରୂପାୟିତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗାଳ୍ପିକ ନୀଳମଣିଙ୍କର ରହିଛି ଅନେକ ଅସାଧାରଣ ଗଳ୍ପ। ତନ୍ମଧ୍ୟରୁ କେତେକ ଗଳ୍ପ ଏହି ସଙ୍କଳନ ପାଇଁ ଚୟନ କରିଥିଲେ ତାଙ୍କର ସୁପୁତ୍ର ସ୍ୱର୍ଗତ ଡ଼ା.ଗୁରୁପ୍ରସାଦ ମହାପାତ୍ର। ମହାପାତ୍ର ନୀଳମଣି ସାହୁଙ୍କ ସ୍ମରଣୀୟ ଗଳ୍ପ ପୁସ୍ତକଟିରେ ସ୍ଥାନିତ ୧୩ଟି ଗଳ୍ପ ଗଳ୍ପ ଗୁଡ଼ିକ ଗୁରୁପ୍ରସାଦଙ୍କୁ ଅନେକ ଭାବରେ ଆଚ୍ଛାଦିତ ଓ ଆନ୍ଦୋଳିତ କରି ରଖୁଥିଲା। ଉନ୍ମୋଚିତ ହୋଇଥିବା ପୁସ୍ତକଟି ୨୦୨୦ ମସିହା ଡ଼ିସେମ୍ବର ମାସରେ ପ୍ରକାଶିତ ହୋଇଥିଲା। ଆଜିର ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ସ୍ୱର୍ଗତ ଡକ୍ଟର ଗୁରୁପ୍ରସାଦ ମହାପାତ୍ରଙ୍କ ପତ୍ନୀ ଶ୍ରୀମତି ଅଞ୍ଜଳି ମହାପାତ୍ର, ତାଙ୍କ ସୁପୁତ୍ର ଦୀପ୍ତିମାନ ମହାପାତ୍ର ଏବଂ ଜୀମୂତବରଣ ମହାପାତ୍ର, ପ୍ରମୁଖ ବକ୍ତାଗଣ ଭାବରେ ଭିଡିଓ କନଫରେନ୍ସ ଜରିଆରେଶାନ୍ତନୁ କୁମାର ଆଚାର୍ଯ୍ୟ, ଶ୍ରୀମତି ମମତା ଦାଶ, ଶ୍ରୀମତି ଯଶୋଧାରା ମିଶ୍ର ଶ୍ରମତି ଅର୍ଚ୍ଚନା ନାଏକ ; ଶ୍ରୀମତି ପାରମିତା ଶତପଥୀ ଓ ସାହିତ୍ୟିକ ଏବଂ ବିଶିଷ୍ଟ ବ୍ୟକ୍ତିଗଣ ଉପସ୍ଥିତ ଥିଲେ।

# ମଙ୍ଗଳବାର ଠାରୁ ଖୋଲିବ ନନ୍ଦନକାନନ !

ଭୁବନେଶ୍ୱର,୧/୮ (ନି.ପ୍ର): ତିନିମାସର ବନ୍ଦ ପରେ ମଙ୍ଗଳବାର ଠାରୁ ପୁଣି ଖୋଲିପାରେ ନନ୍ଦନକାନନ। ସ୍ଥିତି ଅନୁଧାନ କରିବା ପରେ ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ମହାପାତ୍ର ଏହି ସୂଚନା ଦେଇଛନ୍ତି। ଚିଡ଼ିଆଖାନା ଖୋଲିଲେ ବି ଭିତରେ ବ୍ୟାଟେରି ଚାଳିତ ଗାଡ଼ିକୁ ଅନୁମତି ମିଳିବ ନାହିଁ। ଏମିତିକି ବୋଟିଂ ପାଇଁ ମଧ ଅନୁମତି ଦିଆଯିବ ନାହିଁ। ଅଳ୍ପ ସଂଖ୍ୟକ ଦର୍ଶକଙ୍କୁ ନନ୍ଦନକାନନ ଭିତରକୁ ଛଡ଼ାଯିବ। ନନ୍ଦନକାନ ଖୋଲିବା ନେଇ ରାଜ୍ୟ ସରକାର ଅଗଷ୍ଟ ଗାଇଡ୍ଲାଇନରେ ଅନୁମତି ଦେଇଛନ୍ତି। ଦୀର୍ଘ ଦିନ ପରେ ପ୍ରାଣୀ ଉଦ୍ୟାନ ଖୋଲିବାକୁ ଅନୁମତି ମିଳିଥିବାରୁ କେଉଁ ଆଧାରରେ ନନ୍ଦନକାନନ ଖୋଲାଯିବ, ତାହାର ତର୍ଜମା କରିଥିଲେ ନିର୍ଦ୍ଦେଶକ ମନୋଜ ମହାପାତ୍ର। ଅନ୍ୟପକ୍ଷରେ ଅଗଷ୍ଟ ୫ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଭିତରକନିକା ଜାତୀୟ ଉଦ୍ୟାନ। ଏ ନେଇ ସୂଚନା ଦେଇଛନ୍ତି ରାଜନଗର ବନଖଣ୍ଡ ଅଧିକାରୀ। ତେବେ ପର୍ଯ୍ୟଟକଙ୍କୁ ରାତ୍ର ଯାପନ ପାଇଁ ଅନୁମତି ନାହିଁ। କେବଳ ଦିନରେ ଭିତରକନିକା ବୁଲିପାରିବେ। ପର୍ଯ୍ୟଟକ କୁମ୍ଭୀର ପ୍ରଜନନ ପାଇଁ ୩ ମାସରୁ ଅଧିକ ସମୟ ହେବ ବନ୍ଦ ଥିଲା ଭିତରକନିକା। ତେବେ ଅଗଷ୍ଟ ମାସର ଗାଇଡଲାଇନ୍ ଆସିବା ପରେ ଜାତୀୟ ଉଦ୍ୟାନ ଖୋଲିବା ପାଇଁ ବନ ବିଭାଗ ନିଷ୍ପ ି ନେଇଛି। ଡାଙ୍ଗମାଳ, ଖୋଲା ଏବଂ ଗୁପ୍ତି ପ୍ରବେଶ ପଥ ଦେଇ ପର୍ଯ୍ୟଟକମାନେ ଭିତରକନିକା ମଧ୍ୟକୁ ପ୍ରବେଶ କରିପାରିବେ। ପର୍ଯ୍ୟଟକଙ୍କ ଭ୍ରମଣ ପାଇଁ ବନବିଭାଗ ପକ୍ଷରୁ ସରକାରୀ ଓ ଘରୋଇ ବୋଟ୍ ପ୍ରସ୍ତୁତ କରାଯାଉଛି। ବ ୍ମାନ ପର୍ଯ୍ୟଟକମାନେ ରାତ୍ର ଯାପନ କରିପାରିବେ ନାହିଁ।

# ବିଭିନ୍ନ ଯୋଜନାକୁ ମଂଜୁରୀ ଦେଇଥିବାରୁ ସରକାରଙ୍କୁ ଧନ୍ୟବାଦ ଦେଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧/୮ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟର ବିଭିନ୍ନ ଯୋଜନାକୁ ମଂଜୁରୀ ଦେଇଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ପୂର୍ବ ଭାରତର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି "ପୂର୍ବୋଦୟ" ର କଳ୍ପନା କରିଛନ୍ତି । ପୂର୍ବରୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ ଦ୍ୱାରା ଦ୍ୱାରା ଯୋଜନା କରାଯାଇଥିବା ବାଲେଶ୍ୱରରେ ଇଣ୍ଡିଆନ ଅଏଲ, ନବରଙ୍ଗପୁରରେ ଏଚପିସିଏଲ ଏବଂ ଅନୁଗୁଳରେ ବେସରକାରୀ ସଂସ୍ଥା ନିଓ୍ୱଲ୍ଟ ଏନର୍ଜି ଦ୍ୱାରା ପ୍ରତିଷ୍ଠା ହେବାକୁ ଥିବା ଇଥାନଲ ପ୍ଲାଣ୍ଟକୁ ରାଜ୍ୟ ସରକାର ମଞ୍ଜୁରି ଦେଇଥିବାରୁ ଧନ୍ୟବାଦ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଆମ ଚାଷୀ ଭାଇମାନେ ଲାଭାନ୍ୱିତ ହୋଇପାରିବେ ଏବଂ ସ୍ୱଚ୍ଛ-ସବୁଜ ଇନ୍ଧନ ଦ୍ୱାରା ପରିବେଶ ସୁରକ୍ଷିତ ରହିବ । ସ୍ଥାନୀୟ ଅଂଚଳରେ ବ୍ୟାପକ ରୋଜଗାର ସୃଷ୍ଟି ହେବା ସହ ଆତ୍ମନିର୍ଭର ଭାରତର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ସେ କହିଛନ୍ତି ।

# ନୂତନ ଶିକ୍ଷାନୀତି ଯୋଗୁଁ ଓଡିଶା ଭଳି ପଛୁଆ ରାଜ୍ୟ ପାଇଁ ଅପାର ସମ୍ଭାବନା ସୃଷ୍ଟି ହୋଇଛି: ସମୀର ମହାନ୍ତି

ଭୁବନେଶ୍ୱର,୧/୮ (ନି.ପ୍ର): ନୂତନ ଶିକ୍ଷାନୀତିର ୧ ବର୍ଷ ପୂର୍ତି ଅବସରରେ ବିଜେପି ବୁଦ୍ଧିଜୀବୀ ପ୍ରକୋଷ୍ଠ ତରଫରୁ ଆଲୋଚନା ଚକ୍ର ଆୟୋଜିତ ହୋଇଛି । ବୁଦ୍ଧିଜୀବୀ ପ୍ରକୋଷ୍ଠର ରାଜ୍ୟ ଆବାହକ ସଜ୍ଜନ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ବକ୍ତା ଭାବେ ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗ ଦେଇ ଜାତୀୟ ଶିକ୍ଷାନୀତିକୁ ପ୍ରଶଂସା କରିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ, ନୂତନ ଶିକ୍ଷାନୀତି ଆତ୍ମନିର୍ଭର ଭାରତ ନିର୍ମାଣରେ ଉପଯୋଗୀ ହେବା ସହ ରାଷ୍ଟ୍ର ସଂସ୍କୃତିର ସଂରକ୍ଷଣ କରିବ । ପ୍ରାଥମିକ ସ୍ତରରୁ ଉଚ୍ଚସ୍ତରୀୟ ଶିକ୍ଷାଦାନ ମୂଲ୍ୟବୋଧ ଭିତିକ ହେବା ସହ ଗବେଷଣା ଓ ଅନୁସନ୍ଧାନ ପାଠ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯିବ । ଆତ୍ମନିଯୁକ୍ତି ଭିତିକ ଶିକ୍ଷା ପ୍ରାପ୍ତି କାରଣରୁ ଛାତ୍ରଛାତୀମାନେ ଆତ୍ମନିର୍ଭର ହୋଇପାରିବେ । ଛାତ୍ରଛାତ୍ରୀମାନେ ହୃତଗୌରବ ଇତିହାସ ଏବଂ ରାଷ୍ଟ୍ର ନାୟକମାନଙ୍କ ଜୀବନି ପାଠ୍ୟକ୍ରମ ଦ୍ୱାରା ଅନୁପ୍ରାଣିତ ହୋଇପାରିବେ । ନୂତନ ଶିକ୍ଷାନୀତି ଯୋଗୁଁ ଓଡିଶା ଭଳି ପଛୁଆ ରାଜ୍ୟ ପାଇଁ ଅପାର ସମ୍ଭାବନା ସୃଷ୍ଟି ହୋଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଓଡିଆ ପୁଅ ଧର୍ମେନ୍ଦ୍ର ପ୍ରଧାନ ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟରେ ଶିକ୍ଷା କ୍ଷେତ୍ରର ବିକାଶ ଦିଗରେ ସମ୍ଭାବନା ମଧ ସୃଷ୍ଟି ହୋଇଛି । ଆଲୋଚନାଚକ୍ରର ମୁଖ୍ୟ ଅତିଥି ଭାବେ ରାଂଚି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଡ. କ୍ଷିତିଭୂଷଣ ଦାସ ଯୋଗ ଦେଇ କହିଛନ୍ତି ଯେ, ଦେଶର ଅଗଣିତ ଛାତ୍ରଛାତ୍ରମାନଙ୍କ ଆକାଂକ୍ଷା ପୂରଣ ଲାଗି ନୂତନ ଶିକ୍ଷାନୀତି ନିର୍ଶ୍ଚିତ ସହାୟକ ହେବ । ନିଜ ନିଜ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ କାରଣରୁ ବିଶେଷ ଭାବେ ଗରୀବ, ଗ୍ରାମୀଣ ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶ୍ୱାସ ଯୋଗାଇବ । ସେହିପରି ଭାରତୀୟ ସାଂକେତିକ ଭାଷାକୁ ପ୍ରଥମ ଥର ପାଇଁ ଭାଷାଭିତିକ ବିଷୟ ମାନ୍ୟତା ପ୍ରଦାନ କରାଯାଇଥିବାରୁ ଲକ୍ଷ ଲକ୍ଷ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ ।

# ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ ଟୁର ଗୋଣ୍ଡ ଜନଜାତିଙ୍କ ଘର

ଭୁବନେଶ୍ୱର,୧/୮ (ନି.ପ୍ର): କରୋନା ସଂକ୍ରମଣ ଯୋଗୁଁ ରାଜ୍ୟ ଜନଜାତି ସଂଗ୍ରହାଳୟ ଦର୍ଶକମାନଙ୍କ ନିମନ୍ତେ ବନ୍ଦ ରହିଛି । ଏହି ପରିପ୍ରେକ୍ଷୀରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର ବ୍ୟବସ୍ଥା କରାଯାଇଛି । ଅଗଷ୍ଟ ୧ ତାରିଖ ଦିନ ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ଖୋଲି ଗୋଣ୍ଡ ଜନଜାତିଙ୍କ ଘର ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସି ଏସ୍‌ଟି ଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ଓଡ଼ିଶାର ନବରଙ୍ଗପୁର, ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ଗୋଣ୍ଡ ଜନଜାତି ବସବାସ କରିଥାନ୍ତି । ଗୋଣ୍ଡ ଜନଜାତି ଗୋଟିଏ କୋଠରିବିଶିଷ୍ଟ ଘରେ ରୁହନ୍ତି । ଘରର ତିନିପଟେ ବାରଣ୍ଡା ରହିଥାଏ। ଘରର କାନ୍ଥଗୁଡ଼ିକୁ ପାରମ୍ପରିକ ଗୋଣ୍ଡ ଚିତ୍ରକଳାରେ ସୁନ୍ଦର ଭାବେ ରଙ୍ଗ ସାହାଯ୍ୟରେ ଅଙ୍କନ କରାଯାଇଥାଏ। ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଇ ପ୍ରାଣୀମାନଙ୍କୁ ପ୍ରତୀକ ସ୍ୱରୂପ ନିଆଯାଇ କାନ୍ଥରେ ଚିତ୍ର ଅଙ୍କନ କରାଯାଏ। ଘରର ଗୋଟିଏ ପାଖରେ ଚୁଲି ସ୍ଥାନିତ କରାଯାଇଥିବାବେଳେ ଅନ୍ୟ ପଟରେ ମାଛମରା ଉପକରଣ ରଖାଯାଇଥାଏ । ଘରର ମୁଖ୍ୟ ସ୍ଥାନରେ ଖାଦ୍ୟଶସ୍ୟ ରଖିବା ନିମନ୍ତେ କାଠତିଆରି ମଂଚ ମଧ କରାଯାଇଥାଏ।

# ନିଯୁକ୍ତି କ୍ଷେତ୍ରରେ ଦୁର୍ନୀତି ଅଭିଯୋଗରେ ଏବିଭିପିର ବିକ୍ଷୋଭ

ଭୁବନେଶ୍ୱର,୧/୮ (ନି.ପ୍ର): ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ସଦସ୍ୟଙ୍କ ବ୍ୟକ୍ତିଗତ ସଚିବ ବିରଂଚି ନାରାୟଣ ସାହୁଙ୍କ ଘରୁ ଚାକିରୀ ପାଇଁ ଆଶାୟୀ ଥିବା ପ୍ରାର୍ଥୀଙ୍କ ଆଡମିଟ୍ କାର୍ଡ ସହ କୋଟି କୋଟି ଟଙ୍କା ଓ ସୁନା ଗହଣା ଜବତ ଘଟଣାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ତରଫରୁ ମାଷ୍ଟରକ୍ୟାଂଟିନ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏବିଭିପି ଅଭିଯୋଗ କରିଛି ଯେ ଆଗରୁ ଏଏସଓ ଭଳି ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ଅଭିଯୋଗ ଆସିଥିଲେ ବି ସରକାର ଏଥିପ୍ରତି ଧ୍ୟାନ ଦେଇ ନାହାନ୍ତି। ମାଟ୍ରିକ ପରୀକ୍ଷାଠୁ ଆରମ୍ଭ କରି ବଡ ବଡ ନିଯୁକ୍ତି ପରୀକ୍ଷା ଯାଏଁ ସବୁଥିରେ ଦୁର୍ନୀତିର ଗନ୍ଧ ବାରି ହେଉଛି । କୋଉଠି ପ୍ରଶ୍ନପତ୍ର ଲିକ ତ ଆଉ କୋଉଠି ନିଯୁକ୍ତ ପାଇଁ ସାଧାରଣ ଛାତ୍ରଛାତ୍ରୀଙ୍କୁ ବଳିଦାନ ହେଉଛି। ଏହା ସଭ୍ୟ ସମାଜରେ ଅସଭ୍ୟତାର ବାର୍ତା ଦେଉଛି। ଏବିଭିପିର ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି ଏହାକୁ ଦୃଢ ନିନ୍ଦା କରିବା ସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷିତ ପାଇଁ ଦାବି କରିଛନ୍ତି। ଆଗକୁ ଏହା ବିରୋଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି।

# ଗଞ୍ଜାମ ଜିଲ୍ଲାର ପ୍ରଧାନଶିକ୍ଷକମାନଙ୍କ ସହ ଆଲୋଚନା କଲେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ

## ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶକୁ ଗୁରୁତ୍ୱ ଦେବାକୁ ପରାମର୍ଶ

ଭୁବନେଶ୍ୱର,୧/୮ (ନି.ପ୍ର): ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ପଢୁଥିବା ପିଲାମାନେ ଯେପରି ସମସ୍ତ ପ୍ରକାର ସୁବିଧା ସୁଯୋଗ ପାଇପାରିବେ ତାହା ଉପରେ ଗୁରୁତ୍ୱ ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ । ହାଇସ୍କୁଲ୍ ବୋର୍ଡ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶକୁ ଶିକ୍ଷକମାନେ ଗୁରୁତ୍ୱ ଦେବାସହ ବିଦ୍ୟାଳୟଗୁଡ଼ିକରେ କୌଣସି ଛାତ୍ରଛାତ୍ରୀ ଯେପରି ବୋର୍ଡ ପରୀକ୍ଷାରେ ଫେଲ୍ ନ ହୁଅନ୍ତି ସେହି ଲକ୍ଷ୍ୟ ନେଇ ପ୍ରଧାନଶିକ୍ଷକମାନେ କାର୍ଯ୍ୟକରିବେ । ଶିକ୍ଷକମାନେ ପ୍ରତ୍ୟେକ ପିଲାଙ୍କୁ ନିଜ ପିଲା ଭଳି ପାଠ ପଢାଇବାକୁ କହିଛନ୍ତି ପ୍ରମୁଖ ସଚିବ ଶ୍ରୀ ସାହୁ । ମୋ ସ୍କୁଲ୍ ଅଭିଯାନ ଅନ୍ତର୍ଗତ '୫ଟି- ହାଇସ୍କୁଲ୍ ଟ୍ରାନ୍ସଫର୍ମେଶନ କାର୍ଯ୍ୟକ୍ରମ'ରେ ସାମିଲ ହୋଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ସମ୍ବୋଧନ କରି ସେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶକୁ ଗୁରୁତ୍ୱ ଦେଇଥିଲେ। ଶନିବାର ଭର୍ଚୁଆଲ ମୋଡ୍ରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଓ ଶେରଗଡ଼ ବ୍ଲକ୍ ଅନ୍ତର୍ଗତ ୫୩ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏଥିରେ ଯୋଗ ଦେଇଥିଲେ । ସେମାନଙ୍କ ସହ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓଏସ୍‌ଇପିଏ) ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅନୁପମ ସାହା, ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ବିଜୟ ଅମୃତ କୁଲାଙ୍ଗେ, 'ମୋ ସ୍କୁଲ୍' ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ଅମରଜିତ ଜେନା ଏବଂ 'ମୋ ସ୍କୁଲ୍' ଭାରପ୍ରାପ୍ତ ଅଧିକାରୀ ଶ୍ରୀମତୀ ପ୍ରତିଭା ଦୋରା ଉପସ୍ଥିତ ଥିଲେ । ପ୍ରମୁଖ ସଚିବ ଶ୍ରୀ ସାହୁ '୫ଟି- ହାଇସ୍କୁଲ୍ ଟ୍ରାନ୍ସଫର୍ମେଶନ କାର୍ଯ୍ୟକ୍ରମ'ରେ ଗୋଷ୍ଠୀ ସହଭାଗିତାକୁ ସୁଦୃଢ କରିବାକୁ ପ୍ରଧାନଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ସରକାରୀ ବିଦ୍ୟାଳୟରେ କିଭଳି ପିଲାମାନଙ୍କ ସଂଖ୍ୟା ବୃଦ୍ଧିପାଇବ ତାହାଉପରେ ମଧ ଜୋର୍ ଦେଇଥିଲେ । ସ୍ମାର୍ଟ କ୍ଲାସ୍ରୁମ୍ରେ ଶିକ୍ଷାଦାନ ପାଇଁ ଶିକ୍ଷକମାନେ ଡିଜିଟାଲ୍ ଟେକ୍ନୋଲୋଜୀରେ ଦକ୍ଷ ହେବାକୁ ସେ ସମସ୍ତ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅନୁପମ ସାହା ଶିକ୍ଷକଙ୍କୁ ଡିଜିଟାଲ କ୍ଷେତ୍ରରେ ଦକ୍ଷ କରିବାକୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି କହିଥିଲେ । ଏହି ଅବସରରେ ମୋ ସ୍କୁଲ୍ ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ଜେନା '୫ଟି- ହାଇସ୍କୁଲ୍ ଟ୍ରାନ୍ସଫର୍ମେଶନ କାର୍ଯ୍ୟକ୍ରମ'ର ୩ଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିବା ସହ ଭିତିଭୂମି ବିକାଶ ପରେ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶକୁ କିଭଳି ପ୍ରାଥମିକତା ଦିଆଯିବ ସେନେଇ ପ୍ରଧାନଶିକ୍ଷକମାନଙ୍କୁ କହିଥିଲେ । ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ବିଜୟ ଅମୃତ କୁଲାଙ୍ଗେ ଗଞ୍ଜାମ ଜିଲ୍ଲାରେ '୫ଟି- ହାଇସ୍କୁଲ୍ ଟ୍ରାନ୍ସଫର୍ମେଶନ କାର୍ଯ୍ୟକ୍ରମ'ରେ ଅନ୍ତର୍ଭୁକ୍ତ ହୋଇଥିବା ବିଦ୍ୟାଳୟଗୁଡ଼ିକର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଏବଂ ବ୍ଲକ୍ ଶିକ୍ଷାଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଆସନ୍ତା ୧୫ ଦିନ ମଧ୍ୟରେ ସମସ୍ତ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ୍ରୁମ୍, ଇ-ଲାଇବ୍ରେରୀ ଏବଂ ବିଜ୍ଞାନଗାର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ପ୍ରମୁଖ ସଚିବ ଶ୍ରୀ ସାହୁ ଉପସ୍ଥିତ ଜିଲ୍ଲା ଶିକ୍ଷାଧିକାରୀ ଏବଂ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ସ୍ଥାନୀୟ ଗ୍ରାମବାସୀ, ସ୍କୁଲ୍ ପରିଚାଳନା କମିଟି ଏବଂ ପୁରାତନ ଛାତ୍ରଛାତ୍ରୀଙ୍କ ସହ ଏକ ଆଲୋଚନା ବୈଠକ, ସ୍କୁଲ୍ର ଆର୍ଥିକ କାରବାରରେ ସ୍ୱଚ୍ଛତା ଏବଂ ଭିତିଭୂମି ନିର୍ମାଣ ଜନିତ କାର୍ଯ୍ୟରେ ଗୁଣବତା ବଜାୟ ରଖିବାକୁ ସେ କହିଥିଲେ । ଆସନ୍ତା ୧୫ଦିନ ମଧ୍ୟରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଯେପରି ସ୍ମାର୍ଟ କ୍ଲାସ୍ ରୁମ୍ର ପରିଚାଳନା କରିବାକୁ ଦକ୍ଷ ହୋଇପାରିବେ ତାହାଉପରେ ଗୁରୁତ୍ୱ ଦେବାକୁ ସେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ପ୍ରଧାନଶିକ୍ଷକମାନେ ନିଜ ନିଜ ବିଦାଳୟର କାର୍ଯ୍ୟ ଅଗ୍ରଗତି ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ ।

## ରାଜଧାନୀରେ ସଂକ୍ରମଣ ୧ ଲକ୍ଷ ପାର୍ : ୨୪ ଘଂଟାରେ ୩୧୮ ପଜିଟିଭ୍

ଭୁବନେଶ୍ୱର,୦୧/୦୮ (ନି.ପ୍ର): ରାଜଧାନୀରେ ୧ ଲକ୍ଷ ଟପିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ରବିବାର ଦିନ ଆଉ ୩୧୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୭୯ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୨୩୯ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୨୩୭ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୨୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ରସୁଲଗଡରୁ ୧୨ ଜଣ, ଶୈଳଶ୍ରୀବିହାରରୁ ୧୦ ଜଣ, ଓଲ୍ଡଟାଉନ୍ ରୁ ୯ ଜଣ, ନୟାପଲ୍ଲୀ, ଟଙ୍କପାଣି ରୋଡ୍, ଝାରପଡା ଓ ୟୁନିଟ୍ ୬ରୁ ୮ ଜଣ ଲେଖାଏଁ, ଚନ୍ଦ୍ରଶେଖରପୁରରୁ ୭ ଜଣ ଲେଖାଏଁ , ଖଣ୍ଡଗିରି , କପିଳପ୍ରସାଦ, ପାତ୍ରପଡାରୁ ୬ ଜଣ ଲେଖାଏଁ , ସାମନ୍ତରାପୁର, ମଂଚେଶ୍ୱର, ଜାଗମରା, ନିଳାଦ୍ରୀବିହାର , ୟୁନିଟ୍ ୮ , କାନନବିହାର ଓ ଡୁମଡୁମାରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦୧୮୧ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୯୬୮୫୬ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୨୪୯୮ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୮୦୬ କୁ ବୃଦ୍ଧି ପାଇଛି।

## ବାଲ ଗଙ୍ଗାଧର ତିଳକଙ୍କୁ ସ୍ମରଣ କଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୦୧/୦୮ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବାଲ ଗଙ୍ଗାଧର ତିଳକଙ୍କୁ ତାଙ୍କର ପୁଣ୍ୟତିଥିରେ ସ୍ମରଣ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ ଟ୍ୱିଟ କରି କହିଛନ୍ତି ଯେ ମହାନ ସ୍ୱାଧୀନତା ସଂଗ୍ରାମୀ, ସମାଜ ସୁଧାରକ, ସ୍ୱଶାସନ, ସ୍ୱଦେଶୀ ଓ ରାଷ୍ଟ୍ରବାଦୀ ଶିକ୍ଷାର ପ୍ରବଳ ସମର୍ଥକ ବାଲ ଗଙ୍ଗାଧର ତିଳକଙ୍କୁ ପୁଣ୍ୟ ତିଥିରେ କୋଟି କୋଟି ନମନ। ତାଙ୍କର ଓଜସ୍ୱୀ ବିଚାର ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅଦ୍ୱିତୀୟ ଯୋଗଦାନ ଅନନ୍ତକାଳ ଯାଏ ଭାବୀ ପୀଢୀଙ୍କୁ ମାର୍ଗଦର୍ଶନ ଦେଉଥିବ ।

# ପିଆଇବି ଏଡିଜିଙ୍କ ସହ ବାଲେଶ୍ୱର ଗଣମାଧ୍ୟମ ପ୍ରତିନିଧିମାନଙ୍କ ଆଲୋଚନା

ଭୁବନେଶ୍ୱର,୦୧/୦୮(ନି.ପ୍ର): ସୂଚନା ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ରାଜିନ୍ଦର ଚୌଧୁରୀ ଆଜି ବିଭିନ୍ନ ପ୍ରସଙ୍ଗ ନେଇ ବାଲେଶ୍ୱର ଜିଲ୍ଲାର ଆଞ୍ଚଳିକ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଛନ୍ତି। ଶ୍ରୀ ଚୌଧୁରୀ କ୍ଷେତ୍ରୀୟ ସ୍ତରରେ କାର୍ଯ୍ୟ କରୁଥିବା ସାମ୍ବାଦିକମାନଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବା ସହିତ ଭାରତ ସରକାରଙ୍କ ବିଭିନ୍ନ ସାମ୍ବାଦିକ କଲ୍ୟାଣ ଯୋଜନା ସମ୍ପର୍କରେ ସେମାନଙ୍କୁ ସୂଚନା ଦେଇଥିଲେ। ପତ୍ର ସୂଚନା କାର୍ଯ୍ୟାଳୟ ପକ୍ଷରୁ ଦିଆଯାଉଥିବା



ବିଭିନ୍ନ ସୂଚନା କିଭଳି ବ୍ୟବସ୍ଥିତ ଢଙ୍ଗରେ ସ୍ଥାନୀୟ ସାମ୍ବାଦିକମାନଙ୍କ ନିକଟରେ ପହଞ୍ଚି ପାରିବ ସେ ନେଇ ଏଡିଜି ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସେହିପରି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ତୃଣମୂଳ ସ୍ତରରେ କିଭଳି ପ୍ରଚାରପ୍ରସାର କରାଯାଇପାରିବ ସେ ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ ବିଚାର ଆଲୋଚନା କରାଯାଇଥିଲା। ଏହି ବୈଠକ ଅବସରରେ ଗଣମାଧ୍ୟମ ପ୍ରତିନିଧିମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ସେମାନଙ୍କ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଆଗାମୀ ଦିନରେ ଭାରତ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ନିମନ୍ତେ ସ୍ଥାନୀୟ ଗଣମାଧ୍ୟମ ଓ ପତ୍ର ସୂଚନା କାର୍ଯ୍ୟାଳୟ ପକ୍ଷରୁ ସମନ୍ୱୟ ରଖି କାର୍ଯ୍ୟ କରାଯିବ ବୋଲି ବୈଠକରେ ସହମତି ପ୍ରକାଶ ପାଇଥିଲା। ଆଲୋଚନା ସମୟରେ ପତ୍ର ସୂଚନା କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭିନ୍ନ ସ୍ଥାନୀୟ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ବେକରେ ରଶି ଲଗାଇ ଯୁବ କଳାକାରଙ୍କ ଆତ୍ମହତ୍ୟା

ବାଲିଆପାଳ,୦୧/୦୮ (ନି.ପ୍ର): ବାଲିଆପାଳଥାନା ଅନ୍ତର୍ଗତ ମଧୁପୁରା ପଞ୍ଚାୟତ ବଡସିମୁଳିଆ ଗ୍ରାମରେ ଶନିବାର ଜନୈକ ଯୁବକଳାକାର ବେକରେ ରଶି ଲଗାଇ ଆତ୍ମହତ୍ୟାକରିଛନ୍ତି । ମୃତ କଳାକାର ଜଣଙ୍କ ହେଲେ ଅଜିତ କୁମାର ମଣ୍ଡଳ (୩୬)।ଅଜିତ ପେଶାରେ ଜଣେ କଣ୍ଠଶିଳ୍ପୀ । ସେ ବିଭିନ୍ନ ମେଲୋଡି, ଯାତ୍ରା ପାର୍ଟୀରେ ଗୀତ ଗାଇ ଜିବୀକା ନିର୍ବାହ କରୁଥିଲେ । କରୋନା କଟକଣା ଯୋଗୁଁ ସେ ଗତ କିଛିମାସ ହେଲା କମର୍ଦ୍ଧା ଡାକ୍ତରଖାନାରେ ଠିକା ଝାଡୁଦାର ଭାବରେ



କାର୍ଯ୍ୟକରୁଥିଲେ ।ତାଙ୍କର ସ୍ତ୍ରୀ ଓଦୁଇଜଣ ଛୋଟ ପିଲା ଅଛନ୍ତି । ଶନିବାର ରାତ୍ରୀ ରେ ଅଜିତ ଘରେ ଖାଇ ପିଇ ଶୋଇଥିଲେ ।ରାତ୍ରୀ ପ୍ରାୟ ୧୨ଟା ସମୟରେ ତାଙ୍କ ସ୍ତ୍ରୀ ତାଙ୍କୁ ପାଖରେ ନପାଇ ଦେଖିବାରୁ ଘର ଓରାରେ ଅଜିତ ର ଶବ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା । ପାଟିଶୁଣି ପରିବାର ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାରକରି ବାଲିଆପଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ । ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ ।ତେବେ ମୃତ୍ୟୁର କାରଣ ଜଣାପଡିନଥିବା ବେଳେ ପୋଲିସ ଏହି ଘଟନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବବ୍ୟବେଚ୍ଛଦ କରିବା ଶହ ଘଟନାତ ତଦନ୍ତ କରୁଛି । ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଭକ୍ତଙ୍କ ଲାଗି ତୁରନ୍ତ ଶ୍ରୀମନ୍ଦିର ଖୋଲୁ

ପୁରୀ,୦୧/୦୮ (ନି.ପ୍ର): କୋଭିଡ୍ କଟକଣା ମଧ୍ୟରେ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ତୁରନ୍ତ ଖୋଲିବା, କୋଭିଡ୍ ନିୟମ ପାଳନ କରି ପ୍ରଥମେ ପୁରୀବାସୀଙ୍କୁ ପର୍ଯ୍ୟାୟ କ୍ରମେ ସୁଯୋଗ ଦେବା ଓ ତୁରନ୍ତ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରିବାକୁ ଦାବି କରିଛି ଉତ୍କଳ ବିଦ୍ୟୁତ୍ ପରିଷଦ। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକଙ୍କ ଉଦ୍ଦେଶ୍ୟରେ ପରିଷଦ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରର ନକଲ ଶ୍ରୀମନ୍ଦିରପରିଚାଳନା କମିଟିର ସଭାପତି ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଥିବା ଉତ୍କଳ ବିଦ୍ୟତ୍ ପରିଷଦର ଅଧକ୍ଷ ମନୋଜ ରଥ କହିଛନ୍ତି।

# ଖଇରାର କାର୍ଯ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା : ବାଲିଆପାଳ ମିଡିଆଫୋରମ ପକ୍ଷରୁ ନିନ୍ଦା

ବାଲିଆପାଳ,୦୧/୦୮ (ନି.ପ୍ର): ଖଇରାର କାର୍ଯ୍ୟରତ ସାମ୍ବାଦିକ କୈଳାସ ଦାସଙ୍କୁ ଚୋରାଖଣି ଉତ୍ତୋଳନକାରୀ ଆକ୍ରମଣ କରିବା ଘଟଣାକୁ ବାଲିଆପାଳ ମିଡିଆ ଫୋରମ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ତୁରନ୍ତ ଆକ୍ରମଣକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଫୋରମ ପକ୍ଷରୁ ଦାବି କରାଯାଇଛି । ଆଜି ଏନେଇ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ରାଧାକୃଷ୍ଣ ସାହୁ,ସୁକାନ୍ତ ଗିରି, ପ୍ରତାପ ପାତ୍ର,ଶାନ୍ତନୁ ମହାପାତ୍ର, ତାରାକାନ୍ତ ଜେନା, ଝାଡେଶ୍ୱର ପ୍ରଧାନ,ଅଜିତ ଦାସ,ଶମ୍ଭୁନାଥ ଦାସ,ଗୋପବନ୍ଧୁ ସାହୁ, ଅଜିତ ସାହୁ,ଚନ୍ଦନ ଜେନା, ହାଡିବନ୍ଧୁ ରାଉତ,ସାଗର ପଟ୍ଟନାୟକ,ସନ୍ୟାସୀ ବେହେରା, ସୁଶାନ୍ତ ଦାସ,କୃଷ୍ଣବତ୍ସଳ ସାହୁ, ପଙ୍କଜ କୁମାର ସାହୁ, ଉମାକାନ୍ତ ନାୟକ.ପ୍ରସାନ୍ତ କୁମାର ଦାସ, ଶିବକୃଷ୍ଣ ପ୍ରମାଣିକ ପ୍ରମୁଖ ଦାବି କରିଛନ୍ତି ।

# ବାଲେଶ୍ୱରରେ କମୁଛି କରୋନା ସଂକ୍ରମଣ ହାର

## ଦିନକରେ ଚିହ୍ନଟ ୬୪ ସଂକ୍ରମିତ

ବାଲେଶ୍ୱର,୦୧/୦୮ (ନି.ପ୍ର): ରାଜ୍ୟର ଅନ୍ୟାନ୍ୟ ଜିଲାରେ ସଂକ୍ରମଣ କମିଥିବା ବେଳେ ବାଲେଶ୍ୱର ଜିଲାରେ କରୋନା ସଂକ୍ରମଣ ସଂଖ୍ୟା ମଧ ଧିରେ ଧିରେ କମିବାକୁ ନେଇ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ମାତ୍ର ୬୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ଅଙ୍ଗାଗଡିଆ, ଆଜିମାବାଦ, ଭାସ୍କରଗଞ୍ଜ, ମଲିକାଶପୁର, ରାଣୀପାଟଣା, ସହଦେବଖୁଂଟା, ଷ୍ଟେସନ ଛକ, ସୁନହଟ ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ରହିଛନ୍ତି। ଦିନକରେ ବାଲେଶ୍ୱର ପୌରାଞ୍ଚଳରେ ମୋଟ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିଭଳି ବସ୍ତା ବ୍ଲକରୁ ୭ଜଣ, ବାଲିଆପାଳରୁ ୧୯ଜଣ, ଭୋଗରାଇରୁ ୮, ଜଳେଶ୍ୱରରୁ ଜଣେ, ନୀଳଗିରିରୁ ୩, ରେମୁଣାରୁ ୯ ଓ ସଦର ବ୍ଲକରୁ ୯ଜଣ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ତେବେ ସମସ୍ତ ନୂଆ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଇଛି । ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୮,୦୫୫ରେ ପହଞ୍ଚିଥିବା ବେଳେ ଏବେ ସୁଦ୍ଧା ୩୬,୮୬୫ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଏବେ ସକ୍ରିୟ ଥିବା ୯୯୫ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୯୦୩ଜଣ ଗୃହ ସଙ୍ଗରୋଧରେ ଏବଂ ୭୭ଜଣ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ଘଂଟା ମଧ୍ୟରେ ୮୮ ବର୍ଷର ଜଣେ ପୁରୁଷ ଏବଂ ୩୪ ବର୍ଷର ଜଣେ ମହିଳାଙ୍କୁ ମିଶାଇ ମୋଟ ୨ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘୋଷଣା କରାଯାଇଥିବା ବେଳେ ଜିଲାରେ ଏବେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୯୦ରେ ସ୍ଥିର ରହିଥିବା ସରକାରୀ ୱେବସାଇଟରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବାଲେଶ୍ୱରରେ ସାମୁହିକ ଟିକାକାରଣ ତ୍ୱରାନ୍ୱିତ ହୋଇଥିବା ଲକ୍ଷ୍ୟ କରାଯାଇଛି । ଅଗଷ୍ଟ ମାସରେ ଏହି ଅଭିଯାନ ଆହୁରି କ୍ରିୟାଶୀଳ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି । ଏହି କ୍ରମରେ ଅଗଷ୍ଟ ୨ ଓ ୩ ତାରିଖରେ ୪୫ରୁ ଉର୍ଦ୍ଧ୍ୱ ବୟସର ୧୦୨୫୦ଜଣ ଓ ୧୮-୪୪ ବର୍ଷ ବର୍ଗର ୭,୧୦୦ଜଣ ବ୍ୟକ୍ତି ଟିକା ପ୍ରଦାନ ନେଇ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ସମଗ୍ର ଜିଲାରେ ମୋଟ ୧୦୮ଟି ଟିକା ପ୍ରଦାନ କେନ୍ଦ୍ର ସ୍ଥାପନ କରାଯାଇଛି । ଏବେ ସୁଦ୍ଧା ବାଲେଶ୍ୱର ଜିଲାରେ ମୋଟ ୮,୧୫,୫୨୯ଜଣଙ୍କୁ ଟିକା ଦିଆଯାଇଥିବା ବେଳେ ୫,୭୨,୯୩୩ ଜଣ ପ୍ରଥମ ଡୋଜ ଓ ୨,୪୨,୫୯୬ ଜଣ ଦ୍ୱିତୀୟ ଡୋଜ ଟିକା ନେଇ ସାରିଥିବା ଜଣାପଡିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଫକୀରମୋହନଙ୍କ ଆତ୍ମଜୀବନି ....

ତାଙ୍କର କହିବା କଥା, ଏହିସବୁ ପାଣ୍ଡୁଲିପିକୁ ସେ ୪ ପିଢ଼ି ଧରି ସାଇତି ରଖିଥିଲେ, ଏହା ସର୍ବସାଧାରଣ ସମ୍ପତି ନୁହେଁ । ଡିଜିଟାଲ ସଂରକ୍ଷଣ ପାଇଁ ଭାଷାବିତ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ସେ ବିଶ୍ୱାସ କରି ପାଣ୍ଡୁଲିପି ଦେଇଥିଲେ ଏବଂ ଏଥିପାଇଁ ୧ ଲକ୍ଷ ଟଙ୍କା ମଧ ଦେଇଥିଲେ । ଫକୀରମୋହନଙ୍କ ଆତ୍ମଜୀବନୀ ପ୍ରକାଶ ପାଇଁ ଦେବୀପ୍ରସନ୍ନ ପଟ୍ଟନାୟକ, ମୀନାକ୍ଷୀ ଦତ ଓ ରାଷ୍ଟ୍ରୀୟ ଅଭିଲେଖାଗାର ସହନିର୍ଦ୍ଦେଶକ ଲଲାଟେନ୍ଦୁ ଦାସ ମହାପାତ୍ରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା । ଆତ୍ମଜୀବନୀ ପୁସ୍ତକରେ ଦେବୀପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ସଂପାଦକ ରହିଥିବା ବେଳେ, ଲଲାଟେନ୍ଦୁ ବାବୁ ଏବଂ ମୀନାକ୍ଷୀ ଦେବୀ ସଂପାଦକ ରହିଥିଲେ । ଦେବୀପ୍ରସନ୍ନ କହିଛନ୍ତି, ପ୍ରକାଶକ ଏଥିପାଇଁ ୩୩ ହଜାର ଟଙ୍କା ରୟାଲିଟି ଦେବା ପାଇଁ ରାଜି ହୋଇଥିଲେ । ୧୧ ହଜାର ଟଙ୍କାର ରୟାଲିଟି ମଧ ସେ ମୀନାକ୍ଷୀ ଦତଙ୍କୁ ଦେଇଥିଲେ । ଫକୀରମୋହନଙ୍କ ଆତ୍ମଜୀବନୀଙ୍କୁ ନେଇ ବିବାଦ ତେଜୁଥିବା ବେଳେ ଏହା ଓଡ଼ିଆ ଭାଷାପ୍ରେମୀଙ୍କୁ ଗଭୀର ଭାବେ ମର୍ମାହତ କରିଛି । ବିଶ୍ୱବନ୍ଦିତ ଔପନ୍ୟାସିକ ଫକୀରମୋହନଙ୍କ ପାଣ୍ଡୁଲିପି ପ୍ରକାଶ ପାଇଲେ ଓଡ଼ିଆ ଭାଷା ସାହିତ୍ୟ ସମୃଦ୍ଧ ହେବ ଏବଂ ତାଙ୍କ ପ୍ରତି ଶ୍ରଦ୍ଧାସୁମନ ହେବ ବୋଲି ମତପ୍ରକାଶ ପାଇଛି । ସେପଟେ ଦେବୀ ପ୍ରସନ୍ନ କହିଛନ୍ତି, ଫକୀରମୋହନଙ୍କ ଆତ୍ମଜୀବନୀ ପ୍ରକାଶନକୁ କେହି ଅଟକାଇ ପାରିବେନି । ମାମଲା ଅଦାଲତରେ ଥିବାରୁ ଏହି ବିବାଦ ସମ୍ପର୍କରେ କ୍ୟାମେରା ଆଗରେ କିଛି କହିବାକୁ ମନା କରିଦେଇଛନ୍ତି ମୀନାକ୍ଷୀ ଦତ । ତେବେ ଫକୀରମୋହନଙ୍କ ଅପ୍ରକାଶିତ ପାଣ୍ଡୁଲିପି ଦେଶ ଓ ଜାତି ପାଇଁ ଅମୁଲ୍ୟ ସମ୍ପଦ ହୋଇଥିବାରୁ ଏହାର ସୁରକ୍ଷା ପାଇଁ ଓଡ଼ିଶା ସରକାର ଆଗେଇ ଆସିବା ଉଚିତ । ଏବଂ ଯେଉଁ ବିବାଦ ସୃଷ୍ଟି ହୋଇଛି, ଏହାର ମୂଳକୁ ଯାଇ ସମାଧାନର ବାଟ ସରକାର ବାହାର କରନ୍ତୁ ବୋଲି ଦାବି ହୋଇଛି ।

## ଅଗଷ୍ଟ ୫ ତାରିଖରେ ହେବ....

କେତେକ ନାମୀ ଖବରକାଗଜ ଏବଂ ପତ୍ର ପତ୍ରିକାରେ ଏହି କଥାର ରହସ୍ୟୋଦଘାଟନ କରିଛନ୍ତି ଯେ ଭାରତର ୧୪୨ରୁ ଅଧିକ ଲୋକଙ୍କୁ ପେଗାସସ ମାଧ୍ୟମରେ ଗୁଇନ୍ଦା କରାଯାଇଛି। ଆବେଦନାରେ ଦାବି କରାଯାଇଛି ଯେ କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇ ପଚାରିଛି ଯେ ପେଗାସସ ଭାରତ ସରକାରଙ୍କ ଅନୁମତି ନେଇଥିଲା ନା ସେ ନିଜେ ଏହାର ବ୍ୟବହାର କରିଥିଲା। ଯାଚିକାରେ କୁହାଯାଇଛି ଯେ ଏମେଷ୍ଟି ଇଂଟରନେସନାଲ୍ ସିକ୍ୟୁରିଟି ମଧ ଏହାର ତଦାରଖ କରିଛି।

# ଓୟୁଏଟିରେ ଉନ୍ନତ କଦଳୀ ଚାଷ ସମ୍ବନ୍ଧରେ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର,୦୧/୦୮ (ନି.ପ୍ର): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଏକ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ଡ. ପଡ୍ୱନ୍ କୁମାର ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ରାଜ୍ୟରେ ଥିବା ୩୧ଟି କୃଷି ବିଜ୍ଞାନ କେନ୍ଦ୍ରର ପ୍ରାୟ ୫୦ ଜଣ ବୈଜ୍ଞାନିକ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଭର୍ଚୁଆଲ ମୋଡ୍ ରେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ କଦଳୀର ମାକ୍ରୋପ୍ରୋପାଗେନ୍ ସମ୍ବନ୍ଧରେ ବିଶେଷ ତାଲିମ ପ୍ରଦାନ କରାଯାଇଥିଲା । କଦଳୀର ବୃହତ ବଂଶବିସ୍ତାର ଯାହା ସ୍ୱଳ୍ପ ଖର୍ଚ୍ଚ ଏବଂ କୃଷକ ମାନ ଙ୍କୁ ସୁହାଇଲା ଭଳି ଏହି ପଦ୍ଧତି କିପରି କ୍ଷେତ୍ରୀୟ ସ୍ତରରେ ପ୍ରୟୋଗ କରାଯାଇପାରିବ। ତାହାର ବିଭିନ୍ନ ଦିଗ ଉପରେ ଅଖିଳ ଭାରତୀୟ ସଂଯୋଜିତ ଫଳ ଗବେଷଣା ପ୍ରକଳ୍ପର ବୈଜ୍ଞାନିକ ଡା. ସୌଦାମିନୀ ସ୍ୱାଇଁ ଆଲୋଚନା କରିଥିଲେ। ଏହି ଅଭିନବ ଜ୍ଞାନକୌଶଳ ମାଧ୍ୟମରେ ବାରିପଟ ଗଛଛାଇ ତଳେ ଏକ ସୁସ୍ଥ ମା'ଗଛରୁ ୪/୫ ମାସ ମଧ୍ୟରେ ୪୦-୫୦ଟି ଚାରା ଗଛ ସୃଷ୍ଟି କରାଯାଇପାରିବ। ଏହି ଜ୍ଞାନକୌଶଳ ଚାଷୀଙ୍କ ନିକଟକୁ ପହଂଚି ପାରିଲେ ଚାଷୀମାନେ ବହୁଳ ଉପକୃତ ହୋଇପାରିବେ ବୋଲି ଓୟୁଏଟି ଗବେଷଣା ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରସନ୍‌ଜିତ ମିଶ୍ର ତାଲିମବେଳେ ପ୍ରକାଶ କରିଥିଲେ। ଏଥି ସହିତ କଦଳୀ ଚାଷରେ ହେଉଥିବା ରୋଗ ଓ ପୋକ ଉପରେ ମଧ ଅଧିକ ଆଲୋଚନା କରାଯାଇ ଏହାର ଫଳପ୍ରଦ ପରିଚାଳନା କିପରି କରାଯିବ ସେ ସଂପର୍କରେ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫଳ ଗବେଷଣା ପ୍ରକଳ୍ପର ରୋଗ ବିଭାଗର ବୈଜ୍ଞାନିକ ବିପିନ କୁମାର ପ୍ରଧାନ ତାଲିମ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ରେୱା ଜିଲ୍ଲାର କଚ୍ଚା ଘର ଭୁଷୁଡ଼ି ପଡ଼ିବା ଯୋଗୁଁ ଗୋଟିଏ ପରିବାରର ୪ ଜଣଙ୍କ ମୃତ୍ୟୁ

ରେୱା,୦୧/୦୮ (ନି.ପ୍ର): ମଧ୍ୟପ୍ରଦେଶରେ ଏକ ସପ୍ତାହ ଧରି ଜାରି ରହିଥିବା ବର୍ଷା ବର୍ତମାନ ହଇଚଇ ସୃଷ୍ଟି କରିବା ଆରମ୍ଭ କରିଛି । ରବିବାର ସକାଳେ ରେୱା ଜିଲ୍ଲାର ଗାଡ଼ ପୋଲିସ ଷ୍ଟେସନ ଅଧିନରେ ଥିବା ଗୁଚିୟାରୀ ଗ୍ରାମରେ ଏକ କଚ୍ଚାଘର ଭୁଷୁଡ଼ି ପଡ଼ିଥିଲା । ଏହି ଦୁର୍ଘଟଣାରେ ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କର ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ମା-ପୁଅ ଏବଂ ଦୁଇ ନାତୁଣୀ ଅଛନ୍ତି । ଏହି ଦୁର୍ଘଟଣାରେ ଅନ୍ୟ ଦୁଇଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ସେଠାରୁ ବାହାର କରି ଡାକ୍ତରଖାନାରେ ଭର୍ତି କରାଯାଇଛି । ରବିବାର ସକାଳେ ଗୁଚିୟାରୀ ଗାଁର ବାସିନ୍ଦା ମନୋଜ ପାଣ୍ଡେଙ୍କ କଚ୍ଚା ଘର ହଠାତ୍ ଭୁଷୁଡ଼ି ପଡ଼ିଥିଲା । ଏହି କାରଣରୁ ସମଗ୍ର ପରିବାର ଏହା ଭିତରେ ପୋତି ହୋଇଯାଇଥିଲା । ଯେଉଁଥିରେ ମନୋଜ ପାଣ୍ଡେଙ୍କର ଦୁଇ ଝିଅ, ଗୋଟିଏ ପୁଅ, ପତ୍ନୀ ଏବଂ ନିଜେ ମନୋଜ ନିଜେ ଏବଂ ତାଙ୍କ ମା ଅନ୍ତର୍ଭୁକ୍ତ ଥିଲେ । ପୋଲିସ ସୂଚନା ପାଇ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା । ପୋତି ଯାଇଥିବା ଚାରି ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ତଥା ମନଗାଓଁ ଏସଡିଏମ କେ ବି ପାଣ୍ଡେ, ଏସଡ଼ିଓପି ଏସ କେ ନିଗମ ମଧ୍ୟ ଘଟଣାସ୍ଥଳରେ ପହଂଚି ଏ ସମ୍ପର୍କରେ ପଚାରି ବୁଝିଥିଲେ । ରେୱା ଜିଲ୍ଲା ଅଧିକ୍ଷକ ରାକେଶ କୁମାର ସିଂ କହିଛନ୍ତି ଯେ, ପ୍ରବଳ ବର୍ଷା ହେତୁ ହଠାତ୍ କଚ୍ଚା ଘର ଭୁଷୁଡ଼ି ପଡ଼ିଥିଲା, ଏହି କାରଣରୁ ତଳେ ପୋତି ହୋଇ ଚାରି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଆହତ ଅବସ୍ଥାରେ ଉଦ୍ଧାର ହୋଇଥିଲେ । ଆହତ ମାନଙ୍କୁ ନିକଟସ୍ଥ କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଛି । ମୃତକଙ୍କ ନାମ କମେଳି ପାଣ୍ଡେ, ପୁଅ ମନୋଜ (୩୫) ଏବଂ ଦୁଇ ଝିଅ କାଜଲ (୮) ଏବଂ ଆଂଚଲ (୭) ହୋଇଥିବା ବେଳେ ମନୋଜଙ୍କ ପତ୍ନୀ ଏବଂ ଜଣେ ଶିଶୁ ଗୁରୁତର ଆହତ ହୋଇଛନ୍ତି ।

# ବ୍ୟାଙ୍କ ଶାଖା ପରିଚାଳକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ମାଲକାନଗିରି,୦୧/୦୮ (ନି.ପ୍ର): କୁଡୁମୁଲୁଗୁମ୍ମା ସ୍ଥିତ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ର ଶାଖା ପରିଚାଳକ ଯାଦବ କୁମାର ବୈରାଗୀ ଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ସମ୍ବର୍ଦ୍ଧନା ସଭା ରେ ଜୟପୁର ର ଆଂଚଳିକ ପ୍ରବନ୍ଧକ ପୁରୁଷୋତମ ଘଡ଼େଇ,ଆଡଭାନ୍ସ ମ୍ୟାନେଜର ସୁଧିର କୁମାର ମାଦଲା, ଗୋବିନ୍ଦପାଲି ଶାଖା ପରିଚାଳକ ଦୁଲାଲ୍ ବେପାରୀ, କୁଡୁମୁଲୁଗୁମ୍ମା ନୂତନ ଶାଖା ପରିଚାଳକ ସୁଧାଂଶୁ ରଞ୍ଜନ ପାତ୍ର, ବ୍ୟାଙ୍କ କର୍ମଚାରୀ ସଞ୍ଜୀବ କୁମାର ସାହୁ, ସୁବ୍ରତ ମଲ୍ଲିକ ଓ ଯୋଗେଶ୍ୱର ସାହାଣୀ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଶାଖା ପରିଚାଳକ ଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀ ବୈରାଗୀ ଜଣେ ମିଷ୍ଟଭାଷୀ ହେବା ସହିତ ବ୍ୟାଙ୍କ ହିତାଧିକାରୀ ଙ୍କ ସହ ଉତମ ସମ୍ପର୍କ ଓ ବ୍ୟବହାର ଯୋଗୁଁ ଏହି ଅଂଚଳ ରେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ ।

# ଓଡିଆ ଜାଗରଣ ମଂଚର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ

## ଡିଜିଟାଲ ସମୟରେ ଭାଷା ସାହିତ୍ୟର ବିକାଶ ପାଇଁ ଯୁସମାଜ ପ୍ରେରିତ ହେବା ଦରକାର

## ଗାଳ୍ପିକା ବିଜୟ ଲକ୍ଷ୍ମୀଙ୍କୁ ତାଙ୍କର ସାହିତ୍ୟକୃତୀ ପାଇଁ ସମ୍ମାନପତ୍ର ପ୍ରଦାନ

ବାରିପଦା,୦୧/୦୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ଭାଷା ସାହିତ୍ୟ ଅନୁଷ୍ଠାନ ଓଡିଆ ଜାଗରଣ ମଂଚର ବାର୍ଷିକ ସାଧାରଣ ପରିଷଦ ବୈଠକ ଓ ବନ୍ଧୁମିଳନ ଉତ୍ସବ କରୋନା କଟକଣା ଭିତରେ ବାବା ବୁଢାରାଉଳ ମଠ ନିକଟରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି । ମଂଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ଆବାହକତ୍ୱ ଏବଂ ମଂଚର ସଭାପତି ଡଃ ଜଗତବନ୍ଧୁ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ବର୍ଷିୟାନ ସାମ୍ବାଦିକ ତଥା ଗବେଷକ ଡଃ ବିଜୟ କୁମାର ଅଗ୍ରୱାଲା, ମୁଖ୍ୟ ବକ୍ତା ଭାବରେ ସାହିତ୍ୟ ଏକାଡେମୀ ସଦସ୍ୟ ଗାଳ୍ପିକ



ପଦ୍ମନାଭ ସାହୁ, ସମ୍ମାନୀତ ଅତିଥି ଭାବରେ ପୂର୍ବତନ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡାଃ କୈଳାଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ଡିଜିଟାଲ ସମୟ ଓ ପରିସ୍ଥିତିରେ ଭାଷା ସାହିତ୍ୟର ବିକାଶ ପାଇଁ ଯୁସମାଜ ପ୍ରେରୀତ ହେବା ଦରକାର ବୋଲି ନିଜନିଜ ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ଗାଳ୍ପିକା ବିଜୟ ଲକ୍ଷ୍ମୀ ମହାନ୍ତିଙ୍କର ନିକଟ ଅତୀତରେ ପ୍ରକାଶିତ ଗଳ୍ପ ସଂକଳନ ଅଦିନ କୁହୁଡି ପାଇଁ ତାଙ୍କୁ ମଂଚ ପକ୍ଷରୁ ଭଞ୍ଜ ଜ୍ୟୋତି ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଡଃ ଶଶିଧର ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ପ୍ରତିଷ୍ଠାତା ସମ୍ପାଦକ ଶ୍ରୀ ନାୟକ ମଂଚର ଆଗାମୀ କାର୍ଯ୍ୟପନ୍ଥା ତଥା ବହୁବିଧ ଦିଗ ଉପରେ ବିଷଦ ଆଲୋଚନା କରିବା ସହିତ ମଂଚର ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ଜ୍ଞାନରଞ୍ଜନ ତ୍ରିପାଠୀ, ଉଦୟ କୁମାର ଜେନା, ଗୋଲୋକ ମହାନ୍ତି, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ଜ୍ୟୋତ୍ସ୍ନାମଣି ଜେନା, ଗୋପାଳ ଚନ୍ଦ୍ର ସାଓ, ଆଇନଜିବୀ ଅଜୟ କୁମାର ସାମଲ, ବିଜୟ କୁମାର ଦାସ, ରାଧାକାନ୍ତ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିଜନିଜର ମତାମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଂଚର ସଦଶ୍ୟ ଅକ୍ଷୟ କୁମାର ମହାନ୍ତି, ପୀତାମ୍ବର ମଲ୍ଲିକ, ଦୀପକ କୁମାର ନାୟକ, ଶ୍ରୀକାନ୍ତ ରାଉତ, ସଂଜୀବ କୁମାର ସାହୁ, ଦିଲ୍ଲିପ କୁମାର ପାତ୍ର, ରମାକାନ୍ତ ରାଉତ, ଆନନ୍ଦ ପ୍ରଧାନ ପ୍ରମୁଖ ବହୁ ସଦସ୍ୟ ଯୋଗ ଯୋଗଦେଇ ସମସ୍ତ ପ୍ରକାର କାର୍ଯ୍ୟର ସୁପରିଚାଳନା କରିଥିଲେ ।

# ସିଲିଗୁଡ଼ି : ଯାଂଚ ସମୟରେ ପରିତ୍ୟକ୍ତ ବ୍ୟାଗରେ ବିସ୍ଫୋରଣ, କେହି ମୃତାହତ ହୋଇନାହାନ୍ତି

ସିଲିଗୁଡ଼ି,୦୧/୦୮ (ନି.ପ୍ର): ସିଲିଗୁଡ଼ି ଜଂକସନ ସ୍ଥିତ ପୋଲିସ୍ କ୍ୟାମ୍ପ ନିକଟରେ ଏକ ପରିତ୍ୟକ୍ତ ବ୍ୟାଗରୁ ବୋମା ନିରୋଧକ ଦସ୍ତାର ଯାଂଚ ସମୟରେ ବିସ୍ଫୋରଣ ହୋଇଛି । ଏହି ବିସ୍ଫୋରଣ କୌଣସି ମୃତାହତ ହେବାର ଖବର ନଥିବାବେଳେ ପୋଲିସ୍ ମାମଲାର ଯାଂଚ କରୁଛି। ଏହି ଧମାକା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି । ସୂଚନାଯୋଗ୍ୟ କି ରବିବାର ସକାଳେ ସିଲିଗୁଡ଼ି ଷ୍ଟେସନ ପାଖରେ ଥିବା ଯାତାୟତ ପୋଲିସ କ୍ୟାମ୍ପସ ନିକଟରେ ଏକ ଅବ୍ୟବହୃତ ବ୍ୟାଗ ପଡ଼ିଥିବାର ସୂଚନା ମିଳିଥିଲା। ସିଲିଗୁଡ଼ି ଷ୍ଟେସନ ବାହାରେ ସନ୍ଦିଗ୍ଧ ବ୍ୟାଗ ମିଳିବା ପରେ ପୋଲିସ୍ ସେହି ଅଂଚଳକୁ ଘେରାବନ୍ଦୀ କରି ସୁରକ୍ଷା ବଢ଼ାଇ ଦେଇଥିଲା। ଖବରର କିଛି ସମୟ ପରେ ବମ୍ ନିରୋଧକ ଦସ୍ତା ଘଟଣାସ୍ଥଳରେ ପହଂଚିଥିଲା ଏବଂ ଉକ୍ତ ସ୍ଥାନକୁ ସିଲ୍ କରି ଯାଂଚ ଆରମ୍ଭ କରିଥିଲା। କୁହାଯାଉଛି ଯେ ଯେତେବେଳ ବମ୍ ବ୍ୟାଗ୍‌ର ଯାଂଚ କରାଯାଉଥିଲା ସେତେବେଳେ ସେଠାରେ ଧମାକା ହୋଇଥିଲା। ଏହି ଧମାକା ସାମାନ୍ୟ ଥିଲା। ଧମାକା ପରେ ଦମକଳ ପାଣି ଛିଂଚା ଯାଇଥିଲା। କୁହାଯାଉଛି ଯେ ବମ୍ ନିରୋଧକ ଦସ୍ତା ଯାଂଚ ପାଇଁ ଏହି ବିସ୍ଫୋଟ କରାଯାଇଥିଲା। ସେଠାରେ ଯାଂଚ ସମୟରେ ବମ୍ ନିରୋଧକ ଦସ୍ତା ବ୍ୟାଗରେ ପ୍ରେସର କୁକର ଏବଂ କିଛି ଲୁଗାପଟା ମିଳିଥିଲା। ପୋଲିସ୍ ମାମଲାର ଯାଂଚ କରୁଛି। ଏବେ ସରକାରୀ ସ୍ତରରେ କିଛି କୁହାଯାଇ ନାହିଁ।

ବାଲେଶ୍ୱର ସୋମବାର, ୦୨ ଅଗଷ୍ଟ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଗୋଟିଏ ଦିନରେ ୧୪୩୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୧/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୪୩୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୮୭୦୫ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୯୫୬୮୨୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୫୮୫୮ ରହିଛି। ଆଜି ଚିହ୍ନଟ ହୋଇଥିବା ୧୪୩୭ ଜଣଙ୍କ ମଧ୍ୟରୁ ୮୩୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୦୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୦୯ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୬୪ ଜଣ, ବରଗଡ଼ରୁ ୮ ଜଣ, ଭଦ୍ରକରୁ ୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୨, କଟକରୁ ୧୯୦, ଦେବଗଡ ଜିଲ୍ଲାରୁ ୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୧ ଜଣ, ଗଜପତି ଜିଲ୍ଲାରୁ ୩, ଗଞ୍ଜାମରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୮୬ ଜଣ, ଯାଜପୁରରୁ ୬୬ ଜଣ, ଝାରସୁଗୁଡ଼ାରୁ ୫ ଜଣ, କଳାହାଣ୍ଡିରୁ ୬ ଜଣ, କନ୍ଧମାଳ ଜିଲ୍ଲାରୁ ୧୪ ଜଣ. କେନ୍ଦ୍ରାପଡ଼ାରୁ ୪୧ ଜଣ, କେନ୍ଦୁଝରରୁ ୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୦୯ଜଣ, କୋରାପୁଟରୁ ୫ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# କଳାବ୍ୟାଜ ପିନ୍ଧି ଭେଷଜ ପ୍ରୟୋଗଶାଳା ପ୍ରଯୁକ୍ତିକ ସଂଘର ପ୍ରତିବାଦ

ବାଲେଶ୍ୱର,୦୧/୦୮ (ନି.ପ୍ର): ନିଯୁକ୍ତି କ୍ୟାଡର ରୁଲ୍ର ପରିବର୍ତ୍ତନ ଦାବିରେ ଓଡିଶା ଭେଷଜ ପ୍ରୟୋଗଶାଳା ପ୍ରଯୁକ୍ତିକ ସଂଘ ପକ୍ଷରୁ ସମଗ୍ର ରାଜ୍ୟରେ ବିରୋଧ ପ୍ରଦର୍ଶନ କରାଯାଇଥିବା ବେଳେ ବାଲେଶ୍ୱରରେ ମଧ ଅନୁରୂପ ପ୍ରତିଫଳନ ଦେଖିବାକୁ ମିଳିଛି । ଫକୀରମୋହନ ମେଡିକାଲ କଲେଜ ହସପିଟାଲ ତଥା ଜିଲା ମୁଖ୍ୟ ଚିକିତ୍ସାଳୟରେ ଲ୍ୟାବ ଟେକ୍ନିସିଆନମାନେ ରବିବାର କଳାବ୍ୟାଜ ପରିଧାନ ପୂର୍ବକ ସରକାରୀ ଉଦାସୀନତା ବିରୋଧରେ ପ୍ରତିବାଦ ଜଣାଇଥିଲେ। ଲ୍ୟାବୋରେଟୋରୀ ଟେକ୍ନିସିଆନମାନଙ୍କୁ କେନ୍ଦ୍ର ସରକାରଙ୍କ ସମେତ ଦିଲୀ ଓ ପଶ୍ଚିମବଙ୍ଗ ଭଳି ଟେକ୍ନୋଲୋଜିଷ୍ଟ୍‌କୁ ପଦୋନ୍ନତି ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଥିବା ସଂଘର କର୍ମକର୍ତ୍ତାମାନେ କହିଛନ୍ତି। ସେହିପରି ପ୍ରତ୍ୟେକ ଜିଲା ହସପିଟାଲ, ମେଡିକାଲ କଲେଜ ଓ ରକ୍ତ ଭଣ୍ଡାରରେ ଟେକ୍ନିକାଲ ଅଫିସର ଓ ଚିଫ୍ ଟେକ୍ନିକାଲ ଅଫିସର ପଦବୀ ସୃଷ୍ଟି ପାଇଁ ହେଉଥିବା ଦାବିକୁ ମଧ ରାଜ୍ୟ ସରକାର କର୍ଣ୍ଣପାତ କରୁନଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଡିଏମଏଲଟି କାଉନସିଲରେ ପଞ୍ଜିକୃତ ହୋଇନଥିବା ଟେକ୍ନିସିଆନମାନଙ୍କୁ କ୍ୟାଡରରୁ ବାଦ ଦେବା, କଣ୍ଟ୍ରାକ୍ଟୁଆଲ ଅବଧିକୁ ପଦନ୍ନୋତି ଓ ଆରଏସିପି ଅଥବା ଏମଏସିପି ପାଇଁ ଗଣନା କରିବା, ସମସ୍ତ ବରିଷ୍ଠ ଲ୍ୟାବୋରେଟୋରୀ ଟେକ୍ନିସିଆନମାନଙ୍କୁ ବାଧ୍ୟତାମୂଳକ ବ୍ଲଡ କମ୍ପୋନେଂଟ ପ୍ରଶିକ୍ଷଣ ପ୍ରଦାନ କରିବା ପ୍ରଭୃତି ସମ୍ପର୍କରେ ସଂଘର କର୍ମକର୍ତ୍ତାମାନେ ଦାବି ଜଣାଇଛନ୍ତି । ବାଲେଶ୍ୱର ଜିଲା ଟେକ୍ନିସିଆନ ସଂଘର ସାଧାରଣ ସମ୍ପାଦକ କରୁଣାକର ମହଲା, ଫକୀରମୋହନ ମେଡିକାଲ କଲେଜ ହସପିଟାଲ ଶାଖାର ସଭାପତି ମାନସ ରଞ୍ଜନ ଜେନା, ସାଧାରଣ ସମ୍ପାଦକ ସର୍ବଜିତ ପାତ୍ର, ଯୁଗ୍ମ ସମ୍ପାଦକ ସିଦ୍ଧାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ଲମ୍ବୋଦର ଜେଟି ପ୍ରମୁଖଙ୍କ ସମେତ ୫୨ଜଣ ଲ୍ୟାବ ଟେକ୍ନିସିଆନ ପ୍ରତିବାଦ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଅଙ୍ଗନବାଡିକେନ୍ଦ୍ର ତାଲାଭାଙ୍ଗି ଚୋରି

ବାଲିଆପାଳ,୦୧/୦୮ (ନି.ପ୍ର): ବାଲିଆପାଳଥାନା ଅନ୍ତର୍ଗତ ହାସିମପୁର ଅଙ୍ଗନବାଡି ସେଣ୍ଟରରେ ତାଲା ଭାଙ୍ଗି ଶନିବାର ଚୋରି ହୋଇଯାଇଥିବା ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଅଭିଯୋଗ ମୁତାବକ ହାସିମପୁର ଅଙ୍ଗନବାଡି କେନ୍ଦ୍ରର କର୍ମୀ ପୁଷ୍ପାରାଣୀ ମିଶ୍ର ଶନିବାର ସଂନ୍ଧ୍ୟାରେ କେନ୍ଦ୍ର ଭିତରେ ଅଣ୍ଡା ପେଟି ରଖି ତାଲାବନ୍ଦକରି ଘରକୁ ଆସିଥିଲେ ।ତେବେ ଆଜି ସକାଳେ କେନ୍ଦ୍ରର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିଲା । କେନ୍ଦ୍ର ଭିତରେ ଥିବା ଗ୍ୟାସ ଟାଙ୍କି, ରୋଷେଇ ସାମଗ୍ରୀ, ପିଲାଙ୍କ ବାସନ କୋସନ, ଅଣ୍ଡା ଛତୁଆ ପ୍ରଭୃତି ଚୋରି ହୋଇଥିବା ଦେଖିବାକୁ ମିଳିଥିଲା । ଏନେଇ କର୍ମୀ ପୁଷ୍ପାରାଣି ମିଶ୍ର ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ବାଲିଆପାଳ ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛି ।

## ଅରୁଣାଚଳ ପ୍ରଦେଶରେ ଭୂମିକମ୍ପ : ତୀବ୍ରତା ୩.୬

ଇଟାନଗର,୦୧/୦୮ (ନି.ପ୍ର): ଅରୁଣାଚଳ ପ୍ରଦେଶର ରାଜଧାନୀ ଇଟାନଗରରେ ରବିବାର ଦିନ ସକାଳେ ଭାରତୀୟ ସମୟ ୬ଟା ୫୬ ମିନିଟ୍ ୩୩ ସେକେଣ୍ଡରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୬ ଥିଲା । ଏଥିରେ କୌଣସି କ୍ଷୟକ୍ଷତି ହୋଇଥିବା ଖବର ମିଳିନାହିଁ । ଭୂମିକମ୍ପ ଝଟକା ଅନୁଭୂତ ହେବା ସମୟରେ ସମସ୍ତ ଲୋକ ଘରୁ ବାହାରକୁ ବାହାରି ଆସିଥିଲେ । ସିସମୋଲୋଜି ସାଇନ୍ସ ଅନୁଯାୟୀ, ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କି.ମି. ଦୂରରେ ଅରୁଣାଚଳ ପ୍ରଦେଶର ରାରଜଧାନୀ ଇଟାନଗରଠାରୁ ୭୯ କିଲୋମିଟର ଦୂରରେ ଅବସ୍ଥିତ ।

# ପାଇଲଟ୍ ପ୍ରୋଜେକ୍ଟ-ପଢନା ଲିଖନା ଅଭିଯାନ

ନୂଆପଡା,୦୧/୦୮ (ନି.ପ୍ର): କେନ୍ଦ୍ର ସରକାର ନୂଆପଡା ଜିଲ୍ଲାର ନିରକ୍ଷରମାନଙ୍କୁ ସାକ୍ଷର କରି ସ୍ୱାବଲମ୍ବୀ କରିବା ପାଇଁ ଆରମ୍ଭ କରିଛନ୍ତି ପାଇଲଟ୍ ପ୍ରୋଜେକ୍ଟ-ପଢନା ଲିଖନା ଅଭିଯାନ । ଜିଲ୍ଲାର ୧୫ ବର୍ଷରୁ ଉର୍ଦ୍ଧ୍ୱ ନିରକ୍ଷରମାନେ ସାକ୍ଷର ହୋଇ ବିଭିନ୍ନ ତାଲିମ ନେଇ ଆତ୍ମନିର୍ଭର ହେବେ । ନୂଆପଡା ଜିଲ୍ଲାରେ ଥିବା ନିରକ୍ଷରମାନଙ୍କୁ ସାକ୍ଷର କରି ଆତ୍ମନିର୍ଭର କରିବା ପାଇଁ ଆରମ୍ଭ କରିଛନ୍ତି ପାଇଲଟ୍ ପ୍ରୋଜେକ୍ଟ ପଢନା ଲିଖନା ଅଭିଯାନ । ଏହି ଅଭିଯାନରେ ସାମିଲ ହୋଇଛନ୍ତି ଜିଲ୍ଲାର ୧୫ ବର୍ଷରୁ ଉର୍ଦ୍ଧ୍ୱ ୪୯୨୮୯ ଜଣ ନିରକ୍ଷର । କୋମନା ବ୍ଲକରେ ୩୩୪୯ ପୁରୁଷ,୭୦୪୮ ମହିଳା ସର୍ବମୋଟ ୧୦୩୯୩ ଜଣ, ଖଡିଆଳ ବ୍ଲକରେ ୩୬୩୮ ପୁରୁଷ, ୬୬୫୯ ମହିଳା ସର୍ବମୋଟ ୧୦୨୯୭ ଜଣ, ବୋଡେନ ବ୍ଲକରେ ୩୮୫୩ ପୁରୁଷ ୪୭୬୬ ମହିଳା ସର୍ବମୋଟ୍ ୮୬୧୯ ଜଣ, ସିନାପାଲି ବ୍ଲକରେ ୪୨୮୫ ପୁରୁଷ ୭୯୭୫ ମହିଳା ସର୍ବମୋଟ୍ ୧୨୨୬୦ ଜଣ ଏବଂ ନୂଆପଡା ବ୍ଲକରେ ୨୫୭୩ ପୁରୁଷ ୫୧୪୩ ମହିଳା ସର୍ବମୋଟ୍ ୭୭୧୬ ଜଣଙ୍କୁ ଚିହ୍ନଟ କରାଯାଇଛି । ଜିଲ୍ଲାରେ ୧୭୬୯୮ପୁରୁଷ ୩୧୫୯୧ ମହିଳା ସର୍ବମୋଟ୍ ୪୯୨୮୯ ଜଣ ନିରକ୍ଷର ଅଛନ୍ତି । ଶନିବାର ଦିନ ନୂଆପଡା ଜିଲ୍ଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ନିରକ୍ଷରମାନଙ୍କର ପ୍ରଥମ ପରୀକ୍ଷା ହୋଇଥିଲା । ଏମାନଙ୍କୁ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନ ତରଫରୁ ସାର୍ଟିଫିକେଟ୍ ଦିଆଯିବ । ଯେଉଁମାନେ ଉଚ୍ଚ ଶିକ୍ଷା ପାଇଁ ଆବେଦନ କରିବେ ସେମାନଙ୍କୁ ଉଚ୍ଚ ଶିକ୍ଷାର ବ୍ୟବସ୍ଥା କରିବା ସହ ଆଗ୍ରହୀମାନଙ୍କୁ ବିଭିନ୍ନ ପ୍ରକାର ତାଲିମର ବ୍ୟବସ୍ଥା କରାଯିବ । ଯାହାଦ୍ୱାରା ସେମାନେ ଆତ୍ମନିର୍ଭର ହୋଇ ପାରିବେ । ଶନିବାର ଦିନ ପାଇଲଟ୍ ପ୍ରୋଜେକ୍ଟ-ପଢନା ଲିଖନା ଅଭିଯାନର ପରୀକ୍ଷା ଅନୁଧ୍ୟାନ କରିବା ପାଇଁ ଶ୍ରୀମତୀ ଅନୁରାଧା ସେନାପତି ଯୁଗ୍ମ ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ଚିତରଞ୍ଜନ ପାଣିଗ୍ରାହୀ ଡେପ୍ୟୁଟି ଡାଇରେକ୍ଟର, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତଥା ନୂଆପଡା ଜିଲ୍ଲା ନୋଡାଲ ଅଫିସର, ରମେଶ କୁମାର ସେଠୀ ଜିଲ୍ଲା ଶିକ୍ଷା ଅଧିକାରୀ, ସୁଧାଂଶୁ ଶେଖର ମିଶ୍ର ଏଡିଇଓ, ହେମସାଗର ମହାନନ୍ଦ ବିଇଓ ନୂଆପଡା, ସରୋଜ କୁମାର ବେହେରା ବିଇଓ କୋମନା, ଜ୍ୟୋତିରଞ୍ଜନ ପଣ୍ଡା ଏବିଇଓ କୋମନା, ଉତ୍କଳମଣୀ ଅଗସ୍ତୀ ଏବିଇଓ ନୂଆପଡା ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ ।

# ଗୃହମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଭୂମି ପୂଜନ କରି ବିନ୍ଧ୍ୟ କରିଡ଼ରର ଶିଳାନ୍ୟାସ କଲେ

ମିରଜାପୁର,୦୧/୦୮ (ନି.ପ୍ର): ବହୁ ପ୍ରତିକ୍ଷିତ ବିନ୍ଧ୍ୟ କରିଡ଼ରର ଶିଳାନ୍ୟାସ କରି ଶ୍ରାବଣର ଦ୍ୱିତୀୟ ରବିବାର ଇତିହାସ ପୃଷ୍ଠାରେ ରେକର୍ଡ଼ କରାଯାଇଛି । ଗୃହମନ୍ତ୍ରୀ ଅମିତ ଶାହା ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବିନ୍ଧ୍ୟ କରିଡ଼ରର ମୂଳଦୂଆ ପକାଇ ରୋପୱେରେ ଉଦ୍‌ଘାଟନ କରିଥିଲେ ଏବଂ ବିନ୍ଧ୍ୟ ଅଂଚଳକୁ ୧୪୪ କୋଟି ଟଙ୍କା ମୂଲ୍ୟର ଏକ ପ୍ରକଳ୍ପର ଉପସ୍ଥାପନ କରିଥିଲେ । ବହୁ ପରିଶ୍ରମ ପରେ ଶେଷରେ ବିନ୍ଧ୍ୟ କରିଡ଼ରର ଆକାର ସ୍ଥିର ହେଲା । ଗୃହମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ୩ ଟା ସମୟରେ ହେଲିପ୍ୟାଡ଼ ସ୍ଥାନରେ ଦେଓରୀରେ ପହଂଚି ରାସ୍ତାରେ ସିଧା ବିନ୍ଧ୍ୟଭାସିନୀ ମନ୍ଦିର ଆଡ଼କୁ ଯାଇଥିଲେ । ୩ ଟା ୧୦ରେ ମନ୍ଦିରରେ ପହଂଚି ବିନ୍ଧ୍ୟବାସିନୀଙ୍କୁ ଦର୍ଶନ ଓ ପୂଜା କରିଥିଲେ । ଏହା ପରେ ୩.୧୫ରେ ଜର୍ମାନ ହଙ୍ଗର ପାଣ୍ଡାଲ ମଝିରେ ଭୂମି ପୂଜା କରି ବିନ୍ଧ୍ୟ କରିଡ଼ରର ମୂଳଦୁଆ ପକାଯାଇଥିଲା । କାଶୀ ବିଶ୍ୱନାଥ ମନ୍ଦିରରୁ ତିନିଜଣ ଏବଂ ବିନ୍ଧ୍ୟାଂଚଳରୁ ଦୁଇ ଜଣ ଶିକ୍ଷିତ ପଣ୍ଡିତ ମନ୍ତ୍ରୋଚାରଣ କରି ଭୂମି ପୂଜନ କରିଥିଲେ । ଭୂମି ପୂଜନ ପରେ ୩.୧୫ରେ ଗୃହମନ୍ତ୍ରୀ ଅମିତ ଶାହା ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସାଧାରଣ ସଭା ସ୍ଥଳ ମହୁଭାରିଆକୁ ଚାଲିଯାଇଥିଲେ ।

# ୨୪ ଘଂଟାରେ ୧୭୭୩ ସୁସ୍ଥ

ଭୁବନେଶ୍ୱର,୦୧/୦୮ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣରୁ ରବିବାର ଆଉ ୧୭୭୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୯ ଲକ୍ଷ ୫୮ ହଜାର ୬୦୧ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୫୨୦ ଜଣ ଓ କଟକ ଜିଲ୍ଲାରୁ ୨୦୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଅନୁଗୁଳରୁ ୯୮, ବାଲେଶ୍ୱରରୁ ୯୭, ଯାଜପୁରରୁ ୮୬, କେନ୍ଦ୍ରାପଡ଼ାରୁ ୮୩, ଜଗତସିଂହପୁରରୁ ୮୧, ଢେଙ୍କାନାଳରୁ ୬୫, ନୟାଗଡ଼ରୁ ୬୧, ମୟୂରଭଂଜରୁ ୫୫ ଓ ପୁରୀରୁ ୫୧ ଜଣ ସୁସ୍ଥ ହୋଇଛନ୍ତି । ସେହିଭଳି ଭଦ୍ରକ, ସୁନ୍ଦରଗଡ଼ରୁ ୪୭ ଜଣ ଲେଖାଏଁ, କନ୍ଧମାଳରୁ ୨୫, ସମ୍ବଲପୁରରୁ ୨୩, ବରଗଡ଼ରୁ ୧୭, ମାଲକାନଗିରିରୁ ୧୩, ଗଂଜାମରୁ ୧୨, କୋରାପୁଟରୁ ୧୧, କେନ୍ଦୁଝରରୁ ୯, ଗଜପତି, ରାୟଗଡ଼ାରୁ ୮ଜଣ ଲେଖାଏଁ , ବୌଦ୍ଧରୁ ୭, ଦେବଗଡ଼, କଳାହାଣ୍ଡି, ସୁବର୍ଣ୍ଣପୁରରୁ ୬ ଜଣ ଲେଖାଏଁ, ବଲାଙ୍ଗୀର, ଝାରସୁଗୁଡ଼ାରୁ ୫ଜଣ ଲେଖାଏଁ , ନବରଂଗପୁରରୁ ୪ ଓ ରାଜ୍ୟପୁଲରୁ ୧୦୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

# ଆଜିଠୁ ୫ ଦିବସୀୟ ତାମିଲନାଡୁ ଗସ୍ତରେ ରାଷ୍ଟ୍ରପତି କୋବିନ୍ଦ

ନୂଆଦିଲ୍ଲୀ,୦୧/୦୮ (ନି.ପ୍ର): ରାଷ୍ଟ୍ରପତି ରାମନାଥ କୋବିନ୍ଦ ସୋମବାର ଠାରୁ ୫ ଦିବସୀୟ ତାମିଲନାଡୁ ଗସ୍ତରେ ଯିବେ । ଏହି ଗସ୍ତ କାଳରେ ରାଷ୍ଟ୍ରପତି ମଦ୍ରାସ ବିଧାନସଭାର ଶତାବ୍ଦୀ ସମାରୋହକୁ ସମ୍ବୋଧିତ କରିବେ ଏବଂ ଦ୍ରବିଡ଼ ମୁନେତ୍ର କଡ଼ଗମ (ଡିଏମକେ) ନେତା ଏବଂ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ. କରୁଣାନିଧିଙ୍କ ପ୍ରତିମୂର୍ତି ଉନ୍ମୋଚନ କରିବା ସହିତ ଅନ୍ୟ କେତେକ କାର୍ଯ୍ୟକ୍ରମରେ ଯୋଗଦେବେ । ରାଷ୍ଟ୍ରପତି କାର୍ଯ୍ୟାଳୟ ସୂତ୍ରରୁ ପ୍ରାପ୍ତ ସୂଚନା ମୁତାବକ, ରାଷ୍ଟ୍ରପତି କୋବିନ୍ଦ ଅଗଷ୍ଟ ୨ ରୁ ୬ ତାରିଖ ପର୍ଯ୍ୟନ୍ତ ତାମିଲନାଡୁ ଗସ୍ତରେ ରହିବେ । ସେ ୨ ତାରିଖରେ ଚେନ୍ନାଇରେ ମଦ୍ରାସ ବିଧାନସଭାର ୧୦୦ ତମ ବର୍ଷ ସ୍ମରଣଉତ୍ସବକୁ ସମ୍ବୋଧିତ କରିବେ ଏବଂ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ. କରୁଣାନିଧିଙ୍କ ପ୍ରତିମୂର୍ତି ଉନ୍ମୋଚନ କରିବେ । ୧୯୨୧ ରେ ମଦ୍ରାସ ବିଧାନସଭାର ପ୍ରତିଷ୍ଠା ହୋଇଥିଲା । ବର୍ତମାନ ଏହା ତାମିଲନାଡୁ ବିଧାନସଭା ନାମରେ ଜଣାଯାଏ । ସେହିପରି ଅଗଷ୍ଟ ୪ ତାରିଖରେ ୱେଲିଙ୍ଗଟନରେ ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜ ଗସ୍ତ କରିବେ ଏବଂ ୭୭ତମ ଷ୍ଟାଫ୍ କୋର୍ସର ଛାତ୍ର ଅଧିକାରୀ ମାନଙ୍କୁ ସମ୍ବୋଧିତ କରିବେ । ଏଠାରେ ଉଲ୍ଲେଖଯୋଗ୍ୟ, ଏମକେ ଷ୍ଟାଲିନ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଗତ ଜୁଲାଇ ୧୯ ରେ ଦ୍ୱିତୀୟ ଥର ପାଇଁ ନୂଆଦିଲ୍ଲୀ ଗସ୍ତ କରି ରାଷ୍ଟ୍ରପତି କୋବିନ୍ଦଙ୍କୁ ଭେଟିବା ସହ ତାଙ୍କୁ ମଦ୍ରାସ ବିଧାନସଭାର ଶତାବ୍ଦୀ ସମାରୋହରେ ସାମିଲ୍ ହେବାକୁ ନିମନ୍ତ୍ରଣ କରିଥିଲେ ଏବଂ ଡିଏମକେ ନେତା ଏମ୍. କରୁଣାନିଧିଙ୍କ ପ୍ରତିମୂର୍ତି ଉନ୍ମୋଚନ ପାଇଁ ଅନୁରୋଧ କରିଥିଲେ । ରାଷ୍ଟ୍ରପତି କୋବିନ୍ଦ ଏହା ପୂର୍ବରୁ ମାର୍ଚ୍ଚ ମାସରେ ତାମିଲନାଡୁ ଗସ୍ତ କରିଥିଲେ ।

# ପୋଲିସ -ମାଓବାଦୀ ଗୁଳି ବିନିମୟ : ଜଣେ ମାଓବାଦୀ ନିହତ

ଭଦ୍ରଦ୍ରି କୋଠାଗୁଡେମ,୦୧/୦୮ (ନି.ପ୍ର): ତେଲେଙ୍ଗାନାର ଭଦ୍ରଦ୍ରି ଜିଲ୍ଲାର ଚେରଲା ମଣ୍ଡଳ ଅନ୍ତର୍ଗତ କୁର୍ନାପଲ୍ଲୀ ଏବଂ ଭୋଦାନେଲ୍ଲୀ ମଧରେ ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧରେ ସଂଘର୍ଷରେ ଜଣେ ମାଓବାଦୀ ନିହତ ହୋଇଛି । ରବିବାର ଜିଲ୍ଲା ପୋଲିସ ଅଧିକ୍ଷକ ସୁନିଲ ଦତ ଏନେଇ ସୂଚନା ଦେଇ କହିଛନ୍ତି ଯେ, ପୋଲିସ ଓ ଗ୍ରେହାଉଣ୍ଡର ସ୍ୱତନ୍ତ୍ର ପୋଲିସର ଏହି ଅଭିଯାନ ବେଳେ ମାଓବାଦୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ । ପୋଲିସର ପାଲଟା ଗୁଳିଚାଳନାରେ ଜଣେ ମାଓବାଦୀ ନିହତ ହୋଇଛି । ମୃତ ମାଓବାଦୀର ଶବ ଚିହ୍ନଟ ପ୍ରକ୍ରିୟା ଜାରୀ ରହିଛି । ମୃତ ମାଓବାଦୀର ଶବ ନିକଟରୁ ଏକ ୩୦୩ ରାଇଫଲ ଜବତ ହୋଇଛି । ସମ୍ପୃକ୍ତ ଅଂଚଳରେ ପୋଲିସ ପକ୍ଷରୁ ତଲାସୀ ଅଭିଯାନ ଜାରୀ ରହିଛି । ଏନେଇ ଅଧିକ ସୂଚନା ଦେଇ ପୋଲିସ ଅଧିକ୍ଷକ ଶ୍ରୀ ଦତ କହିଥିଲେ ଯେ, କେତେକ ବରିଷ୍ଠ ମାଓବାଦୀ ନେତା ଏହି ଏରିଆ କମିଟି ବୈଠକରେ ସାମିଲ୍ ହେବା ନେଇ ପୂର୍ବାନୁମାନ ପରେ ପୋଲିସ ପକ୍ଷରୁ ଜଙ୍ଗଲରେ ସର୍ଚ୍ଚ ଅଭିଯାନ ଆରମ୍ଭ ହୋଇଥିଲା ।

# ସାଇ ସାଧନା କଲେଜର +୨ ବିଜ୍ଞାନ ପରୀକ୍ଷାରେ ଅପୂର୍ବ ସଫଳତା



ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି । ଯୁକ୍ତ ଦୁଇ ସହ ମେଡିକାଲ ଓ ଇଂଜିନିୟରିଂ କୋଚିଂ ଦେଉଥିବା ଉଦଳାସ୍ଥ ସାଇ ସାଧନା ବିଜ୍ଞାନ କଲେଜ ପୂର୍ବ ବର୍ଷ ପରି ଏଥର ମଧ୍ୟ ଶତପ୍ରତିଶତ ଉତ୍ତୀର୍ଣ୍ଣ ହାରର ସଫଳତା ଜାରି ରଖିଛି । କଲେଜର ସମସ୍ତ ୧୦୬ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି । ସେଥି ମଧ୍ୟରୁ ୬୬ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ କରିଥିବା ବେଳେ ୪୦ ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ ପାସ କରିଛନ୍ତି । ୧୨ ଜଣ ଛାତ୍ରଛାତ୍ରୀ ୫୦୦ ନମ୍ବରରୁ ଅଧିକ ରଖି ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି । ସେହିପରି ୪୫୦ ନମ୍ବରରୁ ଅଧିକ ରଖି ୧୮ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ମ୍ୟାଟ୍ରିକ ପରୀକ୍ଷାରେର କମ୍ ନମ୍ବର ରଖି ଏଠାରେ ପାଠ ପଢ଼ିଥିବା ଛାତ୍ରଛାତ୍ରୀ +୨ ବିଜ୍ଞାନ ପରୀକ୍ଷାରେ ଅଧିକ ନମ୍ବର ରଖି ସଫଳତା ହାସଲ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ସମଗ୍ର କପ୍ତିପଦା ଜୋନରେ ଏହି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଧିକ ନମ୍ବର ରଖିଥିବା ଜଣାଯାଇଛି । ତେଣୁ ଅନୁଷ୍ଠାନର ଚେୟାରମ୍ୟାନ୍ ଶ୍ରୀଯୁକ୍ତ ବିନ୍ଧାଣୀ, ଏକାଡେମିକ ଡାଇରେକ୍ଟର ପ୍ରଫେସର ଅନାଦି ଚରଣ ଗାଁଣ, ଅଧକ୍ଷ ଶ୍ରୀ ପ୍ରିୟବ୍ରତ ବେହେରା ଓ ଅଧାପକ ଅଧାପିକାଙ୍କର ନିରବଚ୍ଛିନ୍ନ ତଦାରଖ ଫଳରେ ଛାତ୍ରଛାତ୍ରୀଗଣ ଅଧୟନ କରି ସଫଳତା ଲାଭ କରିଛନ୍ତି । ଅନୁଷ୍ଠାନର ସଂପାଦକ ଶ୍ରୀ ସୁକାନ୍ତ କୁମାର ବିନ୍ଧାଣୀ, କୋଷାଧକ୍ଷ ଶ୍ରୀ ସୁରେନ୍ଦ୍ର ନାଥ ପରିଚ୍ଛା, ଛାତ୍ର ମଙ୍ଗଳ ଅଧିକାରୀ ଇଂ. ପ୍ରଭାତ କୁମାର ସାହୁ, ପରିଚାଳନା କମିଟିର ସଦସ୍ୟା ଶ୍ରୀମତୀ ପ୍ରଭାଶିନୀ ବିନ୍ଧାଣୀ ଓ ମମତା ପରିଚ୍ଛା ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି ।

OUR CHSE TOPPER-2021

+2Sc.ADMISSION GOING ON-2021



ANMESH MOHANTY
541(90.2%)

STUDENTS SCORD 80% ABOVE


Itishree Nayak 538(89.7%)


Monalisa Kar 519 (86.5%)


Ashok kumar Sahu 517(86.2%)


Nihar Ranjan Naik 512(85.3%)


Debalina Mishra 508(84.7%)


Debasish Biswal 503(83.8%)


Bhagyashree Behera 484(81.2%)

STUDENTS SCORD 75% ABOVE


Ashok Behera 477(79.5%)


Lizarani Behera 476(79.3%)


Dibyaprakash Giri 475(79.2%)


Deepanjali Mohapatra 473(78.8%)


Sabita Patra 463(77.2%)


Satyabrata Giri 471(78.5%)


Subham Sardar 451(75.2%)

Total 76 number of students have scored more marks in CHSE than HSC.
Contact No: 9437294587, 9437443950, 9937557158, 9438232419, 9438317887
SAI SADHANA GROUP OF INSTITUTIONS
Dibyasingpur, Udala, Mayurbhanj

# କୋଭିଡ଼ ନିୟମ ଅନୁପାଳନ ଲାଗି ଏସ୍‌ପିଙ୍କ ଅପିଲ

ପୁରୀ,୦୧/୦୮ (ନି.ପ୍ର): ବୃହତର ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲାବାସୀ କୋଭିଡ଼ ନିୟମ ପାଳନ କରିବାକୁ ଏସ୍‌ପି କନୱାର ବିଶାଳ ସିଂ ଜିଲ୍ଲାର ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ରାଜ୍ୟସରକାରଙ୍କ ପକ୍ଷରୁ ନୂତନ କୋଭିଡ଼ ଗାଇଡ୍‌ଲାଇନ୍ ଜାରୀ କରାଯିବାପରେ ତାହାକୁ ଜିଲ୍ଲାରେ କଡ଼ାକଡ଼ିଭାବେ ପାଳନ କରିବାକୁ ଜିଲ୍ଲାପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲ୍ଲା ପୁଲିସ ପକ୍ଷରୁ ଇତି ମଧ୍ୟରେ ୧୫ ଟି ହଟ୍‌ସ୍ପଟ ଚିହ୍ନଟ କରାଯାଇଛି। ବେଳାଭୂମୀ, ବସ୍‌ଷ୍ଟାଣ୍ଡ ଓ ମଲ୍ ଭଳି ଜନ ଗହଳି ପୂର୍ଣ୍ଣସ୍ଥାନରେ କୋଭିଡ଼ ନିୟମ ପାଳନ ଲାଗି ପୁଲିସ ପ୍ରାଥମିକତା ଦେବ ବୋଲି ଏସ୍‌ପି ଶ୍ରୀସିଂ କହିଛନ୍ତି। କୋଭିଡ଼ ନିୟମ ଅନୁପାଳନ ଲାଗି ଜିଲ୍ଲା ପୁଲିସ ପକ୍ଷରୁ ତିନି ସୂତ୍ରୀ ଯୋଜନା ହାତକୁ ନିଆଯାଇଛି। ଲୋକମାନଙ୍କୁ ସଚେତନ କରିବା, ମଲ୍ ମାଲିକ ଓ ଷ୍ଟେକ୍‌ହୋଲଡ଼ରମାନଙ୍କୁ କୋଭିଡ଼ ନିୟମ କଡ଼ାକଡ଼ି ପାଳନ କରିବାକୁ ପ୍ରବର୍ତାଇବା ଏବଂ ଆଇନ୍ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଠୋର ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାର ସମସ୍ତ ଥାନା ଭାରାପ୍ରାପ୍ତ ଅଧିକାରୀ ଓ ଏସଡ଼ିପିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସାପ୍ତାହିକ ସଟ୍ ଡ଼ାଉନ୍ ନିୟମର କଡ଼ାକଡ଼ି ଅନୁପାଳନ ଲାଗି ମଧ ନିର୍ଦ୍ଦେଶନାମାରେ କୁହାଯାଇଥିବା ଏସ୍ ପି କହିଛନ୍ତି।

# ହଳଦୀପଦା ରାଜପଥ ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଉଦ୍ଧାର



ବସ୍ତା,୦୧/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଷାଠିଏ ନଂ ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ ହଳଦୀପଦା ବାଇପାସ ନିକଟରେ ପୋଲିସ ରବିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି । ମୃତକଙ୍କ ପରିଚୟ ଜଣାପଡ଼ିନାହିଁ । ସ୍ଥାନୀୟ ଲୋକେ ରାଜପଥ ପାର୍ଶ୍ୱରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି । ଏ ସଂକ୍ରାନ୍ତରେ ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଏହା ଏକ ହତ୍ୟାକାଣ୍ଡ ବୋଲି ସାଧାରଣରେ ଅଭିଯୋଗ ହୋଇଥିବା ବେଳେ ପୋଷ୍ଟମଟମ ରିପୋଟ ଆସିବା ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ ।

## ଅବକାରୀ ଚଡାଉ : ୩ ଗିରଫ

ପୁରୀ,୦୧/୦୮ (ନି.ପ୍ର): ଅବକାରୀ ବିଭାଗ ପକ୍ଷରୁ ପୃଥକ ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଓ ବିଅର ଜବତ କରାଯାଇଛି। ଏହି ଚୋରାମାଦକ ଦ୍ରବ୍ୟ କାରବାରରେ ସମ୍ପୃକ୍ତ ତିନି ଜଣଙ୍କୁ ଗିରଫ କରାଯାଇ ସେମାନଙ୍କ ବିରୁଦ୍ଧରେ ୩ ଗୋଟି ପୃଥକ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନପୁରଥାନା ଅନ୍ତର୍ଗତ କେତକୀପାଟଣାର ଦେବବ୍ରତ ରାଉତରାୟ (୩୪), ବାସୁଦେଇପୁରର ଜମେଶ୍ୱର ସେନାପତି(୨୯) ଓ ଦାମଦୋରପୁରର ପ୍ରଭାକର ମହାନ୍ତି(୩୮)। ପୁରୀ ଅବକାରୀଥାନା ଭାରାପ୍ରାପ୍ତ ଅଧିକାରୀ ବିନୋଦ ବାସ୍କେଙ୍କ ନେତୃତ୍ୱରେ କେତକୀପାଟଣାରେ ଚଢାଉବେଳେ ୪.୮୦୦ଲିଟର ଦେଶୀମଦ ଜବତ କରାଯାଇ ଦେବବ୍ରତଙ୍କୁ ଗିରଫ କରାଯାଇଥିଲା। ସେହିପରି ବାସୁଦେଇପୁରରେ ଚଢାଉବେଳେ ୧୨.୫୦୦ଲିଟର ବିଅର ଜବତ କରାଯାଇ ଜମେଶ୍ୱରଙ୍କୁ ଓ ଦାମଦୋରପୁରରେ ଚଢାଉବେଳେ ୧୦ ଲିଟରଦେଶୀ ରନ୍ଧାମଦ ଜବତ କରାଯାଇ ପ୍ରଭାକରଙ୍କୁ ଗିରଫ କରାଯାଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo